୫୧
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୨/୨୦୨୪ (୧୪ ପୃଷ୍ଠା) | Bhubaneswar, Thursday, December 12/2024 Page 14 ₹ 7.00 | RAYAGADA

୫୧ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 19 | ମୂଲ୍ୟ ₹୭/-

# ଜାମିନରେ ଆସି ବଳାତ୍କାର ପୀଡ଼ିତାଙ୍କୁ ହତ୍ୟା

**ଝାରସୁଗୁଡ଼ାର ଜଣେ ନାବାଳିକା(୧୭)ଙ୍କୁ ବଳାତ୍କାର ଅଭିଯୋଗରେ ୨୦୨୩ ଅଗଷ୍ଟ ୨୭ରେ ଗିରଫ ହୋଇଥିବା ଜଣେ ଯୁବକ ଜାମିନରେ ଜେଲରୁ ଆସି ଜଘନ୍ୟ କାଣ୍ଡ ଘଟାଇଛନ୍ତି। ପୀଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳିଥାଆନ୍ତା। ଏହି ଆଶଙ୍କାରେ ଅଭିଯୁକ୍ତ ପୀଡ଼ିତାଙ୍କୁ ପୂର୍ବରୁ ତାଙ୍କ ସପକ୍ଷରେ କୋହଳ ବୟାନ ଦେବାକୁ ଧମକ ଦେଇଥିଲେ। କିନ୍ତୁ ପୀଡ଼ିତା ଏଥିରେ ରାଜି ହୋଇ ନ ଥିବାରୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ଅଭିଯୁକ୍ତ। ଏଥିପାଇଁ ସେ ଜଣେ ସହଯୋଗୀଙ୍କ ଜରିଆରେ ପୀଡ଼ିତାଙ୍କୁ ଅପହରଣ କରିନେଇ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟି ନଦୀନାଳରେ ଫିଙ୍ଗି ଦେଇଥିଲେ। ଅନ୍ୟପକ୍ଷେ ପୀଡ଼ିତାଙ୍କ ନିଖୋଜ ସମ୍ପର୍କରେ ପରିବାର ଲୋକେ ଗତ ୭ ତାରିଖରେ କରିଥିବା ଅଭିଯୋଗ ଭିତ୍ତିରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜ୍‌କୁ ଆଧାରକରି ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହ ଏହି ବର୍ବର ହତ୍ୟା ଓ ଏହାର କାରଣ ପର୍ଦ୍ଦାଫାଶ କରିଛି।**

## ନଦୀ, ନାଳରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ



ରାଉରକେଲାର ରଘୁନାଥପାଲ୍ଲୀ ଥାନା ଅଧୀନ ବାଲୁଘାଟ ବ୍ରାହ୍ମଣୀ ନଦୀରୁ ପୀଡ଼ିତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ବାହାର କରି ଅଣାଯାଉଛି।

**ଝାରସୁଗୁଡ଼ା,୧୧।୧୨ (ଆଶିଷ ରଞ୍ଜନ ଦାଶ)**

ସୁନ୍ଦରଗଡ଼ ଜିଲା ଧରୁଆଡ଼ିହି ଥାନା ଅଞ୍ଚଳର ଜଣେ ନାବାଳିକା(୧୭)ଙ୍କ ସହ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ବଡ଼ଗାଁମାଳ ଗ୍ରାମର କୁନୁ କିଷାନ(୨୯)ଙ୍କ ବନ୍ଧୁତା ହୋଇଥିଲା। ତେବେ କୁନୁ ତାଙ୍କୁ ବଳାତ୍କାର କରିଥିବା ନେଇ ନାବାଳିକା ଜଣକ ଧରୁଆଡ଼ିହି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୯୭/୨୩) ରୁଜୁ କରି ୨୦୨୩ ଅଗଷ୍ଟ ୨୭ରେ ଅଭିଯୁକ୍ତ କୁନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୁନୁ ସେହିବର୍ଷ ଡିସେମ୍ବର ୪ରେ ଜାମିନରେ ମୁକୁଳିଥିଲେ। ଏହା ପରେ ସେ କୋର୍ଟରେ ନିଜ ସପକ୍ଷରେ ବୟାନ ଦେବା ପାଇଁ ପୀଡ଼ିତାଙ୍କ ଉପରେ ଅନେକ ଥର ଚାପ ପକାଇଥିଲେ। କିନ୍ତୁ ପୀଡ଼ିତା ଏଥିରେ ରାଜି ହୋଇ ନ ଥିଲେ। ଇତିମଧ୍ୟରେ ପୀଡ଼ିତା ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ କୁକୁରଜଙ୍ଘା ଗ୍ରାମସ୍ଥିତ ନିଜ ମାମୁ ଘରେ ରହି ଏକ ବ୍ୟୁଟି ପାର୍ଲରରେ କାମ କରୁଥିଲେ। ଆସନ୍ତା ୧୫ ତାରିଖରେ ପୀଡ଼ିତା କୋର୍ଟରେ ବୟାନ ଦେଇଥାଆନ୍ତେ। ତେଣୁ କଠୋର ଦଣ୍ଡବିଧାନ ହେବା ଆଶଙ୍କା କରି କୁନୁ ପୀଡ଼ିତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବାକୁ ଯୋଜନା କରିଥିଲେ। ତଦନୁଯାୟୀ, କୁନୁ ଜଣେ ସମ୍ପର୍କୀୟଙ୍କୁ ପୀଡ଼ିତାଙ୍କୁ ପାର୍ଲରରୁ ଆଣିବା ପାଇଁ ପଠାଇଥିଲେ। ଗତ ୭ ତାରିଖରେ କୁନୁଙ୍କ ସମ୍ପର୍କୀୟ ପୀଡ଼ିତାଙ୍କୁ ପାର୍ଲରରୁ ଏକ ବାଇକ୍‌ରେ ବସାଇ ଆଣିଥିଲେ। ଏହା ପରେ କୁନୁ ଓ ତାଙ୍କ ସହଯୋଗୀ ପୀଡ଼ିତାଙ୍କୁ ବାଇକ୍‌ରେ ନେଇ ରାଉରକେଲା-ଦେବଗଡ଼ ୧୪୩ ନମ୍ବର ☞ପୃଷ୍ଠା-୪

# ଯୌତୁକ ନିରୋଧୀ ଆଇନର ଦୁରୁପଯୋଗ ବଢ଼ୁଛି: ସୁପ୍ରିମକୋର୍ଟ

**ଅଦାଲତଗୁଡ଼ିକୁ ସତର୍କ କରାଇଲେ**

**ନୂଆଦିଲ୍ଲୀ,୧୧।୧୨**

ମହିଳାମାନଙ୍କ ଦ୍ୱାରା ଯୌତୁକ ନିରୋଧୀ ଆଇନର ଦୁରୁପଯୋଗ ବଢ଼ିବାରେ ଲାଗିଛି। ସେମାନେ ଶାଶୁଘରର ନିରୀହ ଲୋକ ଏବଂ ସମ୍ପର୍କୀୟଙ୍କ ବିରୋଧରେ ଏହି ଆଇନକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ନିର୍ଦ୍ଦିଷ୍ଟ ଅଭିଯୋଗ ବିନା କୌଣସି ଆବେଦନ ଦାଖଲ ହେଲେ ଖାରଜ କରିଦିଆଯିବା ଜରୁରୀ। ସ୍ତ୍ରୀ ଓ ତାଙ୍କ ବାପଘର ଲୋକଙ୍କ ଦ୍ୱାରା ଯୌତୁକ ନିରୋଧୀ ଆଇନକୁ ଅସ୍ତ୍ର କରିବା ପାଇଁ ଅନୁମତି ଦିଆଯିବା ଉଚିତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ମଙ୍ଗଳବାର କହିଛନ୍ତି। ବେଙ୍ଗାଲୁରୁରେ ଅତୁଲ ସୁଭାଷ ନାମକ ଜଣେ କମ୍ପାନୀ କାର୍ଯ୍ୟନିର୍ବାହୀ ସ୍ତ୍ରୀ ଓ ତାଙ୍କ ବାପଘର ଲୋକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆତ୍ମହତ୍ୟା କରିବା ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ସୁପ୍ରିମକୋର୍ଟ ଏଭଳି ଟିପ୍ପଣୀ ଦେଇଛନ୍ତି।

ମହିଳାମାନଙ୍କୁ ଶାଶୁଘର ଲୋକଙ୍କ ନିଷ୍ଠୁରତାରୁ ସୁରକ୍ଷା ଦେବା ପାଇଁ ଯୌତୁକ ନିରୋଧୀ ଆଇନ ଅଣାଯାଇଥିଲା। ତଣୁ ଯୌତୁକ ନିର୍ଯାତନା ମାମଲାର ବିଚାର କଲାବେଳେ ☞ପୃଷ୍ଠା-୪


# ୨୦ ଦିନ ପୂର୍ବରୁ ବନ୍ଦ ହେଲା ବିଧାନସଭା

**ଭୁବନେଶ୍ୱର, ୧୧।୧୨(ସୁନିତ୍ ମିଶ୍ର)**

ବିଧାନସଭାର ଶୀତ ଅଧିବେଶନକୁ ୧୬ଟି କାର୍ଯ୍ୟଦିବସ ଥାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଚସ୍ପତି ସୁରମା ପାଢ଼ୀ ମୁଲତବୀ ଘୋଷଣା କରିଛନ୍ତି। ନଭେମ୍ବର ୨୬ରୁ ଆରମ୍ଭ ହୋଇଥିବା ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ୨୦ ଦିନ ପୂର୍ବରୁ ବୁଧବାର ଗୃହକୁ ମୁଲତବୀ କରାଯାଇଛି। ବିଧାୟକମାନେ ସେମାନଙ୍କ ବିଧାନସଭା କ୍ଷେତ୍ରକୁ ଯିବାର ଗୁରୁତ୍ୱ ଥିବା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଦର୍ଶାଇ ଗୃହ କାର୍ଯ୍ୟ ବନ୍ଦ କରିବାକୁ ପ୍ରସ୍ତାବ ଦେଇଥିଲେ। ସରକାରୀ ଦଳର ଆଉ କିଛି ସଦସ୍ୟ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ଏହାପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି। ଚଳିତ ଅଧିବେଶନ ମାତ୍ର ୧୨ ଦିନ ପାଇଁ ଚାଲିଛି। ଗଲା ୩ ଦିନ ହେଲା ବିଧାନସଭା ଦ୍ୱିତୀୟାର୍ଦ୍ଧ ବିନା କାର୍ଯ୍ୟସୂଚୀରେ ଚାଲିଥିଲା।

ଚଳିତ ଅଧିବେଶନରେ ଜିଏସ୍‌ଟି ବିଲ୍, ଓଡ଼ିଶା ବିନିଯୋଗ(ସଂଖ୍ୟା ୨) ବିଲ୍ ଏବଂ ଓଡ଼ିଶା ସାର୍ବଜନୀନ ☞ପୃଷ୍ଠା-୪

# ଗୁଗଲ୍‌ରେ ସର୍ବାଧିକ ଲୋକ ଟ୍ରମ୍ପ୍‌ଙ୍କୁ ଖୋଜିଛନ୍ତି



ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ, ୧୧।୧୨**

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଚଳିତବର୍ଷ ଗୁଗଲରେ ସର୍ବାଧିକ ଲୋକ ଖୋଜିଛନ୍ତି। ଗୁଗଲର 'ଇୟର ଇନ୍ ସର୍ଚ୍ଚ ୨୦୨୪' ତାଲିକାର ବ୍ୟକ୍ତିତ୍ୱ ଶ୍ରେଣୀରେ ବିଶ୍ୱବ୍ୟାପୀ ସର୍ବାଧିକ ଲୋକ ଟ୍ରମ୍ପ୍‌ଙ୍କୁ ସର୍ଚ୍ଚ କରିଛନ୍ତି। ବ୍ରିଟେନ୍‌ର ୱେଲ୍ସ ଯୁବରାଣୀ କେଟ୍ ମିଡିଲଟନ୍ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚଳିତବର୍ଷ

## ଦ୍ୱିତୀୟରେ ପ୍ରିନ୍ସେସ୍ କେଟ୍ ମିଡିଲଟନ୍

କେଟ୍ ସଫଳତାର ସହ କର୍କଟ ରୋଗ ସହ ଲଢ଼ିଥିବାବେଳେ ଟ୍ରମ୍ପ୍ ଏକ ନିର୍ବାଚନୀ ରାଲିବେଳେ ହତ୍ୟା ଉଦ୍ୟମରୁ ବର୍ତ୍ତି ଯାଇଥିଲେ। ତେଣୁ ଉଭୟଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ବିଶ୍ୱବ୍ୟାପୀ ଲୋକମାନେ ଗୁଗଲ ମାଧ୍ୟମରେ ☞ପୃଷ୍ଠା-୪



କେଟ୍ ମିଡିଲଟନ୍

**ଆଜିର ସମ୍ପାଦକୀୟ** | ସଂସ୍କୃତଭାଷୀ ହନୁମାନ




A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




# ଘାଟିରେ ପିକ୍‌ଅପ୍ ଭ୍ୟାନ୍ ଓଲଟି ୪ ମୃତ

## ୧୬ ଗୁରୁତର, ଡ୍ରାଇଭର ଚମ୍ପଟ

ମୋହନା,୧୧।୧୨(ମନ୍ମଥ ମିଶ୍ର)

ଗଜପତି ଜିଲା ଚନ୍ଦ୍ରଗିରି ଫାଣ୍ଡି ନିକଟ ଟିଟିଙ୍ଗ ଘାଟିରେ ବୁଧବାର ପିକ୍‌ଅପ୍ ଭ୍ୟାନ ଓଲଟି ୪ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ୨ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲରେ ଜଣେ ମହିଳା ଓ ଜଣେ ପୁରୁଷ ଯାତ୍ରୀଙ୍କ ଜୀବନ ଯାଇଛି।

ଏକ ଶୁଦ୍ଧିକ୍ରିୟା ଭୋଜିରେ ଯୋଗଦେବାକୁ ରାମଗିରି ଥାନା ଅନ୍ତର୍ଗତ କେକେସିଂ ଗ୍ରାମରୁ ପିକ୍‌ଅପ୍ ଭ୍ୟାନ (ନଂ. ଓଡ଼ି୦୫ଏଏ ୯୬୭୬)ରେ ପ୍ରାୟ ୪୦ ଜଣ ମୋହନା ଥାନା ଅନ୍ତର୍ଗତ ଘାଇବାଲି ଗ୍ରାମକୁ ଆସୁଥିଲେ। ଟିଟିଙ୍ଗ ଘାଟିରେ ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଯାତ୍ରୀମାନେ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଡାଲାଗାଡ଼ି,୧୦୮ ଆମ୍ବୁଲାନ୍ସରେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରାମଗିରି ଥାନା କେକେସିଂ


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ।

ଗ୍ରାମର ବାସନ୍ତୀ ଭୂୟାଁ (୬୫) ଓ ଚନ୍ଦ୍ରମା ଭୂୟାଁ (୬୫)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ୧୪ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିବା ଡାକ୍ତର ଏନ. ଜୟପ୍ରକାଶ ସୂଚନା ଦେଇଛନ୍ତି। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରାଧା କୁଦୁମ୍ବା(୫୨) ଏବଂ ହରିବନ୍ଧୁ ଗମାଙ୍ଗ (୬୦)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ସ୍ଥଳରେ ଚନ୍ଦ୍ରଗିରି ପୋଲିସ ପହଞ୍ଚି ଓଲଟି ପଡିଥିବା ପିକଅପ ଭ୍ୟାନକୁ ଜବତ କରିବା ସହ ଅଧିକ ତଦନ୍ତ କରୁଛି। ଏ ନେଇ ନଂ. ୨୨୯/୨୪ରେ ମାମଲା ରୁଜୁ ହୋଇଛି।

# ୧୪ ଶିଳ୍ପସଂସ୍ଥାକୁ ୪୦୯୭ କୋଟି ବିଦ୍ୟୁତ୍ ବିଲ୍ ଛାଡ଼

ଭୁବନେଶ୍ୱର,୧୧।୧୨(ଅନିଲ ଦାସ)

ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧୪ଟି ଶିଳ୍ପସଂସ୍ଥାକୁ ୪୦୯୭ କୋଟି ବକେୟା ବିଦ୍ୟୁତ୍ ବିଲ୍ ଛାଡ଼ କରିଛନ୍ତି। ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଲିମିଟେଡ୍‌କୁ ୩୫୯୯ କୋଟି ଟଙ୍କାର ବକେୟା ବିଦ୍ୟୁତ୍ ବିଲ୍ ଛାଡ଼ କରାଯାଇଥିବାବେଳେ ପାରାଦୀପସ୍ଥିତ ଭାରତୀୟ ତୈଳ ନିଗମ(ଆଇଓସିଏଲ)କୁ ୩୧୪.୦୩ କୋଟି, ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟଟେଡ୍ (ଜେଏସ୍‌ପିଏଲ୍)କୁ ୧୦୩.୧୬ କୋଟି ଛାଡ଼ କରାଯାଇଛି। ସ୍ୱତନ୍ତ୍ର ଅର୍ଥନୈତିକ ଜୋନ (ଏସ୍‌ଇଜେଡ୍) ନୀତି -୨୦୧୫ ଅନୁଯାୟୀ ଉକ୍ତ ଶିଳ୍ପ ସଂସ୍ଥାକୁ ବିଦ୍ୟୁତ ବିଲ୍ ଛାଡ଼ କରାଯାଇଛି। ସେହିପରି ୱାନ୍ ଟାଇମ୍ ସେଟଲମେଣ୍ଟ(ଓଟିଏସ୍) ମାଧ୍ୟମରେ ୩୬ଟି ଶିଳ୍ପକୁ ୧୩୨୪.୮୩ କୋଟି ଟଙ୍କା ଛାଡ଼ କରାଯାଇଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟକୁ ୫୫୦.୧୨ କୋଟି, ଚୌଦ୍ୱାରରେ ଥିବା ଇମ୍ଫାକୁ ୪୪୦.୧୨ କୋଟି, ନାଲ୍‌କୋକୁ ୨୦୩.୦୩ କୋଟି, ଅନୁଗୋଳସ୍ଥିତ ଜେଏସ୍‌ପିଏଲ୍‌କୁ ୩୫.୭୬ କୋଟି, ସମ୍ବଲପୁରସ୍ଥିତ ଆଦିତ୍ୟ ଆଲୁମିନିୟମକୁ ୧୭.୭୯ କୋଟି, ଯାଜପୁରସ୍ଥିତ ଟାଟା ଷ୍ଟିଲ୍‌କୁ ୧୬ କୋଟି ଏବଂ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ୍‌କୁ ୧୦.୧୩ କୋଟି, ଜେକେ ପେପର ମିଲ୍‌କୁ ୨୬ କୋଟି ଟଙ୍କାର ବକେୟା ବିଲ୍ ଛାଡ଼ କରାଯାଇଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ୨୩ଟି ଶିଳ୍ପସଂସ୍ଥା ଉପରେ ୧୦୯୬.୩୨ କୋଟି ଟଙ୍କା ବକେୟା ରହିଛି। ଜିନ୍ଦଲ ଉପରେ ୨୮୫ କୋଟି ଟଙ୍କା ବାକି ରହିଥିବା ବେଳେ ଯାଜପୁର ଭିସା ଷ୍ଟିଲ୍ ୨୪୬ କୋଟି, ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ୧୭୯ କୋଟି, ଶ୍ୟାମ ମେଟାଲିକ୍ସ ଆଣ୍ଡ୍ ଏନର୍ଜି ଉପରେ ୮୩.୨୫ କୋଟି, ମୈଥାନ ଇସ୍ପାତ୍ ନିଗମ ଲିମିଟେଡ୍ ଉପରେ ୮୫.୩୧ କୋଟି, ପାରାଦୀପର ଏଏମ୍‌ଏନ୍‌ଏସ୍ ଉପରେ ୫୬ କୋଟି, ଭାସ୍କର ଷ୍ଟିଲ୍ ଉପରେ ୨୩ କୋଟି, ଯାଜପୁରସ୍ଥିତ ଯାଜଦାନୀ ଷ୍ଟିଲ୍ ଆଣ୍ଡ ପାୱାର ଉପରେ ୧୩.୬୮ କୋଟି ଟଙ୍କା ବକେୟା ରହିଛି।

# ୩୧ରେ ଆରମ୍ଭ ହେବ ମାଧୋସିଂ ହାତଖର୍ଚ୍ଚ ଯୋଜନା


ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଇଂଲିଶ ଓ ହିନ୍ଦୀ ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ, ଆମ ମାତୃଭାଷାର ବିକଳ୍ପ ହୋଇପାରିବନି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧୨(ସୁନିତ୍ ମିଶ୍ର)

ଇଂଲିଶ ଭାଷା ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ କିନ୍ତୁ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିକାଲି ପିଲାମାନେ ଇଂଲିଶ ଭାଷାକୁ ଯୋଗାଯୋଗର ଏକ ମାଧ୍ୟମ ଭାବେ ବ୍ୟବହାର ନ କରି, ଇଂଲିଶ କହିବାକୁ ଏକ ଫେଶନ୍ ଭାବେ ଗ୍ରହଣ କରୁଛନ୍ତି। ଇଂଲିଶ ମିଡିୟମ୍‌ରେ ପଢୁଥିବା ଅନେକ ଛାତ୍ରୀଛାତ୍ର ଓଡ଼ିଆ ଭାଷା ପଢ଼ିବାରେ ଅକ୍ଷମ, ଯାହା ଦୁଃଖର ବିଷୟ। ଇଂଲିଶ ଓ ହିନ୍ଦୀ ଆମ ପାଇଁ ଏକ ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ କିନ୍ତୁ ଏହା କେବେ ଆମ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ। ତେଣୁ ରାଜ୍ୟ ସରକାର ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱଦେଇ କାମ ଆରମ୍ଭ କରିଛନ୍ତି। ସରକାରୀ ଫାଇଲ୍‌କୁ ଓଡ଼ିଆ ଭାଷାରେ କରିବା ପାଇଁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଅନେକ ବିଭାଗରେ ଓଡ଼ିଆ ଭାଷାରେ ଫାଇଲ୍ କାମ ଆରମ୍ଭ ମଧ୍ୟ ହେଲାଣି ବୋଲି ସେ କହିଛନ୍ତି।

ତାମିଲ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ଭାରତୀୟ ଭାଷା ଉତ୍ସବ ପାଳନ କରାଯାଇଛି। ଚଳିତ ବର୍ଷର ଭାରତୀୟ ଭାଷା ମହୋତ୍ସବର ବିଷୟବସ୍ତୁ ହେଉଛି ଭାଷା ମାଧ୍ୟମରେ ଏକତା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ତାମିଲ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀରେ ଆମେ ରାଜ୍ୟସ୍ତରରେ ଭାରତୀୟ ଭାଷା ଉତ୍ସବ ଭାବେ ପାଳନ କରୁଛୁ। ଏହା କେବଳ ଏକ ଉତ୍ସବ ନୁହେଁ, ଆମ ସଂସ୍କୃତି ଏବଂ ଗୌରବର ପ୍ରତୀକ। ଭାଷାଭିତ୍ତିକ ବିବିଧତା ହେଉଛି ଆମର ସର୍ବଶ୍ରେଷ୍ଠ ଶକ୍ତି। ଏହାକୁ କାୟମନୋବାକ୍ୟରେ ଅନୁସରଣ କରି ଆମେ ଆଗକୁ ଯିବାର ସ୍ୱପ୍ନ ଦେଖିବା ହିଁ ବର୍ତ୍ତମାନର ଆବଶ୍ୟକତା। ସ୍ୱର୍ଗତ ଭାରତୀ ଯଦିଓ ତାମିଲ ସାହିତ୍ୟକୁ ନିଜ ପ୍ରତିଭା ବଳରେ ସାରସ୍ୱତ ସାଧନାରେ ଉଦ୍‌ବୁଦ୍ଧ କରିଛନ୍ତି, ସେ ଅନ୍ୟାନ୍ୟ ଭାରତୀୟ ଭାଷାକୁ ମଧ୍ୟ ଋଦ୍ଧିମନ୍ତ କରିଛନ୍ତି। ସେ ନିଜର ସାହିତ୍ୟ ମାଧ୍ୟମରେ ସମାଜ ସଂସ୍କାର ଉପରେ ଗୁରୁତ୍ୱ ଆରୋପ କରୁଥିଲେ। ସମାନତା, ମହିଳା ସଶକ୍ତୀକରଣ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଜରିଆରେ ଏକ ପ୍ରଗତିଶୀଳ ଭାରତ ଗଠନ ପାଇଁ ଉଦ୍ୟମ କରୁଥିଲେ। କବିବର ଭାରତୀଙ୍କ ଦେଶର ଭାଷା, ସାହିତ୍ୟ ସହିତ ସମାଜ ଗଠନ ପାଇଁ ତାଙ୍କ ଅବଦାନ ବିଷୟରେ ଦେଶବାସୀଙ୍କୁ ଜଣାଇବା ନିମନ୍ତେ ଗତବର୍ଷ ୨୮ ସେପ୍ଟେମ୍ବରରୁ ଆରମ୍ଭ କରି ୧୧ ଡିସେମ୍ବର ପର୍ଯ୍ୟନ୍ତ ୭୫ ଦିନ ବ୍ୟାପୀ କାର୍ଯ୍ୟକ୍ରମ ସାରା ଦେଶରେ ପାଳନ କରାଯାଇଥିଲା। ଜାତୀୟ ଶିକ୍ଷା ନୀତି ୨୦୨୦ରେ ମାତୃଭାଷାକୁ ପାଠ୍ୟକ୍ରମରେ ସାମିଲ କରିବାକୁ କୁହାଯାଇଛି। ଏଥିରେ ମାତୃଭାଷା ଏବଂ ଆଞ୍ଚଳିକ ଭାଷାକୁ ଶିକ୍ଷା ମାଧ୍ୟମରେ ପ୍ରୋତ୍ସାହିତ କରିବାର ବ୍ୟବସ୍ଥା ରହିଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ଆସନ୍ତା ୩୧ରେ ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମାଧୋସିଂ ହାତ ଖର୍ଚ୍ଚ ଯୋଜନା ବରଗଡ଼ ଜିଲା ଘେଁସରେ ଶୁଭାରମ୍ଭ ହେବ ବୋଲି କହିଛନ୍ତି।

# ଜଷ୍ଟିସ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ଘୋଷିତ

## ପ୍ରଥମଥର ପାଇଁ ଉତ୍କଳ ସାହିତ୍ୟ ସମାଜର ଲକ୍ଷେ ଟଙ୍କିଆ ସମ୍ମାନ


କଟକ,୧୧।୧୨(କାର୍ତ୍ତିକ ସାହୁ)

ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଜଷ୍ଟିସ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଜଷ୍ଟିସ୍ ମିଶ୍ରଙ୍କ ପରିବାର ପକ୍ଷରୁ ପ୍ରଦତ୍ତ ଅର୍ଥରାଶିରୁ ଏହି ସମ୍ମାନ ଓଡ଼ିଆ ସାହିତ୍ୟକୁ ବିଶେଷ ଅବଦାନ ଦେଇଥିବା ଜଣେ ସାରସ୍ୱତ ସାଧିକା/ସାଧକଙ୍କୁ ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ୧ ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ରଫଳକ, ଉତ୍କଳ ସାହିତ୍ୟ ସମାଜର ସ୍ମାରକୀଚିହ୍ନ ଓ ଉତ୍ତରୀୟ ତାଙ୍କୁ ପ୍ରଦାନ କରାଯିବ। ପ୍ରତିବର୍ଷ ମାର୍ଚ୍ଚରେ ଜଷ୍ଟିସ୍ ଦୀପକ ମିଶ୍ର ସାରସ୍ୱତ ସମ୍ମାନ ସମାରୋହ ନାମରେ ଏକ ସ୍ୱତନ୍ତ୍ର ଉତ୍ସବ ଜରିଆରେ ଏକମାତ୍ର ସମ୍ମାନ ଭାବେ ପ୍ରଦାନ କରାଯିବ। ଏଥିସହ ଶତାୟୁ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଥମଥର ପାଇଁ ୧ ଲକ୍ଷ ଟଙ୍କା ଅର୍ଥରାଶି ଥାଇ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଉତ୍କଳରତ୍ନ ଜଷ୍ଟିସ ଦୀପକ ମିଶ୍ରଙ୍କ ଉପସ୍ଥିତିରେ କଟକ କନିକା ଛକସ୍ଥିତ ବାସଭବନରେ ତାଙ୍କ ପରିବାର ପକ୍ଷରୁ ପ୍ରଦାନ କରାଯାଇଥିବା ସମ୍ମାନ ଓ ସମାବେଶ ପାଇଁ ଆବଶ୍ୟକ ଅର୍ଥରାଶିକୁ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ବୁଧବାର ଗ୍ରହଣ କରିଛନ୍ତି। ପ୍ରଥମେ ଆସନ୍ତା ୩ ବର୍ଷ ନିମନ୍ତେ ସମ୍ମାନ ରାଶି ୩ ଲକ୍ଷ ଓ ଉତ୍ସବ ଆୟୋଜନ ଖର୍ଚ୍ଚ ବାବଦରେ ବର୍ଷକୁ ୪୦ ହଜାର ଲେଖାଏ ମିଶି ମୋଟ ୪ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ଚତୁର୍ଥ ବର୍ଷଠାରୁ ଏହି ସମ୍ମାନ ପ୍ରଦାନ ନିମନ୍ତେ ଏକ ପାଣ୍ଠି ଗଠନ କରାଯିବ ବୋଲି ଜଷ୍ଟିସ ମିଶ୍ର ସୂଚନା ଦେଇଛନ୍ତି। ଉତ୍କଳ ସାହିତ୍ୟ ସମାଜର ଉପଦେଷ୍ଟା ଡ. ବିଜୟାନନ୍ଦ ସିଂହଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# 'ଓଡ଼ିଶାରେ ଏନ୍‌ଆଇପିଇଆର୍ ପ୍ରତିଷ୍ଠା କରାଯାଉ'

## କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୧।୧୨(ସୁନିତ୍ ମିଶ୍ର)


ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶାରେ ଏକ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେଶନ୍ ଆଣ୍ଡ୍ ରିସର୍ଚ୍ଚ (ଏନ୍‌ଆଇପିଇଆର୍ ବା ନାଇପର) ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖି ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ନାଇପର୍ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏହି ପଦକ୍ଷେପ ପୂର୍ବ ଭାରତରେ ଔଷଧ ଏବଂ ବାୟୋଟେକ୍ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଭୁବନେଶ୍ୱରସ୍ଥିତ ଓଡ଼ିଶା ବାୟୋଟେକ୍ ପାର୍କ ହେଉଛି ପୂର୍ବ ଭାରତରେ ପ୍ରଥମ ପାର୍କ, ଯେଉଁଠାରେ ବାୟୋଟେକ୍ନୋଲୋଜି ଇଣ୍ଡଷ୍ଟ୍ରିଜ୍ ଏବଂ ଆନୁଷଙ୍ଗିକ ସେବା କ୍ଷେତ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ପାଣି, ବିଜୁଳି, ଚିକିତ୍ସା ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧା ଉପଲବ୍ଧ ରହିଛି। ଏହି ବାୟୋଟେକ୍ ପାର୍କ ନାଇପର୍ ପ୍ରତିଷ୍ଠା ପାଇଁ ଏକ ଅନୁକୂଳ ପରିବେଶ ପ୍ରଦାନ କରୁଛି। ଏହା କେବଳ ଔଷଧ ବିଷୟରେ ଶିକ୍ଷାଗତ ଏବଂ ଗବେଷଣା ବ୍ୟବଧାନକୁ ଦୂର କରିବ ନାହିଁ, ବରଂ ଉଦ୍ଭାବନ ଏବଂ କୁଶଳୀ କର୍ମଚାରୀଙ୍କ ବିକାଶକୁ ପ୍ରୋତ୍ସାହନ ଦେବ। ଫଳସ୍ୱରୂପ ଔଷଧ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିପାଇବ। ଓଡ଼ିଶାରେ ନାଇପର ପ୍ରତିଷ୍ଠା ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସାକାର କରି ଔଷଧ କ୍ଷେତ୍ରରେ ପିଏଲ୍‌ଆଇ ଯୋଜନାର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ଉକ୍ତ ବିଷୟକୁ ଦୃଷ୍ଟିରେ ରଖି ଓଡ଼ିଶାରେ ନାଇପର୍ ସ୍ଥାପନ ପାଇଁ ବ୍ୟକ୍ତିଗତ ସ୍ତରରେ ବିଚାର କରିବା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

# ୧୫ ହଜାର ହେକ୍ଟରରେ ହେବ ଆଳୁଚାଷ

## ପିପିପି ମୋଡ୍‌ରେ ହେବ ୫୮ ହାଇବ୍ରିଡ୍ ଶୀତଳଭଣ୍ଡାର

ଭୁବନେଶ୍ୱର,୧୧।୧୨(ଅନିଲ ଦାସ)

ରାଜ୍ୟରେ ପ୍ରତ୍ୟେକ ବର୍ଷ ଆଳୁ ସଙ୍କଟ ଦେଖାଦେଉଛି। ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଖାଉଟିଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ୧୫ ହଜାର ୨୩ ହେକ୍ଟରରେ ଆଳୁଚାଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। କଟକ, କନ୍ଧମାଳ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା ଓ କୋରାପୁଟ ଜିଲାରେ ଏହି ଆଳୁଚାଷ ହେବ। ଏଥିପାଇଁ ୬୪.୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆଳୁ ଚାଷ ପାଇଁ ରାଜ୍ୟ ସରକାର ୧ ଲକ୍ଷ ୩୭ ହଜାର ୨୩୭ କୁଇଣ୍ଟାଲ ବିହନ ଯୋଗାଇ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବୁଧବାର ବିଧାନସଭାର ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ମାନସ ଦତ୍ତ ପଚାରିଥିଲେ ଯେ ରାଜ୍ୟରେ ଆଳୁଚାଷକୁ ପ୍ରୋତ୍ସାହନ ଦେବାକୁ ଚଳିତବର୍ଷ କି ପଦକ୍ଷେପ ନିଆଯାଇଛି। ଏଥିପାଇଁ କେତେ ଅର୍ଥ ବ୍ୟୟବରାଦ କରାଯାଇଛି। ଆଳୁ ଚାଷ ପରେ ସଂରକ୍ଷଣ ପାଇଁ କି ବ୍ୟବସ୍ଥା କରାଯାଇଛି। ଭାଜପା ସଭ୍ୟ ସିଦ୍ଧାନ୍ତ ମହାପାତ୍ର ପଚାରିଲେ, ଆଳୁଚାଷ ପାଇଁ ସରକାର ଜମି ଚିହ୍ନଟ କରିଛନ୍ତି କି? ବିହନ ରାଜ୍ୟରେ ହେଉଛି ନା ବାହାରୁ ଆସୁଛି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର ପଚାରିଲେ, ବାଲେଶ୍ୱରରେ ଆଳୁଚାଷ ପାଇଁ କି ବ୍ୟବସ୍ଥା କରାଯାଇଛି। ଅଧିକାଂଶ ଲୋକଙ୍କୁ ଡାଇବେଟିସ ହେଉଥିବାରୁ ରାଜ୍ୟରେ ଶର୍କରା ପରିମାଣ କମ୍ ଥିବା ଆଳୁ ଚାଷ ପାଇଁ ବ୍ୟବସ୍ଥା କରିବେ କି? କଂଗ୍ରେସ ସଭ୍ୟ ରାମଚନ୍ଦ୍ର କାଡାମ ପଚାରିଲେ, ଚାଷୀଙ୍କ ଆଳୁ ରାଜ୍ୟ ସରକାର କିଣୁନାହାନ୍ତି। ଚାଷୀ ବାଧ୍ୟ ହୋଇ କମ୍ ଦରରେ ଅନ୍ୟ ରାଜ୍ୟ ଚାଷୀଙ୍କୁ ବିକ୍ରି କରି ଦେଉଛନ୍ତି। ବିଜେଡି ସଭ୍ୟ ସୁବାସିନୀ ଜେନା ପଚାରିଲେ, ଘରୋଇ ବିହନ ମାନ ପରୀକ୍ଷା ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି। ଭାଜପା ସଭ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ ପଚାରିଲେ, ବିଗତ ସରକାର ଆଳୁ ମିଶନ କରି ଫେଲ୍ ମାରିଲେ। ଚାଷୀଙ୍କୁ ଠିକ୍ ସମୟରେ ଆଳୁ ବଣ୍ଟନ ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି।


କନକବର୍ଦ୍ଧନ ସିଂଦେଓ

ବିଜେଡି ସଭ୍ୟ ଗଣେଶ୍ୱର ବେହେରା ପଚାରିଲେ, ବିଦ୍ୟୁତ୍ ବିଲ୍ ଅଧିକ ହେଉଥିବାରୁ ଶୀତଳଭଣ୍ଡାର ବନ୍ଦ ହୋଇଯାଉଛି। ଆଳୁ କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ଅଚଳ ଶୀତଳଭଣ୍ଡାରକୁ ସଚଳ କରିବେ କି? ଭାଜପା ସଭ୍ୟ ରଘୁନାଥ ଜଗଦଳା ପଚାରିଲେ, ବ୍ରାଜିଲ ଓ ଆର୍ଜେଣ୍ଟିନାରେ ଗୋଟିଏ ଆଳୁ ୧ରୁ ୨ କିଲୋ ଓଜନ ହେଉଛି। ସେଭଳି ମଞ୍ଜି ଆଣି ଓଡ଼ିଶାରେ ପରୀକ୍ଷା କରିବେ କି? ବିଜେଡି ସଭ୍ୟ ରାଜେନ୍ଦ୍ର ଢୋଲକିଆ ପଚାରିଲେ, ଶୀତଳଭଣ୍ଡାର ପାଇଁ ବିଦ୍ୟୁତ୍ ମୂଲ୍ୟ ବ୍ୟବସାୟିକ ନ କରି ଘରୋଇ ଦର କରିବେ କି? ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ପଚାରିଲେ, ବିଜେଡି ସରକାର ସମୟରେ କୃଷି ଓ ଶକ୍ତି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ବିଦ୍ୟୁତ୍ ବିଲ୍ ଦର ୟୁନିଟ ପିଛା ୭ଟଙ୍କା ୨୦ ପଇସାରୁ ୪ ଟଙ୍କା ୨୦ ପଇସାକୁ ହ୍ରାସ କରାଯାଇଥିଲା। ଏହି ପ୍ରସ୍ତାବକୁ ସରକାର କାର୍ଯ୍ୟକାରୀ କରିବେ କି?

ଉତ୍ତରରେ କୃଷି ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଆଳୁ ରଖିବା ପାଇଁ ୫୮ଟି ସବ୍‌ଡିଭିଜନରେ ହାଇବ୍ରିଡ୍ ଢାଞ୍ଚାରେ ପିପିପି ମୋଡ୍‌ରେ ଶୀତଳଭଣ୍ଡାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୀତଳଭଣ୍ଡାର ଉଭୟ ବିଦ୍ୟୁତ୍ ଓ ସୌରଶକ୍ତିରେ ଚାଲିବ। ଯେଉଁମାନେ ଶୀତଳଭଣ୍ଡାର କରିବାକୁ ଚାହିଁବେ, ସରକାର ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ। ଆଳୁ ବିହନ ପଶ୍ଚିମବଙ୍ଗରୁ ଆସୁଛି। ରାଜ୍ୟରେ ଉତ୍ପାଦନ ପାଇଁ ଉଦ୍ୟମ କରାଯିବ। ନଭେମ୍ବର ପ୍ରଥମ ସପ୍ତାହରୁ ଆଳୁ ବିହନ ଚାଷୀଙ୍କୁ ଦେବାକଥା। ମାତ୍ର ଗତ ସରକାର ଜାନୁୟାରୀରେ ଆଳୁ ବିହନ ଦେବାରୁ ଚାଷୀ ଚାଷ କରିବା ପରିବର୍ତ୍ତେ ତାକୁ ଖାଇଦେଲେ। ବିଜୁଳି ଦର ପାଇଁ ନୁହେଁ, ବରଂ ପୂର୍ବ ସରକାରଙ୍କ ତ୍ରୁଟି ପାଇଁ ଶୀତଳଭଣ୍ଡାର ବନ୍ଦ ପଡ଼ିଛି। ଗତ ସରକାର ସମୟରେ ଶୀତଳଭଣ୍ଡାର ଦାୟିତ୍ୱ ଅର୍ଥତତ୍ତ୍ୱ(ଏଟି) ଭଳି ଚିଟ୍‌ଫଣ୍ଡ କମ୍ପାନୀକୁ ଦିଆଯାଇଥିଲା। ଏଟି ଚିଟ୍‌ଫଣ୍ଡ କମ୍ପାନୀ ଏହାକୁ ବନ୍ଧକ ରଖିବାରୁ ଶୀତଳଭଣ୍ଡାର ବନ୍ଦ ହୋଇଗଲା। ରାଜ୍ୟରେ ୧୩୩ଟି ଶୀତଳଭଣ୍ଡାରରୁ ୩୫ଟି କାର୍ଯ୍ୟକ୍ଷମ ରହିଥିବାରୁ ଆଳୁ ସଂରକ୍ଷଣରେ ସମସ୍ୟା ଦେଖାଦେଉଛି। ସରକାରଙ୍କ ଅଧୀନରେ ଥିବା ୧୮ଟିରୁ ମାତ୍ର ୨ଟି ଚାଲୁଥିବାବେଳେ ଉଦ୍ୟାନ କୃଷି ଅଧୀନରେ ଥିବା ୪ଟି ସମ୍ପୂର୍ଣ୍ଣ ବନ୍ଦ ଅଛି। ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ୧୧୧ଟି ଶୀତଳଭଣ୍ଡାରରୁ ୩୩ଟି କାର୍ଯ୍ୟକ୍ଷମ ଅଛି। ଆଗାମୀ ଦିନରେ ପଶ୍ଚିମବଙ୍ଗ ଉପରେ ଆଳୁ ପାଇଁ କିପରି ନିର୍ଭର କରିବାକୁ ପଡ଼ିବ ନାହିଁ ସେଥିପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରୁଛନ୍ତି। ଡାଇବେଟିସ ନ ହେବା ଭଳି ଆଳୁ କିପରି ହେଉଛି ସେ ନେଇ ବିଧାୟକଙ୍କଠାରୁ ପ୍ରସ୍ତାବ ନେବି ବୋଲି କୃଷିମନ୍ତ୍ରୀ କହିଛନ୍ତି।

# ବିଧାନସଭାରେ ୱାଲ୍‌ଟିୟର ତାତି

ଭୁବନେଶ୍ୱର,୧୧।୧୨(ଅନିଲ ଦାସ)

ପୂର୍ବତଟ ରେଳପଥ ଅଧୀନରେ ଥିବା ୱାଲ୍‌ଟିୟର ଡିଭିଜନକୁ ବିଶାଖାପାଟଣା ସାଉଥ୍ ସେଣ୍ଟ୍ରାଲ ରେଲ୍‌ୱେରେ ମିଶାଇ ଦେବା ପ୍ରସଙ୍ଗରେ ବିଜେଡି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ବୁଧବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗକୁ ଉଠାଇ ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ମମତା ନାହିଁ। ୱାଲ୍‌ଟିୟର ଡିଭିଜନ ଯଦି ସାଉଥ୍ ସେଣ୍ଟ୍ରାଲ ରେଲ୍‌ୱେ, ବିଶାଖାପାଟଣା ସହିତ ମିଶାଇ ଦିଆଯାଏ ତେବେ ଓଡ଼ିଶାର ୨୦ ହଜାର କୋଟି ଟଙ୍କା ରାଜସ୍ୱ ହାନି ହେବ। ଆମକୁ ଲଜ୍ଜା ଲାଗୁଛି। ଆମେ ରେଳମନ୍ତ୍ରୀଙ୍କୁ ଭୋଟ ଦେଇ ଦିଲ୍ଲୀ ପଠାଇଛୁ। ଆମେ ଜାଣିଛୁ ତାଙ୍କର ଓଡ଼ିଶାପ୍ରୀତି ନାହିଁ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଶୀର୍ବାଦରେ ପୂର୍ବତଟ ରେଳପଥ ହୋଇଥିଲା ବୋଲି ସ୍ୱାଇଁ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ତୁରନ୍ତ ଏ ନିଷ୍ପତ୍ତିରୁ ସରକାର ଓହରିଯାଆନ୍ତୁ। ୱାଲ୍‌ଟିୟର ଡିଭିଜନ ଯଦି ଆନ୍ଧ୍ରକୁ ଯାଏ, ତାହା ଚିନ୍ତାଜନକ। ଏଥିରେ ଓଡ଼ିଶା ତାହାର ହକ୍ ହରାଇବ। ଓଡ଼ିଶାର ଖଣି, ପାଣି ଲୁଟ୍ କରିବାକୁ ଭାଜପା ସରକାର ଚେଷ୍ଟା ଚଳାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜବାବରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି, ଓଡ଼ିଶାର ଗୋଟେ ଇଞ୍ଚ ମଧ୍ୟ ଅଲଗା ରାଜ୍ୟକୁ ଯିବ ନାହିଁ। ଇଷ୍ଟକୋଷ୍ଟ ତିନୋଟି ଡିଭିଜନକୁ ନେଇ ଚାଲିବ। ୟୁପିଏ ସରକାର ସଦର୍ନ ଡିଭିଜନ କରିବାକୁ ଚାହୁଁଥିଲେ। ସେତେବେଳେ ବିଜେଡି ଏମ୍‌ପିମାନେ କ'ଣ କରୁଥିଲେ। କେନ୍ଦ୍ର ସରକାର ଓଡ଼ିଶାରେ ରେଳର ବିକାଶ ପାଇଁ ୭୩ ହଜାର କୋଟି ଟଙ୍କା ଦେଇଛନ୍ତି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ଓ ଅମରେନ୍ଦ୍ର ଦାଶ କହିଛନ୍ତି, ୨୦୧୪ ପରେ କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ରେଳର ବିକାଶ ପାଇଁ ଓଡ଼ିଶାକୁ ପର୍ଯ୍ୟାପ୍ତ ଅର୍ଥ ମିଳିଛି।

**ଆଜିର ମନ୍ତବ୍ୟ**
ଉପରାଷ୍ଟ୍ରପତି ଜଗଦୀପ ଧନକର ହେଉଛନ୍ତି କେନ୍ଦ୍ର ସରକାରଙ୍କ ସବୁଠାରୁ ବଡ଼ ମୁଖପାତ୍ର। ସେ ଅତି ଚତୁରତାର ସହ ରାଜ୍ୟ ସଭାରେ ବିରୋଧୀଙ୍କ ସ୍ୱରକୁ ପ୍ରତିହତ କରନ୍ତି।
**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନୃତ୍ୟାଞ୍ଜଳି ପକ୍ଷରୁ ତ୍ରିମୁଖୀ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସମୟ: ଅପରାହ୍ନ ୧ଟା ୩୦।
- ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ଦେବଦାସୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପ୍ରତ୍ୟାବର୍ତ୍ତନ ୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ତ୍ରିଦିନାତ୍ମକ ଯଜ୍ଞ, ସ୍ଥାନ: ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ବିଜେସ୍ଥଳୀ, ଶଙ୍ଖାମେରୀ, ବଡ଼ମ୍ବା, ସମୟ: ସକାଳ ୭ଟା।
- ରତାପାଟ ଲକ୍ଷ୍ମୀପୂଜା ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ରତାପାଟ, ବଡ଼ମ୍ବା, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଅରବିନ୍ଦ ସ୍କୁଲ ଅଫ୍ ନିଉ ଥଟ୍ ଓ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟ ପକ୍ଷରୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ଶ୍ରୀରାମନଗର, ମଧୁପାଟଣା, ସମୟ: ସକାଳ ୯ଟା୧୫।
- ଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ନାମେଣ୍ଟ ଓଡ଼ିଶା ମାଷ୍ଟର୍ସ ୨୦୨୪ର ତୃତୀୟ ଦିବସ, ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଗୀତିକବି ନଗେନ୍ଦ୍ର ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ସ୍ମୃତିସଭା, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଶ୍ରୀମଦ୍ ଭାଗବତ କଥା ପ୍ରବଚନ ସଭାର ପଞ୍ଚମ ଦିବସ,ସ୍ଥାନ:ଆଇଟିଆଇ ଛକ, ବାଲେଶ୍ୱର,ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ନବମ ସନ୍ଧ୍ୟା,ସ୍ଥାନ:ପୁରୁଣା ଷ୍ଟାଡିୟମ୍ ପଡ଼ିଆ ,ବାଲେଶ୍ୱର,ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ବିଶାଳ ଗୀତାଯଜ୍ଞ, ସ୍ଥାନ: ରାମ ମନ୍ଦିର, ତିହିଡ଼ି, ସମୟ: ଅପରାହ୍ନ ୨ଟା।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବାଣିଜ୍ୟ ମେଳାର ୭ମ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଖାଦ୍ୟ ମେଳା, ସ୍ଥାନ: କେନ୍ଦୁଝର ମାଇନିଂ ରୋଡସ୍ଥିତ ସିଟି କିଡ୍‌ସ ସ୍କୁଲ, ସମୟ: ପୂର୍ବାହ୍ନ ୧୧ ଟା।
- ୩୨ତମ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ସଦର ବ୍ଲକ ପଦ୍ମପୁର ଆଇଟିଆଇ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟଞ୍ଜନ ଦ୍ୱାଦଶୀ, ସ୍ଥାନ: କେନ୍ଦୁଝର ପୁରୁଣା ସହର ସିଦ୍ଧ ଜଗନ୍ନାଥ ମନ୍ଦିର, ସିଦ୍ଧମଠ, ସମୟ: ଅପରାହ୍ନ ୧ଟା।

## ମୟୂରଭଞ୍ଜ
- ସର୍ବ ଭାରତୀୟ ଲେଟ୍‌କଟ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଷ୍ଟେଶନ ବଜାର, ଲେଟକଟ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମହୋତ୍ସବ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।

## ଗଞ୍ଜାମ
- ୬୦ତମ ଗୀତା ଜୟନ୍ତୀ, ସ୍ଥାନ: ଭଞ୍ଜନଗର ବ୍ଲକ ତୁଳସୀପଲ୍ଲୀ, ସମୟ: ସନ୍ଧ୍ୟା ୭ଟା।

## ଗଜପତି
- ମୋହନା ମହୋତ୍ସବ ମଶାଲ ଶୋଭାଯାତ୍ରା, ସ୍ଥାନ: ହିଲଟପ କଲେଜଠାରୁ ହାଇସ୍କୁଲ ପଡିଆ ପର୍ଯ୍ୟନ୍ତ,ସମୟ: ସକାଳ ୯ଟା।
- ମୋହନା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ହାଇସ୍କୁଲ ପଡିଆ,ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ଶ୍ରୀ ଅରବିନ୍ଦଙ୍କ ଦେହାବଶେଷ ସ୍ଥାପନ ଓ ଅରୋମିରା ଦିବ୍ୟଜ୍ୟୋତି ଆଶ୍ରମର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଲକ୍ ଛକ ନିକଟ, ତିର୍ତ୍ତୋଲ ସମୟ: ସକାଳ ୯ଟା।
- ଶକ୍ତି ସଂରକ୍ଷଣ ସପ୍ତାହ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ୨୪ତମ ସର୍ବଭାରତୀୟ ବୃହତ୍ ବନ୍ଦର ୪ ଦିନିଆ ସାଂସ୍କୃତିକ ସମାରୋହ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- କୁମ୍ଭକାର ଗୋଷ୍ଠୀ ପକ୍ଷରୁ କୁରାଳ ପଞ୍ଚମୀ ପୂଜା କାର୍ଯ୍ୟକ୍ରମ, ନୁଣୁକୁଆ, ପାରାଦୀପ ଲକ୍‌ଥାନା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚରେ ନେତାଜୀ କ୍ରିକେଟ୍ କ୍ଲବ୍ ବନାମ କେନ୍ଦ୍ରାପଡ଼ା ଲାୟନ୍ସ ମଧ୍ୟରେ ମୁକାବିଲା, ସ୍ଥାନ:ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ହିନ୍ଦୁ ଏକତା ମଞ୍ଚ ପକ୍ଷରୁ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମନକରପୁର, କେନ୍ଦ୍ରାପଡ଼ା ସହର ସମୟ:ପୂର୍ବାହ୍ନ ୧୦ଟା।
- ବନବିଭାଗ ପକ୍ଷରୁ ଅଲିଭରିଡଲେ କଇଁଛ ସୁରକ୍ଷା ଓ ସଂରକ୍ଷଣ ସଚେତନତା ସଭା, ସ୍ଥାନ: ଶାସନପେଟା, ଗହୀରମଥା ରେଞ୍ଜ, ସମୟ:ପୂର୍ବାହ୍ନ ୧୧ଟା।

## ଯାଜପୁର
- ବାଲାଂଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ପ୍ରତିବାଦ ସଭା,ସ୍ଥାନ : ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବଣିକ ସଂଘ ପକ୍ଷରୁ ମହାଲକ୍ଷ୍ମୀ ପୂଜା, ସ୍ଥାନ: ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜା, ସ୍ଥାନ:କଣ୍ଟିଲୋ ସେବକ ସାହି, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାଲକ୍ଷ୍ମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକର ବେଣାଗାଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସ୍ମାର୍ଟ ବଜାରର ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ବ୍ଲକ୍ ବାଲୁଗାଁ ହାଟ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶେଷ କ୍ୱାଟର ଫାଇନାଲ ମ୍ୟାଚ ଏ ଆଣ୍ଡ କଲିକତା ବନାମ ବାଲେଶ୍ୱର ଆଦର୍ଶ କ୍ଲବ, ସ୍ଥାନ: ଫତେଗଡ ନାଲିସାଗର ଖେଳପଡ଼ିଆ, ସମୟ:ପୂର୍ବାହ୍ନ୧୧ଟା।
- ମା'ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାଲକ୍ଷ୍ମୀ ପୂଜା, ସ୍ଥାନ:ଗୋଡିପଡା ତଳସାହି, ସମୟ: ମଧ୍ୟାହ୍ନ ୧୨ଟା।
- ମହାଲକ୍ଷ୍ମୀ ପୂଜା, ସ୍ଥାନ:କଣ୍ଟିଲୋ ହରି ସୁବୁଦ୍ଧି ପାଟଣା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା
- ବ୍ଲକସ୍ତରୀୟ ଚଇତି ଉପଲକ୍ଷେ କଳସ ଯାତ୍ରା, ମଶାଲ ଶୋଭାଯାତ୍ରା, ମିନି ମାରାଥନ, ସ୍ଥାନ: ମହାବିଦ୍ୟାଳୟ ଖେଳ ପଡ଼ିଆ, ମୁନିଗୁଡ଼ା, ସମୟ: ସକାଳ ୭ଟା।
- ଟ୍ରାଇ ସାଇକେଲ ରେସ୍ ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ବସ୍‌ଷ୍ଟାଣ୍ଡ ଛକ, ସମୟ: ସକାଳ ୮ ଟା।
- ୱେଟ ଲିଫ୍ଟିଂ ପ୍ରତିଯୋଗିତା, ସ୍ଥାନ: ଆମ୍ବାଗୁଡ଼ାସ୍ଥିତ ନୂଆ ଇଣ୍ଡୋର ଷ୍ଟାଡିୟମ୍, ସମୟ: ସକାଳ ୮ ଟା।
- ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଆମ୍ବାଗୁଡ଼ାସ୍ଥିତ ନୂଆ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୯ ଟା।
- ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବନ ବିଭାଗ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।
- କବାଡି ପ୍ରତିଯୋଗିତା, ସ୍ଥାନ: ଜିସିଡି ଖେଳ ପଡ଼ିଆ, ରାୟଗଡ଼ା, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜନ ସମ୍ବଲପୁରୀ ନାଟକ ଟଢ଼େଁଇ ମଞ୍ଚସ୍ଥ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ : ମ୍ୟୁନିସିପାଲିଟି ପରିସର, ସମୟ : ଅପରାହ୍ନ ୫ଟା ୩୦।

## ସୁବର୍ଣ୍ଣପୁର
- ତରଭା ଲକ୍ଷ୍ମୀନାରାୟଣ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ତରଭା ମେହେର ପଡା ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର, ସମୟ: ସକାଳ ୯ଟା।
- ମା ' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଭାଲିଆପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃରାଜ୍ୟ ଡୁଲେଶ୍ୱର କ୍ରିକେଟ କପର ଫାଇନାଲ, ସ୍ଥାନ: ଡୁଲେଶ୍ୱର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମାୟାବାର୍ହା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦଯାପନ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ମଧାହ୍ନ ୧୨ଟା ୩୦।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ମାର୍ଗଶିର ଶେଷ ଗୁରୁବାର ଅବସରରେ ଅପେରା, ସ୍ଥାନ: ବଡ଼ବର୍ତ୍ତକଟା, ବୀରମହାରାଜପୁର ବ୍ଲକ, ସମୟ: ରାତ୍ର ୧୧ଟା।

## ବରଗଡ଼
- ଲକ୍ଷ୍ମୀ ପୂଜା ଉତ୍ସବ, ସ୍ଥାନ: ସାହୁପଡ଼ା ଛକ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କାୟାକଳ୍ପ ଆୱାର୍ଡ଼ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ରାଉରକେଲା
- ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରଦର୍ଶନୀ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଅୟୁଷ ଆନ୍ତଃ ମହାବିଦ୍ୟାଳୟ ସ୍ପୋର୍ଟସ ମିଟ ୨୦୨୪ ୫ମ ଦିବସ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର,ସ୍ଥାନ: ସେକ୍ଟର--୪, ସମୟ: ପୂର୍ବାହ୍ନ ୧୧ଟା।
- ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ୨୦ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି
- ଜିଲାସ୍ତରୀୟ ଯୁବ ଉତ୍ସବ ତଥା ପ୍ରତିଭା ଚୟନ ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୃଷକ ସମାବେଶ ଓ ଗଣଧାରଣା, ସ୍ଥାନ: କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ
- ବୌଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ତୃତୀୟ ଦିନ, ସ୍ଥାନ: ଭୈରବୀ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଶ୍ୱିନୀ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନକରି ମାନସିକ ବ୍ୟସ୍ତତା ବୃଦ୍ଧିକରିବେ। ଆର୍ଥିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ସ୍ଥଗିତ କାମରେ ଅଗ୍ରଗତି, ପାରିବାରିକ ସମସ୍ୟା ସମାଧାନ କରିବେ। ବ୍ୟୟବୃଦ୍ଧି ଓ ଶତ୍ରୁତାଜନିତ ସମସ୍ୟାର ସମ୍ମୁଖୀନ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ପରିବାରରେ ଅଶାନ୍ତି ଉଦ୍ରେକ କରିପାରେ।

**ବୃଷ**
ଧନ ସ୍ଥାନରେ ବକ୍ରୀ ବୃହସ୍ପତିଜନିତ ଧନହାନି କିମ୍ବା ଅପବ୍ୟୟଜନିତ ମନସ୍ତାପ ବୃଦ୍ଧିକରିବ। ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦର ଲାଭକରିବା ସହ ଦିନଟି ସମ୍ପୂର୍ଣ୍ଣ ଉପଭୋଗ୍ୟ ହୋଇପାରେ। ସାଙ୍ଗସାଥୀ ଓ ବନ୍ଧୁଙ୍କ ସହାନୁଭୂତି ସହ ବୈଷୟିକ ସୁଖ, ସମୃଦ୍ଧି ଓ ଶିଳ୍ପ, ବାଣିଜ୍ୟରୁ ଲାଭବାନ୍ ହେବେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
କର୍ମଭାବସ୍ଥ ବଳବାନ୍ ରାହୁ ଆପଣଙ୍କୁ କୌଶଳ ପ୍ରଦାନକରି କାର୍ଯ୍ୟ ସାଧନ ପାଇଁ ମାର୍ଗ ଉନ୍ମୁକ୍ତ କରାଇବେ। ପାରିବାରିକ ଜୀବନର ବ୍ୟତିକ୍ରମକୁ ସୁଧାରିବାରେ ପ୍ରଯତ୍ନ କରିବେ। ଆର୍ଥିକ ସ୍ଥିତି, ବନ୍ଧୁ ସମ୍ପର୍କ, ପିଲାଙ୍କ ଶିକ୍ଷା, ଶତ୍ରୁତା ବିଷୟରେ ଚିନ୍ତା ବଢ଼ିବ। ବିଦେଶଯାତ୍ରା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ।

**କର୍କଟ**
ମଙ୍ଗଳଗ୍ରହଙ୍କ ନୀଚଭଙ୍ଗ ରାଜଯୋଗ ମଙ୍ଗଳଜନକ କାମ ପାଇଁ ଅନୁପ୍ରେରିତ କରିପାରନ୍ତି। ଶୁକ୍ର ସପ୍ତମସ୍ଥ ହୋଇ ଆପଣଙ୍କୁ ବିଳାସପ୍ରିୟ, ମନୋରଞ୍ଜନର ଖୋରାକ ପ୍ରଦାନ କରିବେ। ପରିବାର, ପରିବହନ, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଦିଗ ପ୍ରତି ଅନୁକୂଳତା ସୃଷ୍ଟି କରିବେ। ତରବର ହେଲେ ଅସୁବିଧାରେ ପଡ଼ିବାର ଆଶଙ୍କା ରହିଛି।

**ସିଂହ**
ରାଶ୍ୟାଧିପ ରବି ଦୁର୍ବଳ ରହିଥିବାରୁ ସୁବିଧା ସୁଯୋଗ ପାଇଲେ ଉପଭୋଗ୍ୟ ହୋଇ ନ ପାରେ। ସାଧାରଣ କଥାରୁ ଝଗଡ଼ା ଲାଗିପାରେ। ବାଦବିବାଦ, ପ୍ରତିଦ୍ୱନ୍ଦ୍ୱିତା, ଅନାବଶ୍ୟକ ବାର୍ତ୍ତାଳାପ ସମସ୍ୟା ଓ ଶତ୍ରୁତା ସୃଷ୍ଟି କରିବ। ଦୂରଯାତ୍ରା, କର୍ମାରମ୍ଭ, ଲୋକସମ୍ପର୍କ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ୍ୟ ହୋଇପାରିବ।

**କନ୍ୟା**
ସପ୍ତମସ୍ଥ ରାହୁଙ୍କ ଯୋଗୁ ମନ ମୁତାବକ କାମ ଆତ୍ମୀୟଙ୍କ ବିରୋଧରୁ ବିଗିଡ଼ିଯିବ। ସ୍ତ୍ରୀଙ୍କ ସହ ଉତ୍ତମ ବୁଝାମଣା, ବୟସ୍କଙ୍କ ସହୃଦୟତା, ସହକର୍ମୀଙ୍କ ଅନୁରକ୍ତି ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ସମ୍ପର୍କରେ ଅସ୍ଥିରତା ଦେଖାଦେଇପାରେ। ଆଜି ସଭାସମିତି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୂତ ହେବାର ବିଶେଷ ସମ୍ଭାବନା ରହିଛି।

**ତୁଳା**
କେନ୍ଦ୍ରସ୍ଥ ଶୁକ୍ରଙ୍କ ପ୍ରଭାବରୁ ମଜାମଉଜ, ବନ୍ଧୁମିଳନ, ନୂତନ ସ୍ଥାନ ପରିଦର୍ଶନ ମାଧ୍ୟମରେ ଅତିବାହିତ କରିବେ। ସହନଶୀଳତା, ଉଦାରତା ଗୁଣରୁ ପ୍ରିୟଜନଙ୍କ ଅନୁରକ୍ତି, ବନ୍ଧୁମାନଙ୍କ ସହାନୁଭୂତି, ପାରିବାରିକ ସ୍ଥିତି ହାଲୁକା ରହିବ। ଭଲ ସମ୍ପର୍କ ରହିଥିବା ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି।

**ବିଛା**
ଭାଗ୍ୟସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି ଆପଣଙ୍କୁ ମନ ମୁତାବକ ସୁଫଳ ଦେବା ସହ ଲୋକପ୍ରିୟତା ସୃଷ୍ଟିକରିବ। ଅନ୍ୟମାନଙ୍କ କାନକୁହା କଥା ଦ୍ୱାରା ପ୍ରଭାବିତହୋଇ ଭଲ ସମ୍ପର୍କ ଥିବା ବନ୍ଧୁ ଭୁଲ୍ ବୁଝିପାରନ୍ତି। ଖର୍ଚ୍ଚାନ୍ତ ହେଲେ ମଧ୍ୟ ସହକର୍ମୀଙ୍କ ଜରିଆରେ ମୂଲ୍ୟବାନ୍ ଦ୍ରବ୍ୟ ପାଇବେ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ।

**ଧନୁ**
ଷଷ୍ଠସ୍ଥ ଗୁରୁଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ଲାଗିରହିବ। ପରିବହନ ଓ ସହକର୍ମୀଙ୍କ ଦ୍ୱାରା କୌଣସି ସମସ୍ୟା ଭାବାନ୍ତର ସୃଷ୍ଟିକରିବ। ପ୍ରୀତିବର୍ଦ୍ଧକ ପରିବେଶରେ ପ୍ରିୟଜନଙ୍କ ସହ ମତାନ୍ତରଜନିତ ସମସ୍ୟାର ସମାଧାନ ହୋଇଯିବ। ଲୋକ ସମ୍ପର୍କ ବୃଦ୍ଧି ସାଙ୍ଗକୁ ଆନୁଷ୍ଠାନିକ, ସାମାଜିକ ଓ ରାଜନୈତିକ କ୍ଷେତ୍ର ଉତ୍ତମ ରହିବ।

**ମକର**
ଶୁକ୍ର ଓ ଚନ୍ଦ୍ରଙ୍କ ସ୍ଥିତିଜନିତ ସକାଳୁ ଶୁଭଖବର ସହ ବନ୍ଧୁଙ୍କ ସହ ଆଲୋଚନା ମନକୁ ଆହ୍ଲାଦିତ କରିବ। ଅବହେଳା ଯୋଗୁ କେତେକ ସ୍ଥଗିତ କାମକୁ ସମ୍ପନ୍ନ କରିବା ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ୍ୟହୋଇପାରନ୍ତି। ଛୋଟିଆ କଥାକୁ କେନ୍ଦ୍ରକରି ସାଧାରଣ ଯୁକ୍ତିତର୍କଜନିତ ଦାମ୍ପତ୍ୟ ଜୀବନରେ ତିକ୍ତତା ବୃଦ୍ଧିର ସୂଚନା ରହିଛି।

**କୁମ୍ଭ**
ଶନି ଦୃଷ୍ଟ ଚନ୍ଦ୍ରଜନିତ ସମସ୍ୟାର ସମାଧାନ ପରିପ୍ରେକ୍ଷୀରେ ଆଜି ମାନସିକ ସ୍ଥିରତା ରହି ନ ପାରେ। ଶିଳ୍ପ, ବ୍ୟବସାୟ, ସଭାସମିତିରେ ପଦମର୍ଯ୍ୟାଦା ବଢ଼ିବ। ଅର୍ଥ ସଙ୍କଟ ଯୋଗୁ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଯାଇପାରେ। ପରୋକ୍ଷ ଶତ୍ରୁତା, ବନ୍ଧୁବିଚ୍ଛେଦ, ପ୍ରବାସରେ ରହୁଥିବା ସନ୍ତାନଙ୍କ ସକାଶେ ମନ ବିଚଳିତ ରହିବ।

**ମୀନ**
ଆଗାମୀ ଯୋଜନାକୁ ସଫଳ କରିବାରେ ଆତ୍ମୀୟଙ୍କ ସୁପରାମର୍ଶ ଓ ସାହାଯ୍ୟ ସହାୟକ ହେବ। ତଥାପି ବ୍ୟୟବୃଦ୍ଧି, ଅର୍ଥନୈତିକ ସମସ୍ୟା, ଶତ୍ରୁତାଜନିତ ବିବାଦ, ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖହୋଇପାରେ। ପରିବାରରେ ପକ୍ଷପାତିତାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟିର ସୂଚନା ରହିଛି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପ୍ରାୟତଃ ସନ୍ତୋଷଜନକ ରହିବ।

ଆଜି ଡିସେମ୍ବର ୧୨ ତାରିଖ, ସ୍ୱଦେଶୀ ଦିବସ, ମାର୍ଗଶିର ଶୁକ୍ଳ ପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ, ମାଣବସା ଗୁରୁବାର ଶେଷପାଳି, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ। ରାଶିନକ୍ଷତ୍ର-ସକାଳ ଘ. ୦୯।୫୨ ମି. ଗତେ, ଦ୍ୱିଜା/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୬।୧୫ ଗତେ, ଘ.୦୭।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୧।୦୧ ଗତେ, ଘ.୦୨।୨୨ ମଧ୍ୟେ ରାହୁକାଳ।

# ଶ୍ରୀମନ୍ଦିର ଜଗିବେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ



- ୨ କାଟାଗୋରିରେ ରହିବେ ୧୦୮୩
- ପୋଲିସ ବିଭାଗରୁ ଚୟନ ହେବେ
- ନିଯୁକ୍ତି, ଡ୍ରେସ୍ କୋଡ୍ ପାଇଁ ଡିଜିପିଙ୍କୁ ଦାୟିତ୍ୱ

ପୁରୀ,୧୧।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ସ୍ୱତନ୍ତ୍ର ବାଟାଲିୟନ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମୋଡାଲିଟି ଆସିଛି। ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ ଗଠନ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଙ୍କୁ ଚିଠି କରାଯାଇଛି। ଏଥିରେ ଏକ୍ଜକ୍ୟୁଟିଭ ଷ୍ଟାଫ୍ ଓ ମିନିଷ୍ଟରିଆଲ ଷ୍ଟାଫ୍ ମିଶି ସମୁଦାୟ ୧୦୮୩ ଜଣ ରହିବେ। ନୂଆ ନିଯୁକ୍ତି ନୁହେଁ ବରଂ ପୋଲିସ ବିଭାଗରୁ ଦକ୍ଷ କର୍ମଚାରୀଙ୍କୁ ଚୟନ କରାଯାଇ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଡେପୁଟେଶନରେ ମୁତୟନ କରାଯିବ। ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱ ସମେତ ଗୁଣ୍ଡିଚା ମନ୍ଦିର, ଶ୍ରୀଦାଣ୍ଡ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ମାଉସୀମା ମନ୍ଦିର, ବଡ଼ଦାଣ୍ଡ, ଶ୍ରୀଜଗନ୍ନାଥ ବଲ୍ଲଭ ସହ ଶ୍ରୀମନ୍ଦିର ସଂଲଗ୍ନ ଅନେକ ସମ୍ବେଦନଶୀଳ ଜାଗାରେ ଏମାନେ ଜଗିବେ। ସେମାନଙ୍କର ପୋଷାକର ରଙ୍ଗ ଓ ଲୋଗୋ ପୋଲିସ ଡିଜି ଏବଂ ଆଇଜି ନିଷ୍ପତ୍ତି ନେବାକୁ ମୋଡାଲିଟିରେ ଉଲ୍ଲେଖ ରହିଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ କରାଯାଇ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ନାମ ଦିଆଯାଇଛି।

ଶ୍ରୀମନ୍ଦିର ସୁରକ୍ଷା ଓ ଭକ୍ତଙ୍କ ସୃଙ୍ଖଳିତ ଦର୍ଶନ ପାଇଁ ଏମାନଙ୍କର ପ୍ରମୁଖ ତଥା ପ୍ରାଥମିକ ଦାୟିତ୍ୱ ରହିବ। ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ପାଇଁ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ଓଏସ୍‌ଏପି ପୋଲିସ କର୍ମୀଙ୍କୁ ଡେପୁଟେଶନରେ ଦାୟିତ୍ୱ ଦିଆଯିବ। ସେହିପରି ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ, ସିଭିଲ ପୋଲିସଙ୍କୁ ବି ଦାୟିତ୍ୱ ଦିଆଯିବ। ଏମାନଙ୍କ କାର୍ଯ୍ୟକାଳ କେତେ ରହିବ ତାହା ପୋଲିସ ଡିଜି ନିର୍ଦ୍ଧାରଣ କରିବେ। ପ୍ରଥମେ ଡେପୁଟେଶନରେ ଆସିଥିବା ପୋଲିସ କର୍ମଚାରୀଙ୍କ କାର୍ଯ୍ୟ ସମୟ ୩ ବର୍ଷ ରହିବ ଓ ଆବଶ୍ୟକ ସ୍ଥଳେ ୧ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇପାରିବ। କାର୍ଯ୍ୟଭାର ସମୟ ସରିବା ପରେ ସମ୍ପୃକ୍ତ ପୋଲିସ କର୍ମଚାରୀ ପୂର୍ବ ସ୍ଥାନକୁ ଫେରିଯିବେ। ତେବେ ଦାୟିତ୍ୱରେ ଥିବାବେଳେ ପ୍ରଦର୍ଶନ ଖରାପ ହେଲେ କାର୍ଯ୍ୟରୁ ଅନ୍ତର କରାଯିବ। ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ପାଇଁ ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟର, ହାବିଲଦାର ପାଇଁ ରାଜ୍ୟ ପୋଲିସର ସଶସ୍ତ୍ର ବାହିନୀର ପୋଲିସ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏଥିରେ ଦୁଇଟି ପର୍ଯ୍ୟାୟରେ ମିନିଷ୍ଟରିଆଲ ଷ୍ଟାଫ କାଟାଗୋରି ଓ ଏକ୍ଜକ୍ୟୁଟିଭ ଷ୍ଟାଫ କାଟାଗୋରି ମିଶାଇ ୧୦୮୩ ଜଣ ରହିବେ। ସେଥିରୁ ୫ଟି ବାଟାଲିୟନରୁ ୭୨୦ ଜଣ ଓଏସ୍‌ଏପି ସିପାହୀଙ୍କୁ ଚୟନ କରାଯିବ। ଏହାର ଦାୟିତ୍ୱ ଡିଜିପି ଏବଂ ଆଇଜିଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବାବେଳେ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀର ମୁଖ୍ୟ ଜଣେ କମାଣ୍ଡର ରହିବେ। ଏମାନେ ସମସ୍ତେ କିନ୍ତୁ ପୁରୀ ଏସ୍‌ପିଙ୍କ ଅଧୀନରେ କାର୍ଯ୍ୟ କରିବେ।

**ପ୍ରଥମ ପୃଷ୍ଠାରୁ...**

## ଜାମିନରେ ଆସି ବଳାତ୍କାର ...

ଜାତୀୟ ରାଜପଥର ଲାଠିକଟା ଥାନା ଅଧୀନ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ପୀଡ଼ିତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଧାରୁଆ ଅସ୍ତ୍ରରେ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ। ଏହାପରେ ପୀଡ଼ିତାଙ୍କ କଟା ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ରାଉରକେଲାର ରଘୁନାଥପାଲି ଥାନା ଅଧୀନ ଟେରକେରା ନାଳ ଏବଂ ବ୍ରାହ୍ମଣୀ ନଦୀର ବାଲୁଘାଟରେ ଫିଙ୍ଗି ଦେଇଥିଲେ।

ଅନ୍ୟପକ୍ଷରେ ଗତ ୭ ତାରିଖରେ ସନ୍ଧ୍ୟା ସୁଦ୍ଧା ପୀଡ଼ିତା ଘରେ ନ ପହଞ୍ଚିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ପତ୍ତା ନ ମିଳିବାରୁ ସେମାନେ ସେହିଦିନ ଝାରସୁଗୁଡ଼ା ଟାଉନ୍ ଥାନାରେ ଝିଅ ନିଖୋଜ ହୋଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୬/୨୪ରେ ମାମଲା ରୁଜୁ କରି ଝାରସୁଗୁଡ଼ା ସ୍ମାର୍ଟସିଟି ସିସିଟିଭି ସିଷ୍ଟମ୍‌ର ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଫିଚରରେ ପୀଡ଼ିତାଙ୍କ ଫଟୋକୁ ବ୍ୟବହାର କରି ଖୋଜିଥିଲା। ସେଥିରୁ ପୀଡ଼ିତାଙ୍କୁ ୨ ଜଣ ବ୍ୟକ୍ତି ବାଇକ୍‌ରେ ନେଇଥିବା ପୋଲିସ ଜାଣିବାକୁ ପାଇଥିଲା। ଟେକ୍ନିକାଲ ଫରେନ୍ସିକ୍ ଏବଂ ପାର୍ଲର ନିକଟବର୍ତ୍ତୀ ଅଞ୍ଚଳରୁ ସଂଗୃହୀତ ସିସିଟିଭି ଫୁଟେଜ୍‌କୁ ଆଧାରକରି ପୋଲିସ ଅଭିଯୁକ୍ତ କୁନୁ କିଷାନଙ୍କୁ ଚିହ୍ନଟ କରିପାରିଥିଲା। ପୋଲିସ ପ୍ରଥମେ କୁନୁଙ୍କ ସମ୍ପର୍କୀୟଙ୍କୁ ଧରି ଥାନାକୁ ଆଣି ଜେରା କରିଥିଲା। ସେ ପୀଡ଼ିତାଙ୍କୁ ଆଣି କୁନୁଙ୍କ ସହ ଭେଟ କରାଇଥିବା ଏବଂ ହତ୍ୟା ସମ୍ବନ୍ଧରେ ସବୁ କଥା କହିଥିଲେ। ଏହାପରେ ପୋଲିସ କୁନୁଙ୍କୁ ଧରିବା ପରେ ସେ ସବୁକଥା ମାନିନେଇଥିଲେ। ସେ କିଭଳି ପୀଡ଼ିତାଙ୍କୁ ଅପହରଣ, ହତ୍ୟା ଏବଂ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟି ଫିଙ୍ଗିଥିଲେ ସେ ବିଷୟରେ ପୋଲିସ ତାଙ୍କଠାରୁ ଜାଣିବାକୁ ପାଇଥିଲା। କୁନୁ ଧରା ନ ପଡ଼ିବା ପାଇଁ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହକୁ ଖଣ୍ଡ ଖଣ୍ଡ କରି ଫିଙ୍ଗିବା ସହ ସେ ବ୍ୟବହାର କରିଥିବା ବାଇକ୍‌ର ନମ୍ବର ପ୍ଲେଟ୍ ଓ ଷ୍ଟିକରକୁ ମଧ୍ୟ ବଦଳାଇ ଦେଇଥିଲେ। କୁନୁଙ୍କ ବୟାନ ଅନୁଯାୟୀ ବୁଧବାର ସକାଳେ ଝାରସୁଗୁଡ଼ା ଓ ରାଉରକେଲା ପୋଲିସ ଜିଲାର ଟିମ୍, ଅଗ୍ନିଶମ ବିଭାଗ, ଫରେନ୍ସିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ଖଣ୍ଡବିଖଣ୍ଡିତ ମୃତଦେହ ଠାବ କରିବା ପାଇଁ ଖୋଜାଖୋଜି କରିଥିଲେ। ଅଭିଯୁକ୍ତ କହିବା ସ୍ଥାନଗୁଡ଼ିକ ଖୋଜାଯାଇଥିଲା। ସେହି ସମୟରେ ମୃତକଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଶରୀରର ବିଭିନ୍ନ ଅଂଶ, କପଡ଼ା, ଚପଲ, ଧାରୁଆ ଅସ୍ତ୍ର ଆଦି ଟେରକେରା ନାଳ ଓ ବ୍ରାହ୍ମଣୀ ନଦୀରୁ ମିଳିଥିବା ଝାରସୁଗୁଡ଼ା ଏସ୍‌ପି ସ୍ମିତ ପି. ପରମାର ସୂଚନା ଦେଇଛନ୍ତି। ପୀଡ଼ିତାଙ୍କ ଡିଏନ୍‌ଏ ଟେଷ୍ଟ କରାଯିବା ସହ ଯଥାଶୀଘ୍ର ତଦନ୍ତ ଶେଷ କରି ଦଣ୍ଡ ଦିଆଯିବ ବୋଲି ପଶ୍ଚିମାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି।

ଝାରସୁଗୁଡା ଟାଉନ ଥାନାରେ ଅଭିଯୁକ୍ତ କୁନୁଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୧୪୦(୩)/୧୦୩(୧)/୨୩୮(ଏ )/୧୪୨/୩(୫)ବି ଅନୁଯାୟୀ ୭୦୯/୨୪ ନମ୍ବରରେ ମାମଲା ରୁଜୁ କରାଯାଇଛି। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ। ଅନ୍ୟପକ୍ଷେ କୁନୁଙ୍କ ସହଯୋଗୀ ଜଣେ ନାବାଳକ ହୋଇଥିବାରୁ ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

## ଗୁଗଲ୍‌ରେ ସର୍ବାଧିକ ...

ଖୋଜିଥିବା ଅନୁମାନ କରାଯାଉଛି। ତେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କଠାରୁ ପରାସ୍ତ ହୋଇଥିବା ଡେମୋକ୍ରାଟ୍ ପ୍ରାର୍ଥୀ କମଳା ହାରିସ୍ ଗୁଗଲ୍‌ର ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ଆର୍ଜେଣ୍ଟିନାର ପ୍ରଫେସ୍‌ନାଲ ବକ୍ସର ଇମାନେ ଖଲିଫ ଓ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଲିକାର ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ତେବେ ତାଲିକାର ଶ୍ରେଷ୍ଠ ୧୦ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଆମେରିକୀୟ ବକ୍ସର ମାଇକ୍ ଟାଇସନ୍, ଆମେରିକାର ନିର୍ବାଚିତ ଉପରାଷ୍ଟ୍ରପତି ଜେଡି ଭାନ୍ସ, ସ୍ପେନ୍‌ର ଫୁଟ୍‌ବଲର ଲାର୍ମିନେ ୟମଲ, ଆମେରିକୀୟ ଜିମ୍ନାଷ୍ଟ ସିମନ ବାଇଲ୍ସ ଓ ଆମେରିକୀୟ ରାପର ସିନ୍ ଜନ୍ କମ୍ବସ୍ ମଧ୍ୟ ରହିଛନ୍ତି।

୨୦୨୪ ଟ୍ରମ୍ପଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ସାବ୍ୟସ୍ତ ହୋଇଛି। କ୍ଷମତାକୁ ଫେରିବା ପାଇଁ ତାଙ୍କୁ ଆମେରିକୀୟ ଜନସାଧାରଣଙ୍କର ସମର୍ଥନ ମିଳିଛି। ଗତ ଜୁଲାଇରେ ପେନ୍‌ସିଲ୍‌ଭାନିଆସ୍ଥିତ ବଟ୍‌ଲରଠାରେ ନିର୍ବାଚନୀ ପ୍ରଚାର କରୁଥିବା ବେଳେ ଜଣେ ଆତତାୟୀ ତାଙ୍କୁ ଟାର୍ଗେଟ କରି ଗୁଳି ଚଳାଇଥିଲେ। ସୌଭାଗ୍ୟବଶତଃ ଗୁଳିଟି ଟ୍ରମ୍ପଙ୍କ କାନର କିଛି ଅଂଶରେ ବାଜିଥିଲା। ଉକ୍ତ ଭିଡିଓ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବେଶ୍ ଭାଇରାଲ ହୋଇଥିଲା। ଏହି ଆକ୍ରମଣ ପରେ ଗୁଗଲରେ 'ଟ୍ରମ୍ପ୍ ଆସିନେଶନ ଆଟେମ୍ପ୍ଟ' ସର୍ବାଧିକ ସର୍ଚ୍ଚ କରାଯାଇଥିବା ବାକ୍ୟାଂଶ ହୋଇଥିବା ନେଇ ଗୁଗଲ୍ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ପ୍ରିନ୍ସେସ୍ ଅଫ୍ ୱେଲ୍ସ କେଟ୍ ଗତ ମାର୍ଚ୍ଚରେ କ୍ୟାନ୍‌ସର ପୀଡ଼ିତ ଥିବା ପ୍ରଥମଥର ପାଇଁ ଘୋଷଣା କରିଥିଲେ। ଏହି ରୋଗ ସହ ଲଢ଼ିବା ପାଇଁ ସେ ପ୍ରତିଷେଧକ କେମୋଥେରାପି ନେଉଥିବା ଜଣାଇଥିଲେ। କ୍ୟାନ୍‌ସରରେ ପୀଡ଼ିତ ଥିବାରୁ ଚଳିତ ବର୍ଷ ତାଙ୍କୁ ସର୍ବସାଧାରଣ ସ୍ଥାନରେ ବେଶି ଦେଖିବାକୁ ମିଳି ନ ଥିଲା। ତେବେ ତାଙ୍କ କେମୋଥେରାପି ଶେଷ ହୋଇଛି ଏବଂ ସେ କ୍ୟାନ୍‌ସର ମୁକ୍ତ ରହିବା ଉପରେ ଫୋକସ୍ କରୁଛନ୍ତି ବୋଲି କେଟ୍ ଗତ ସେପ୍ଟେମ୍ବରରେ ସୂଚନା ଦେଇଥିଲେ।

## ଯୌତୁକ ନିରୋଧୀ ...

ନିରୀହ ଲୋକେ ଯେପରି ଅକାରଣରେ ନିର୍ଯାତିତ ନ ହୁଅନ୍ତି, ସେଥିପ୍ରତି କୋର୍ଟଗୁଡ଼ିକ ସତର୍କତାର ସହ କାର୍ଯ୍ୟକରିବା ଆବଶ୍ୟକ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ସାଧାରଣରେ ଦେଖାଯାଇଛି ଯେ, ବୈବାହିକ ଜୀବନରେ କଳହ ଦେଖାଦେଲେ ଘରୋଇ ବିବାଦ ଅଭିଯୋଗରେ ସ୍ୱାମୀଙ୍କ ପରିବାରର ସବୁ ସଦସ୍ୟଙ୍କୁ ଅଭିଯୁକ୍ତ କରାଇବା ଏକ ଧାରାରେ ପରିଣତ ହୋଇଗଲାଣି। ବଳିଷ୍ଠ ତଥ୍ୟ ପ୍ରମାଣ ନ ଥାଇ ଏଭଳି ସାଧାରଣ ଅଭିଯୋଗଗୁଡ଼ିକୁ ଆପରାଧିକ ମକଦ୍ଦମାର ଆଧାର କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ସ୍ୱାମୀ ଓ ତାଙ୍କ ପରିବାର ଦ୍ୱାରା ମହିଳାଙ୍କ ଉପରେ ନିଷ୍ଠୁରତା ରୋକିବା ଲାଗି ଯୌତୁକ ଆଇନରେ ସଂଶୋଧନ କରାଯାଇ ଆଇପିସିର ଧାରା ୪୯୮ଏ ସଂଯୋଗ କରାଯାଇଥିଲା। ତେବେ ନିକଟ ଅତୀତରେ ବୈବାହିକ ବିବାଦ ମାମଲା ବହୁତ ବଢ଼ିବା ସହ ଏହି ଧାରାର ଦୁରୁପଯୋଗ ମାନସିକତା ବୃଦ୍ଧିପାଇଛି। ମହିଳାମାନେ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କ ବିରୋଧରେ ବ୍ୟକ୍ତିଗତ ପ୍ରତିଶୋଧ ପାଇଁ ଏଭଳି ବ୍ୟବସ୍ଥାକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଖଣ୍ଡପୀଠ କହିଛନ୍ତି। ଜଣେ ବ୍ୟକ୍ତି, ତାଙ୍କ ମାଆବାପା ଓ ପରିବାରର ଅନ୍ୟ ସଦସ୍ୟଙ୍କ ବିରୋଧରେ ଅଣାଯାଇଥିବା ଯୌତୁକ ନିର୍ଯାତନା ମାମଲାକୁ ଖାରଜ କରିବା ପାଇଁ ତେଲଙ୍ଗାନା ହାଇକୋର୍ଟ ମନା କରିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେବା ଅବସରରେ ଏହା କହିଛନ୍ତି।

## ୨୦ ଦିନ ପୂର୍ବରୁ ବନ୍ଦ ...

ପରୀକ୍ଷା(ଅନୁଚିତ ସାଧନର ନିବାରଣ) ବିଲ୍-୨୦୨୪ ଆଗତ ଓ ପାରିତ ହୋଇଛି। ତେବେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୪କୁ ଗୃହରେ ସରକାର ଆଗତ କରିଥିଲେ ମଧ୍ୟ ଏହା ଉପରେ ଆଲୋଚନା କରିନାହାନ୍ତି। ବିରୋଧୀ ଦଳର ସଦସ୍ୟମାନଙ୍କ ବିରୋଧ ଓ ଅନ୍ୟ କେତେକ କାରଣରୁ ସରକାର ଏହି ବିଲ୍‌କୁ ଚଳିତ ଅଧିବେଶନରେ ପାରିତ କରାଇବାକୁ ଆଗ୍ରହ ଦେଖାଇ ନାହାନ୍ତି ବୋଲି ଜଣାପଡ଼ିଛି। ସର୍ବଭାରତୀୟ ଡିଜିପି ସମ୍ମିଳନୀ ପାଇଁ ଗୃହ ୨ ଦିନ ମୁଲତବୀ କରାଯାଇଥିବା ବେଳେ ନୌସେନା ଦିବସ ପାଳନ ସକାଶେ ଗୋଟିଏ ଦିନ ପ୍ରଥମାର୍ଦ୍ଧ କାର୍ଯ୍ୟ ଚାଲି ବନ୍ଦ ରଖାଯାଇଥିଲା। ବିଧାୟକମାନେ ବସ୍ ଯୋଗେ ସେଦିନ ନୌସେନା ଦିବସ କାର୍ଯ୍ୟକ୍ରମ ଦେଖିବା ଲାଗି ପୁରୀ ଯାଇଥିଲେ। ଚଳିତ ଅଧିବେଶନରେ ୨୪ଟି ତାରକା ପ୍ରଶ୍ନ ଉପରେ ଆଲୋଚନା ହୋଇଥିବାବେଳେ ୧୭୫୦ଟି ତାରକା ପ୍ରଶ୍ନର ଉତ୍ତର ସରକାରଙ୍କ ପକ୍ଷରୁ ଲିଖିତ ଆକାରରେ ଦିଆଯାଇଛି। ଏଥିସହ ୨୨୯୫ଟି ଅଣତାରକା ପ୍ରଶ୍ନ ମଧ୍ୟରୁ ୨୧୯୧ଟି ପ୍ରଶ୍ନର ଲିଖିତ ଉତ୍ତର ସରକାର ଦେଇଛନ୍ତି। ବିରୋଧୀ ଦଳ ଦ୍ୱାରା ଆଗତ ୬ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିବା ବେଳେ ୨ଟି ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିଲା। ଚଳିତ ଅଧିବେଶନରେ ଗୃହରେ ୮ଟି ସିଏଜି ରିପୋର୍ଟ ସମେତ ୧୦ଟି ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପିତ ହୋଇଛି।

# ମା' ତାରିଣୀ ମନ୍ଦିର ସମ୍ମୁଖ ଭୋଗ ଦୋକାନରେ ଅଗ୍ନିକାଣ୍ଡ

କେନ୍ଦୁଝର/ଘଟଗାଁ (ନରେଶ ଚନ୍ଦ୍ର ପଟ୍ଟନାୟକ/ ରାଜେନ୍ଦ୍ର କୁମାର ପଟ୍ଟନାୟକ),୧୧।୧୨



କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀ ମନ୍ଦିର ୨ ନଂ. ଗେଟ୍ ନିକଟରେ ଥିବା ଭୋଗ ଦୋକାନରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୧୬ରୁ ଊର୍ଦ୍ଧ୍ୱ ଦୋକାନ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଭୋଗ ସାମଗ୍ରୀ ନଷ୍ଟ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ମା' ତାରିଣୀ ମନ୍ଦିର ପରିସର ପାଚେରିକୁ ଲାଗି ଶତାଧିକ ଭୋଗ ସାମଗ୍ରୀ ଦୋକାନ ରହିଛି। ମଙ୍ଗଳବାର ରାତିରେ ମା'ଙ୍କ ଆଳତି ପରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତି ୨ନଂ. ଗେଟ୍ ନିକଟରେ ଥିବା ଦୋକାନଗୁଡ଼ିକରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ୧୬ଟି ଦୋକାନ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା।ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଜିଲାପାଳଙ୍କୁ କ୍ଷତିଗ୍ରସ୍ତ ଦୋକାନୀଙ୍କ କ୍ଷୟକ୍ଷତି ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶକ୍ରମେ ବିପନ୍ନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୨୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯାଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି ହୋଇଛି। ପ୍ରକାଶଯୋଗ୍ୟ, ୨ ମାସ ପୂର୍ବରୁ ମନ୍ଦିର ସମ୍ମୁଖ ୮ଟି ଦୋକାନ ଘର ଅଗ୍ନିକାଣ୍ଡରେ ପାଉଁଶ ହୋଇଯାଇଥିଲା।

# ଚିଲିକା ପ୍ରତି ବିପଦ ତଟବର୍ତ୍ତୀ ରାଜପଥ

## ୨୦ରୁ ଓଡ଼ିଶା ପରିବେଶ କଂଗ୍ରେସର ୧୫ତମ ଅଧିବେଶନ

ଭୁବନେଶ୍ୱର,୧୧।୧୨(ସୁଚିସ୍ମିତା ସାହୁ)



ରମାଦେବୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିଙ୍କ ସହ ପରିବେଶବିତ୍‌ମାନେ।

ଓଡ଼ିଶାରେ ହେବାକୁ ଥିବା ତଟବର୍ତ୍ତୀ ରାଜପଥ ଚିଲିକା ପ୍ରତି ବିପଦ ସୃଷ୍ଟି କରିବ। ଓଡ଼ିଶା ପରିବେଶ କଂଗ୍ରେସର ୧୫ତମ ଅଧିବେଶନ ପରିପ୍ରେକ୍ଷୀରେ ବୁଧବାର ରମାଦେବୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଓ ପରିବେଶବିତ୍‌ମାନେ ଏଭଳି ଆଶଙ୍କା ପ୍ରକାଶ କରିଛନ୍ତି। ଓଡ଼ିଶା ପରିବେଶ କଂଗ୍ରେସ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତିବିଦ୍ୟା ଓ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ବିଶ୍ୱବିଦ୍ୟାଳୟ ପରିସରରେ ଉପକୂଳ ପରିବେଶ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତଟବର୍ତ୍ତୀ ରାଜପଥ ଚିଲିକା ପ୍ରତି କିପରି ବିପଦ ସୃଷ୍ଟି କରିବ, ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ପରିବେଶବିତ୍ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ପରିବେଶ ତଥା ତଟବର୍ତ୍ତୀ ଲୋକେ କିପରି ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଛନ୍ତି ତାହାର ବିସ୍ତୃତ ତଥ୍ୟ ରଖିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ଓଡ଼ିଶାର ପରିବେଶ ଆଇନଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହ ଆସନ୍ତା ୨୦, ୨୧ ଓ ୨୨ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ଓଡ଼ିଶା ପରିବେଶ କଂଗ୍ରେସର ୧୫ତମ ଅଧିବେଶନ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତି ଏବଂ ଓଡ଼ିଶା ପରିବେଶ କଂଗ୍ରେସର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପରିବେଶ ସୁରକ୍ଷାରେ ଆଗାମୀ ପିଢ଼ିର ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରଫେସର ରାଜକୁମାର ଯୋଶୀ ତଟ ସୁରକ୍ଷା ଓ ପରିବେଶ ସନ୍ତୁଳନ ଓଡ଼ିଶାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଫେସର ମାନସ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ବସନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୁଜାତା ମହାନ୍ତି, ଏଲିନା ଜ୍ୟୋତି, ଦେବୀ ପ୍ରସାଦ ଦାଶ, ସର୍ବାଣି ଦାସ, ଜିନା ମହାପାତ୍ର ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ମଣ୍ଡପରେ ମନ ଜିଣୁଛନ୍ତି ଓଡ଼ିଆ କଳାକାର



ଓଡ଼ିଶା ମଣ୍ଡପର ସାଂସ୍କୃତିକ ମଞ୍ଚରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

**୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବ**

- **ଡାଲଖାଇ, ରସରକେଲି ତାଳେ ତାଳେ ଝୁମୁଛନ୍ତି ଦର୍ଶକ**
- **ଆକୃଷ୍ଟ କରୁଛି ପଶୁମୁଖା ନୃତ୍ୟ, ଓଡ଼ିଶୀ ନୃତ୍ୟାଭିନୟ**

ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ହରିୟାଣାର କୁରୁକ୍ଷେତ୍ରଠାରେ ଚାଲିଥିବା ୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବରେ ଓଡ଼ିଶା ଷ୍ଟେଟ୍ ପାର୍ଟନର ଭାବେ ଓ ତାଞ୍ଜାନିଆ ପାର୍ଟନର ଦେଶ ଭାବେ ଯୋଗଦେଇଛି। ମହୋତ୍ସବରେ ନିର୍ମିତ ଓଡ଼ିଶା ମଣ୍ଡପରେ ଓଡ଼ିଶାର କଳା ଓ ସଂସ୍କୃତି ସୁନ୍ଦର ଭାବେ ପ୍ରଦର୍ଶିତ ହୋଇଥିବାବେଳେ ମନ ଜିଣୁଛନ୍ତି ଓଡ଼ିଆ କଳାକାର। ସାଂସ୍କୃତିକ ମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ସହ ଲୋକନୃତ୍ୟ ରସରକେଲି, କଣ୍ଢେଇ ନାଚ, ଗୋଟିପୁଅ, ପଶୁମୁଖା, ଢେମ୍‌ସା, ଘୁମୁରା ଆଦି ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଛି। ସେହିପରି ଓଡ଼ିଶୀ ନୃତ୍ୟାଭିନୟ ଆହେ ନୀଳ ଶଇଳ, ପଲ୍ଲବୀ, ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତ ଉପରେ ଆଧାରିତ ଓଡ଼ିଶୀ ନୃତ୍ୟାଭିନୟ 'ଏକଲବ୍ୟ' ପରିବେଷିତ ହୋଇଛି। ଏଥିସହ ହଜିଯାଉଥିବା କଳା ତଥା ୫ପ୍ରକାରର କଣ୍ଢେଇ ନାଚ ଯଥା ସୂତା କଣ୍ଢେଇ, କାଠି କଣ୍ଢେଇ, ଛାୟା କଣ୍ଢେଇ, ହାତ କଣ୍ଢେଇ ଓ ଜୀବନ୍ତ କଣ୍ଢେଇ ଓଡ଼ିଶାର କଳା ସଂସ୍କୃତିକୁ ଋଦ୍ଧିମନ୍ତ କରୁଥିବାବେଳେ ମଞ୍ଚରେ ଜୀବନ୍ତ କଣ୍ଢେଇ ନାଚ ଦେଖିବାକୁ ବିଶେଷକରି ଶିଶୁମାନଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଛି। ଗଞ୍ଜାମ ଜିଲାର ଏହି କଣ୍ଢେଇ ନାଚରେ କଳାକାରମାନେ କଣ୍ଢେଇ ଭଳି ବସ୍ତ୍ର ପରିଧାନ କରି ନୃତ୍ୟ ପରିବେଷଣ କରୁଥିବାରୁ ଏହା ଅଧିକ ଲୋକପ୍ରିୟ ହୋଇପାରିଛି। ସେହିପରି ବ୍ରହ୍ମପୁରର ପ୍ରସିଦ୍ଧ ପଶୁମୁଖା ନୃତ୍ୟ ଅନ୍ୟତମ ଆକର୍ଷଣ ରହିଥିଲା। ହରିଅର୍ଜୁନ ଦର୍ଶନ (ନବଗୁଞ୍ଜର), ଶିକାରୀଶବର, ମହିଷମର୍ଦ୍ଦିନୀ ମା' ଦୁର୍ଗାଙ୍କ ରୂପ ଆଦି ପ୍ରଦର୍ଶିତ ହୋଇଥିଲା। ଏଥିସହ କୋରାପୁଟ ଜନଜାତି ସମ୍ପ୍ରଦାୟର ଲୋକନୃତ୍ୟ ଢେମ୍‌ସା, କଳାହାଣ୍ଡିର ବଜାଶାଲ ଆଦିର ପରିବେଷଣ ଜନଜାତି ସମ୍ପ୍ରଦାୟର ସଂସ୍କୃତି ଓ ପରମ୍ପରା ଛାପ ଛାଡ଼ିଥିଲା। ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ନୃତ୍ୟ ଡାଲଖାଇ ଓ ରସରକେଲିର ତାଳେ ତାଳେ ଦର୍ଶକ ଝୁମିଥିଲେ। ସୂଚନାଥାଉକି, ୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦୧୬ ମସିହାରେ ଗୀତା ମହୋତ୍ସବ ଭାରତରେ ଆରମ୍ଭ ହେବା ପରେ ୨୦୧୯ ମସିହାରୁ ଲଣ୍ଡନ, କାନାଡ଼ା, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ଭଳି ଦେଶରେ ମଧ୍ୟ ଏହାର ଆୟୋଜନ କରାଯାଉଛି।

**ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି**

ଗୀତା ମହୋତ୍ସବରେ ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ୍ୟର ପ୍ରଚାର ପ୍ରସାର କରୁଛି ଓଡ଼ିଶା ମଣ୍ଡପ। ଏଠାରେ ଓଡ଼ିଶାର ପ୍ରମୁଖ ଲୋକକଳା, ନୃତ୍ୟକଳା, ଚିତ୍ରକଳା, ହସ୍ତତନ୍ତ, ବୟନଶିଳ୍ପ, ପର୍ଯ୍ୟଟନ ସ୍ଥଳୀ ଏବଂ ଓଡ଼ିଶାର ଖାଦ୍ୟ ପରମ୍ପରା ଆଦିକୁ ବେଶ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଉଛି। ଏହା ଦେଶ ବିଦେଶରୁ ଆସୁଥିବା ସମସ୍ତ ଦର୍ଶକଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟବସ୍ତୁ ଭାବେ କାର୍ଯ୍ୟ କରିବା ସହ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆମ ଓଡ଼ିଆ ସଂସ୍କୃତିକୁ ଏକ ସ୍ୱତନ୍ତ୍ର ଏବଂ ଅନନ୍ୟ ପରିଚୟ ପ୍ରଦାନ କରିଛି।

**- ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ମନ୍ତ୍ରୀ, ଓଡ଼ିଶା**

# ଯାଞ୍ଚ ପରେ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ଛାଡ଼ିବାକୁ ନିଷ୍ପତ୍ତି



ଭାରତ ସୀମାରୁ ଧରାପଡ଼ିଥିବା ବାଂଲାଦେଶୀ ମତ୍ସ୍ୟଜୀବୀ।

ପାରାଦୀପ,୧୧।୧୨(ଶରତ ରାଉତ)

**ବାଂଲାଦେଶୀ ବୋଟ୍ ଜବତ ଘଟଣା**

ଭାରତ ସମୁଦ୍ର ସୀମାରୁ ୨ଟି ବାଂଲାଦେଶୀ ବୋଟ ଲୈଲା ଓ ଏଫ୍‌ଭି ମେଘନାକୁ ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ସୋମବାର ଜବତ କରିଥିଲା। ଉଭୟ ବୋଟ୍‌ରେ ସେଠାକାର ୭୮ ଜଣ ନାଗରିକ ଥିଲେ। ଏହାପରେ ବୋଟ୍ ସହ ସେମାନଙ୍କୁ ମଙ୍ଗଳବାର ପାରାଦୀପ ବନ୍ଦରକୁ ନିଆଯାଇଥିଲା। ବୁଧବାର ସେମାନଙ୍କୁ ଆଦର୍ଶ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି। ଏହାପରେ ପୋଲିସ ସ୍ୱତନ୍ତ୍ର ବସ୍‌ରେ ସେମାନଙ୍କୁ ଥାନାକୁ ଆଣି ଯାଞ୍ଚ କରିଛି। ସେମାନଙ୍କୁ ଗିରଫ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଶେଷ ସମୟରେ ଛାଡ଼ିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଡିଏସ୍‌ପି ସନ୍ତୋଷ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯାଞ୍ଚ ପରେ ସେମାନେ ବାଂଲାଦେଶର ମତ୍ସ୍ୟଜୀବୀ ବୋଲି ଜଣାପଡ଼ିଛି। ଏହାପରେ ସେମାନଙ୍କୁ ନେଇ ଜବତ ବୋଟ୍‌ରେ ରଖାଯାଇଛି। ଆସନ୍ତା ୨ଦିନ ମଧ୍ୟରେ ସେମାନଙ୍କୁ ବାଂଲାଦେଶ ସୀମା ପାଖରେ ପ୍ରତିପକ୍ଷ କୋଷ୍ଟଗାର୍ଡଙ୍କୁ ହସ୍ତାନ୍ତର କରାଯିବ ବୋଲି ଜେନା କହିଛନ୍ତି।

ଏହି ଘଟଣାରେ ଭାରତ ସରକାରଙ୍କ ପକ୍ଷରୁ ବୈଦେଶିକସ୍ତରରେ ଆଲୋଚନା କରାଯାଇଥିଲା। ଏହାପରେ ବାଂଲାଦେଶ ପକ୍ଷରୁ ଭାରତର କେତେଜଣ ମତ୍ସ୍ୟଜୀବୀଙ୍କୁ ଛାଡ଼ିବା ପାଇଁ ନିଷ୍ପତ୍ତି ହେବାପରେ ସୋମବାର ଧରାପଡ଼ିଥିବା ମତ୍ସ୍ୟଜୀବୀଙ୍କୁ ଛାଡ଼ିବା ପାଇଁ ସ୍ଥିର କରାଯାଇଛି। ଏ ସମ୍ପର୍କରେ ଦୁଇ ବୋଟର ମାଷ୍ଟର ରାଜୀବ ଚନ୍ଦ୍ର ସିଲ ଓ ଆର୍ ବିଶ୍ୱାସ କୁହନ୍ତି, ସେମାନେ ଭୁଲ୍‌ରେ ଭାରତ ସୀମାର ୧୫ କିମି ଭିତରକୁ ପଳାଇ ଆସିଥିଲେ। ସମସ୍ତ ପରିଚୟପତ୍ର ଦେଖାଇବା ପରେ ଛଡ଼ାଯାଇଛି। ସରକାରୀ କ୍ଲିୟରାନ୍ସ ମିଳିବା ପରେ ବୋଟ୍ ବର୍ଥ ଛାଡିବ ବୋଲି ଜଣାପଡିଛି।

# ଯେଉଁ ଲୋକଙ୍କ ପକ୍କାଘର ନାହିଁ ସେମାନଙ୍କୁ ଯୋଗାଇଦେବାକୁ ନିଷ୍ପତ୍ତି ସରିଛି: ମନ୍ତ୍ରୀ

ଭୁବନେଶ୍ୱର, ୧୧।୧୨(ସୁନିତ୍ ମିଶ୍ର)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ପ୍ରଶ୍ନ ଉଠାଇଲେ ବିଧାୟକ**

ରାଜ୍ୟରେ ଯେଉଁ ଲୋକମାନଙ୍କ ପକ୍କା ଘର ନାହିଁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏପରିକି ଯେଉଁମାନେ ଭୂମିହୀନ ହୋଇଥିବେ କିମ୍ବା କାହା ଘରେ ଆଶ୍ରୟ ନେଇଥିଲେ ମଧ୍ୟ ସେମାନଙ୍କୁ ଘର ଯୋଗାଇ ଦିଆଯିବ। ବିଧାୟକମାନେ ସେମାନଙ୍କ ଅଞ୍ଚଳରେ ଏହିପରି ଲୋକଙ୍କ ତାଲିକା କରି ଜିଲାପାଳଙ୍କୁ ଜଣାଇଲେ ଅନ୍ତ୍ୟୋଦୟ ଯୋଜନାରେ ସରକାର ଘର ଯୋଗାଇଦେବେ। ବିଧାୟକଙ୍କ ଲେଖା ଉପରେ ପଦକ୍ଷେପ ନେବାକୁ ଆମେ ଜିଲାପାଳମାନଙ୍କୁ ସର୍କୁଲାର ଜାରି କରିଛୁ। ରାଜ୍ୟର ସବୁ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଶ୍ଚିତ ଘର ଦିଆଯିବ ବୋଲି ବୁଧବାର ବିଧାୟକ ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ ଏବଂ ଅମର କୁମାର ନାୟକଙ୍କ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ବିଧାନସଭାରେ ସୂଚନା ଦେଇଛନ୍ତି।

# ରାଜପଥ ପାର୍ଶ୍ୱରେ ଚାଳକଙ୍କୁ ମାଗଣା ଚା'

କଟକ,୧୧।୧୨ (କାର୍ତ୍ତିକ ସାହୁ)

**ରାତି, ଭୋର ଦୁର୍ଘଟଣା ହ୍ରାସ ପାଇଁ ଏସ୍‌ଟିଏର ଅଭିନବ ପଦକ୍ଷେପ**




ଶୀତଋତୁରେ ବିଳମ୍ବିତ ରାତି ଓ ଭୋର୍ ସମୟରେ ଘଟୁଥିବା ଦୁର୍ଘଟଣା ହ୍ରାସ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ନିରନ୍ତର ପଦକ୍ଷେପ ନେଉଛି। ଏହି କ୍ରମରେ ଗାଡ଼ି ଚାଳକଙ୍କୁ ସତେଜ ଓ ସଚେତନ ରଖିବାକୁ ରାଜପଥ ପାର୍ଶ୍ୱରେ ମାଗଣା ଚା' ବଣ୍ଟନ କରାଯାଉଛି। ରାତି ୩ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ରାଜପଥ ପାର୍ଶ୍ୱରେ ଏଭଳି ଅଭିନବ କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ମଧ୍ୟ ଆଗେଇ ଆସି ସହଯୋଗ କରୁଛନ୍ତି।

ସୂଚନାନୁସାରେ, ଏସ୍‌ଟିଏ ପକ୍ଷରୁ ମାଗଣା ଚା' ବିତରଣ ପାଇଁ ରାସ୍ତାପାର୍ଶ୍ୱ ଢାବା, ଟୋଲ୍‌ଗେଟ୍ ଭଳି ସ୍ଥାନ ଚିହ୍ନଟ ହୋଇଛି। ସେହି ସ୍ଥାନଗୁଡ଼ିକରେ ଦୂରରୁ ଆସୁଥିବା ବସ୍, ଟ୍ରକ, ଟ୍ୟାକ୍ସି ଆଦିର ଡ୍ରାଇଭରଙ୍କୁ ମାଗଣା ଚା' ଦିଆଯାଉଛି। ଆର୍‌ଟିଓ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ସଚେତନତା ସୃଷ୍ଟି କରୁଛନ୍ତି। କୁହୁଡ଼ି, ନିଦଭରା ଆଖି, ପଥ ସମ୍ମୋହନ ଆଦି ପ୍ରତି ସତର୍କ ରହିବା ପାଇଁ ସେମାନେ ଗାଡ଼ି ଚାଳକଙ୍କୁ କହୁଛନ୍ତି। ପରବର୍ତ୍ତୀ ରାସ୍ତାରେ ଥିବା ବ୍ଲାକ୍‌ସ୍ପଟ୍‌ଗୁଡ଼ିକ ସମ୍ପର୍କରେ ଚାଳକଙ୍କୁ ମଧ୍ୟ ଅବଗତ କରାଯାଉଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ନିୟମିତ ଏଭଳି ପ୍ରୟାସ ଜାରି ରଖିବାକୁ ପରିବହନ ଆୟୁକ୍ତଙ୍କ ନିର୍ଦ୍ଦେଶରେ ସମସ୍ତ ଆରଟିଓଙ୍କୁ ଯୁଗ୍ମ ପରିବହନ ଆୟୁକ୍ତ (ସଡ଼କ ସୁରକ୍ଷା) ଚିଠି ଲେଖିଥିବା ଜଣାଯାଇଛି।

ରାଜ୍ୟରେ ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଚାଳକଙ୍କ ଦକ୍ଷତା ବୃଦ୍ଧି ଏବଂ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଉଛି ବାଣିଜ୍ୟ ଓ ପରିବହନ ବିଭାଗ। ଅନ୍ୟ ଦିନ ଅପେକ୍ଷା ଶୀତଋତୁରେ ସଡ଼କ ଦୁର୍ଘଟଣାରେ ନିୟନ୍ତ୍ରଣ ଆଣିବା ଅଧିକ ଆହ୍ୱାନପୂର୍ଣ୍ଣ ହୋଇଥାଏ। କୁହୁଡ଼ି ଯୋଗୁ ରାସ୍ତା ଠିକ୍ ଭାବେ ଦେଖା ନ ଯିବାରୁ ଦୁର୍ଘଟଣା ଘଟିଥାଏ। ଏହି ସମୟରେ ବଣଭୋଜି ଯୋଗୁ ଜଙ୍ଗଲ, ଘାଟି ରାସ୍ତାରେ ଗାଡ଼ି ଚଳାଚଳ ବୃଦ୍ଧିପାଏ। ଚାଳକଙ୍କ ଅନଭିଜ୍ଞତା, ଅସାବଧାନତା, ଆଖି ଲାଗିଯିବା, ଭୁଲ୍‌ସ୍ଥାନରେ ପାର୍କିଂ କରିବା, ସଡ଼କ ସୁରକ୍ଷା ନିୟମ ପାଳନରେ ତ୍ରୁଟି ଦୁର୍ଘଟଣାକୁ ଆମନ୍ତ୍ରଣ କରେ। ଏସବୁ ବ୍ୟତୀତ ପଥ ସମ୍ମୋହନ ମଧ୍ୟ ଦୁର୍ଘଟଣାର କାରଣ ସାଜୁଛି। ଚାଳକଙ୍କ ଆଖି ତ ଖୋଲା ରହୁଛି, କିନ୍ତୁ କ୍ରମାଗତ ଗାଡ଼ିଚାଳନାର କ୍ଳାନ୍ତିରେ ମସ୍ତିଷ୍କ ଶୋଇପଡୁଛି। ତେଣୁ ଏ ବିଷୟକୁ ଗମ୍ଭୀରତାର ସହ ଗ୍ରହଣ କରି ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଡିସେମ୍ବରରେ ରାତି ଓ ଭୋର ସମୟରେ ଦୁର୍ଘଟଣା ବୃଦ୍ଧି ଲକ୍ଷ୍ୟ କରାଯାଉଛି। ଏହାକୁ ହ୍ରାସ କରିବା ପାଇଁ ମଧ୍ୟରାତ୍ର ଓ ଭୋର ସମୟରେ ମାଗଣା ଚା' ପ୍ରଦାନ ବ୍ୟବସ୍ଥା ହାତକୁ ନିଆଯାଇଥିବା ଏସ୍‌ଟିଏ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ହାତୀ ଆକ୍ରମଣରେ ଗଲା ୨ ଜୀବନ


ଛେଣ୍ଡିପଦା ବନାଞ୍ଚଳରେ ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ପରେ ଉତ୍ତେଜନା।

ଛେଣ୍ଡିପଦା,୧୧।୧୨(ଅଜିତ ଧଳ)/ ପବିତ୍ରନଗର (ନିରୋଜ ପ୍ରଧାନ)

- **ଛେଣ୍ଡିପଦାରେ ମହିଳାଙ୍କୁ କଚାଡ଼ିଦେଲା**
- **କଣିହାଁରେ ସାଇକେଲ ଆରୋହୀଙ୍କୁ ମାରିଲା**

ଗୋଟିଏ ଦିନରେ ଅନୁଗୋଳ ଜିଲାରେ ହାତୀ ନେଇଛି ୨ ଜଣଙ୍କ ଜୀବନ। ଛେଣ୍ଡିପଦା ବନାଞ୍ଚଳରେ ଏକ ଦନ୍ତା ହାତୀ ଧାନ ଆଣିବାକୁ ଯାଉଥିବା ଜଣେ ମହିଳାଙ୍କୁ କଚାଡ଼ି ମାରିଦେଇଛି। ସେହିପରି କଣିହାଁ ବନାଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ହାତୀ ଆକ୍ରମଣ କରିବାରୁ ହାଟକୁ ଯାଉଥିବା ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ବାଗଡ଼ିଆ ଥାନା ବାଘୁଆବୋଲ ଗ୍ରାମର ମନ୍ଦୋଦରୀ ସାହୁ ଓ କଣିହାଁ ଥାନା ବୌଦବଡ଼ା ଗାଁର ବୃନ୍ଦାବନ ସାହୁ (୫୯)।

ସୂଚନା ମୁତାବକ, ଛେଣ୍ଡିପଦା ବନାଞ୍ଚଳ ପାଟକୁମୁଣ୍ଡା ପଞ୍ଚାୟତ ବାଘୁଆବୋଲ ଗାଁର ମନ୍ଦୋଦରୀ ବୁଧବାର ସକାଳେ ଘର ନିକଟ ବିଲକୁ ଧାନ ଅମଳ ପାଇଁ ଯାଉଥିଲେ। ଏହି ସମୟରେ ସେଠାରେ ଥିବା ୨୨ ଟିକିଆ ହାତୀପଲଙ୍କ ହାବୁଡ଼ରେ ସେ ପଡ଼ିଯାଇଥିଲେ। ଦଳରୁ ବାହାରି ଆସି ଏକ ଦନ୍ତା ହାତୀ ମନ୍ଦୋଦରୀଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଫରେଷ୍ଟର ସୁଶାନ୍ତ ନାଏକ ଓ କର୍ମଚାରୀମାନେ ପହଞ୍ଚିଥିଲେ। ପରେ ବାଗଡ଼ିଆ ଥାନା ଅଧିକାରୀ ବିପ୍ଲବ ସାହୁ ଓ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରାସୁଚିସ୍ମିତା ମହାପାତ୍ର ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଓ ଅନ୍ୟାନ୍ୟ ଦାବିରେ ଅଧିକାରୀମାନଙ୍କୁ ଘେରାଉ କରିଥିଲେ। ୨୪ ଘଣ୍ଟା ମଧ୍ୟରେ ମୃତକଙ୍କ ପରିବାରକୁ ୬୦ ହଜାର ଟଙ୍କା ଦିଆଯିବା ସହିତ ବାକି ସରକାରୀ ସହାୟତା ଖୁବ୍‌ଶୀଘ୍ର ପ୍ରଦାନ ଓ ଅନ୍ୟ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ହ୍ରାସ ପାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଘଟଣା ସମ୍ପର୍କରେ ବାଗଡିଆ ଥାନାରେ ନଂ. ୨୧/୨୪ରେ ଏକ ମାମଲା ରୁଜୁ କରାଯାଇଛି।

ସେହିପରି କଣିହାଁ ବନାଞ୍ଚଳ ହନୁମାନପୁର ପଞ୍ଚାୟତର ବୌଦବଡ଼ା ଗାଁ ଭାଲୁବସାନାଳ ନିକଟ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଭୋର୍ ସାଢ଼େ ୫ଟାବେଳେ ଏକ ଗୋଠଛଡ଼ା ହାତୀ ଆକ୍ରମଣରେ ବୌଦବଡ଼ା ଗାଁର ବୃନ୍ଦାବନଙ୍କ ମୃତ୍ୟୁ ହୋଇଛି। ବୃନ୍ଦାବନ ସାଇକେଲରେ ଗାଁ ନିକଟସ୍ଥ ବଜ୍ରକୋଟ ହାଟକୁ ଯାଉଥିବା ବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ, ପରିବାରର ଜଣକୁ ନିଯୁକ୍ତି ଦାବିରେ ସ୍ଥାନୀୟ ଲୋକେ ପ୍ରାୟ ୪ ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ଖବରପାଇ ଏସିଏଫ ତଥା ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ, କଣିହାଁ ପୋଲିସ ଓ ଅତିରିକ୍ତ ତହସିଲଦାର ପହଞ୍ଚି ବୁଝାଶୁଝା କରିଥିଲେ। ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ- ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା



# ସଂସ୍କୃତଭାଷୀ ହନୁମାନ



ଦେବଦତ୍ତ ପଟ୍ଟନାୟକ

ଯଦି ପୁରାଣକୁ ଇତିହାସ ଭାବେ ଗ୍ରହଣ କରାଯାଏ, ତେବେ ହନୁମାନଙ୍କର କେବଳ ଗୋଟିଏ ଜନ୍ମସ୍ଥାନ ରହିପାରେ, ଅନେକ ନୁହେଁ। କିଛି ବର୍ଷ ପୂର୍ବେ ଗେରୁଆ ପୋଷାକ ପିନ୍ଧିଥିବା ଆଭିଜାତ୍ୟ ବର୍ଗର ହିନ୍ଦୁ ପୁରୁଷ ନେତାଙ୍କ ଏକ ଗୋଷ୍ଠୀ ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପାଇଁ ଏକତ୍ରିତ ହୋଇଥିଲେ। ସେମାନେ ହନୁମାନଙ୍କ ଜନ୍ମ ସ୍ଥାନ କର୍ନାଟକ(ଦୁଇଟି ସ୍ଥାନ), ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବୋଲି ଦାବି କରିଥିଲେ। ଦୀର୍ଘଦିନ ହେଲା ସାଧୁମାନେ ମଧ୍ୟ ଏ ସମ୍ପର୍କରେ ଯୁକ୍ତି କରିବା ସହ ପରସ୍ପରକୁ କଟାକ୍ଷ କରୁଥିଲେ। ଏହି ସମସ୍ୟାର ସମାଧାନ ଅଧୁରା ରହିଗଲା। ବିଶ୍ୱାସ ରାଜନୀତିକୁ ଜୟ କରିଗଲା।

ପୁରାଣକୁ ଇତିହାସରେ ପରିଣତ କଲେ ଜନ୍ମସ୍ଥାନ ସମେତ ଅନେକ ସମସ୍ୟା ସାମ୍ନାକୁ ଆସେ। ଅର୍ଥାତ୍ ହନୁମାନଙ୍କର ପ୍ରକୃତରେ ଲାଞ୍ଜ ଅଛି କି ଏବଂ ଆକାଶରେ ଏକ ପର୍ବତ ଧରି ସେ ଯାଇପାରିବେ କି? କିମ୍ବା ଏହା ଏକ କାଳ୍ପନିକ ରୂପାୟନ କି? ଯେଉଁମାନେ ଇତିହାସକୁ ଭଲପାଆନ୍ତି,ସେମାନେ କାଳ୍ପନିକ କଥା ଏବଂ ପ୍ରତୀକକୁ ଗ୍ରହଣ କରନ୍ତି ନାହିଁ। ସେମାନେ ଲିଖିତ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ପଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି। ବାଲ୍ମୀକିଙ୍କ ପୁରାତନ ସଂସ୍କୃତ କାବ୍ୟ ରାବଣ ଏବଂ ହନୁମାନଙ୍କ ମଧ୍ୟରେ ଏକ ଭିନ୍ନତା ସୃଷ୍ଟି କରେ। ଉଭୟ ସଂସ୍କୃତ ପଣ୍ଡିତ, ତଥାପି ଏହା ସ୍ପଷ୍ଟ ଯେ ରାବଣ ଜଣେ ବ୍ରାହ୍ମଣ ହୋଇଥିବାବେଳେ ହନୁମାନଙ୍କ ଜାତିର କୌଣସି ନିଶ୍ଚିତତା ନାହିଁ। ଏକବିଂଶ ଶତାବ୍ଦୀରେ ନିର୍ମିତ ମୂର୍ତ୍ତିରେ ଉପବୀତ(ପବିତ୍ର ସୂତା) ପିନ୍ଧିଥିବାର ଦେଖାଯାଆନ୍ତି। କିନ୍ତୁ ମଧ୍ୟଯୁଗୀୟ ଦକ୍ଷିଣ ଭାରତୀୟ କଳାରେ ତାଙ୍କ ଜଙ୍ଘ କିମ୍ବା ଲାଞ୍ଜରେ ଘଣ୍ଟି ଝୁଲୁଥିବା ଦେଖାଯାଏ। ଏହାର କାରଣ କେବଳ ଆଲୋଚନାରେ ରହିଯାଉଛି, କେବେ ବି ସ୍ପଷ୍ଟ କରାଯାଉ ନାହିଁ।

ଆମେ ସମସ୍ତେ ଆମର କଳ୍ପନା ଅନୁଯାୟୀ ହନୁମାନଙ୍କୁ ଜଣେ ଜଙ୍ଗଲ ନିବାସୀ (ଆଦିବାସୀ) ଭାବେ ଦେଖିବାକୁ ଚାହୁଁ। କିନ୍ତୁ ରାମାୟଣ ଅନୁଯାୟୀ ହନୁମାନ ଶୁଦ୍ଧ ସଂସ୍କୃତ କହି ରାବଣକୁ ବିସ୍ମିତ କରିଛନ୍ତି। ସଂସ୍କୃତ ଭାଷଣ କେବଳ ଆଭିଜାତ୍ୟ ବର୍ଗଙ୍କ ମଧ୍ୟରେ ସୀମିତ ଥିଲା। ହନୁମାନ ସଂସ୍କୃତରେ ରାମଙ୍କୁ ନିଜର ପରିଚୟ ପ୍ରଦାନ କରିଛନ୍ତି। ରାବଣ ହିଁ କେବଳ ସଂସ୍କୃତ କହେ ବୋଲି ସୀତା ଶୁଣିଥିବାରୁ ସେ କେଉଁ ଭାଷାରେ ସୀତାଙ୍କ ସହ କଥା ହେବା ଉଚିତ ବୋଲି ହନୁମାନ ସଂଶୟରେ ପଡ଼ିଛନ୍ତି। । କେବଳ ଏତିକି ନୁହେଁ ହନୁମାନଙ୍କୁ ଛଦ୍ମବେଶୀ ରାବଣ ବୋଲି



ସୀତା ଭାବିପାରନ୍ତି ବୋଲି ତାଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଅନ୍ୟକୌଣସି ବାନର-ସେନା ସଂସ୍କୃତ କଥା କୁହନ୍ତି ନାହିଁ। କେବଳ ହନୁମାନ କାହିଁକି କୁହନ୍ତି? ସେ ଜଣେ ବ୍ରାହ୍ମଣ ବୋଲି ଏହା ଇଙ୍ଗିତ କରେ କି? ସୂର୍ଯ୍ୟ-ଦେବତାଙ୍କଠାରୁ ହନୁମାନ ସଂସ୍କୃତ ଶିକ୍ଷା କରିବାର କାହାଣୀ ମଧ୍ୟ ରହିଛି। ମାଙ୍କଡ଼ମାନଙ୍କୁ ବୈଦିକ ଦେବତାମାନଙ୍କ ସନ୍ତାନ ବୋଲି ବର୍ଣ୍ଣନା କରାଯାଇଛି। ଏହା ସେମାନଙ୍କୁ ଆର୍ଯ୍ୟ, ଦ୍ରାବିଡ଼, ବ୍ରାହ୍ମଣ, ଦଳିତ କିମ୍ବା ଜଙ୍ଗଲରେ ବାସ କରୁଥିବା ଜନଜାତିର ପରିଚୟ ପ୍ରଦାନ କରେ କି? ରାମାୟଣର ଖଳ ନାୟକ ଜଣେ ବ୍ରାହ୍ମଣ ବୋଲି ସ୍ପଷ୍ଟ ଭାବରେ ସୂଚିତ କରାଯାଇଥିବାବେଳେ ହନୁମାନଙ୍କ ପରି ଚରିତ୍ରକୁ ବିଭିନ୍ନ ସମ୍ପ୍ରଦାୟର ବୋଲି ଗ୍ରହଣ କରାଯାଇଛି। ବେଳେବେଳେ ତାଙ୍କୁ ଉପବୀତ ପିନ୍ଧାଇ, କେବେ ଗୋଡରେ ଘଣ୍ଟି ଲଗାଇ ଉପସ୍ଥାପିତ କରାଯାଇଛି। ଏବେ କୁସ୍ତିଯୋଦ୍ଧାମାନେ ପାରମ୍ପରିକ ଜିମ୍ନାସିୟମ(ଆଖଡ଼ା)ରେ ହନୁମାନଙ୍କୁ ପୂଜା କରନ୍ତି କାରଣ ନାଗା ଯୋଦ୍ଧା-ଯୋଗୀମାନେ ହନୁମାନଙ୍କୁ ଶୈବ ଭୈରବଙ୍କ ବୈଷ୍ଣବ ରୂପ ଭାବରେ ଦେଖନ୍ତି, ଯିଏ ରାମଙ୍କୁ ସାହାଯ୍ୟ କରିବାକୁ ମର୍ତ୍ତ୍ୟକୁ ଆସିଥିଲେ। ଐତିହାସିକମାନେ କୁହନ୍ତି ଯେ ଯେତେବେଳେ ସିରାଜଦ୍ଦୌଲା ବ୍ରିଟିଶମାନଙ୍କ ବିରୋଧରେ ଯୁଦ୍ଧ କରିଥିଲେ ସେତେବେଳେ ତାଙ୍କ ସୈନ୍ୟବାହିନୀରେ ହନୁମାନ-ପୂଜା କରୁଥିବା ନାଗାମାନେ ରହିଥିଲେ। ଏସବୁ ବିଷୟଗୁଡ଼ିକ ହନୁମାନଙ୍କ ପରିଚୟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ।

ବାଲ୍ମୀକି ହନୁମାନଙ୍କୁ ଜଣେ ବନବାସୀ, ସଂସ୍କୃତ ଭାଷୀ, ରୂପ ବଦଳାଉଥିବା ବ୍ରହ୍ମଚାରୀ ଭାବେ ଉଲ୍ଲେଖ କରିଛନ୍ତି। ଦକ୍ଷିଣ ଭାରତୀୟ କଳାରେ ସେ ରାମଙ୍କ ପରି ସବୁଜ ରଙ୍ଗରେ ରଙ୍ଗିତ ହୋଇଛନ୍ତି। ଉତ୍ତର ଭାରତରେ ହନୁମାନ ଗେରୁଆ ରଙ୍ଗ ହୋଇଥିବାବେଳେ ରାମ ନୀଳ (ଏବଂ ବର୍ତ୍ତମାନ ମାର୍ବଲ ପରି ଧଳା)। ଦକ୍ଷିଣ-ପୂର୍ବ ଏସିଆରେ ହନୁମାନଙ୍କୁ ଭିନ୍ନ ଭାବରେ କଳ୍ପନା କରାଯାଇଥାଏ। ଜଣେ ବୌଦ୍ଧ ଭିକ୍ଷୁ, ତାନ୍ତ୍ରିକ ପଣ୍ଡିତ ଏବଂ ବୈଦିକ ପୁରୋହିତ ଭାବେ ତାଙ୍କର ସମସ୍ତ ଗୁଣ ଥିବା ପରି ମନେହୁଏ। ରାମାୟଣର ଜୈନ ସଂସ୍କରଣରେ ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆର ହନୁମାନ ଭିନ୍ନ ରୂପରେ ଦୃଶ୍ୟମାନ ହୋଇଥାଆନ୍ତି।

ଭାରତୀୟ କାହାଣୀରେ ହନୁମାନଙ୍କୁ ଜଣେ ବୀର ବାନର, ଶିବଙ୍କ ଅବତାର ବୋଲି ବର୍ଣ୍ଣନା କରାଯାଇଛି। ତାଙ୍କର କୌଣସି କାମନା ନ ଥିଲା। ଅନ୍ୟପକ୍ଷରେ ରାବଣ ସମ୍ପୂର୍ଣ୍ଣ ବିପରୀତ। ସେ ଜଣେ ଯୋଦ୍ଧା-ପୁରୋହିତ, ଯାହାଙ୍କର ଅନେକ ପତ୍ନୀ, ଧନ ଅଛି ଏବଂ ସେ ଶିବଙ୍କର ଜଣେ ଭକ୍ତ ହୋଇଥିଲେ ମଧ୍ୟ ଅଧିକ ଧନ, ଶକ୍ତି ଏବଂ ଭୋଗ ପାଇଁ ଲୋଭୀ ଥିଲା। ରାବଣର ବ୍ରାହ୍ମଣ ସ୍ୱଭାବ ବାରମ୍ବାର ବର୍ଣ୍ଣନା କରାଯାଇଛି। ଆଜି ମଧ୍ୟ ଉତ୍ତର ଭାରତରେ ଅନେକ ବ୍ରାହ୍ମଣ ସମ୍ପ୍ରଦାୟ ରାବଣ ପାଇଁ ଦଶହରାରେ ଶ୍ରାଦ୍ଧ ଦେଇଥାନ୍ତି । ସେମାନଙ୍କ ଯୁକ୍ତି ଯେ ରାବଣଙ୍କୁ ଖାଇବାକୁ ଦେବା ପାଇଁ ତାଙ୍କର ପିତୃଲୋକରେ କେହି ଜଣେ ହେଲେ ସନ୍ତାନ ନାହାନ୍ତି। ଉତ୍ତର ଭାରତୀୟ ବ୍ରାହ୍ମଣମାନଙ୍କ ମଧ୍ୟରୁ ଅନେକେ ବ୍ରାହ୍ମଣ ରାବଣକୁ ରାମ ହତ୍ୟା କରିବା ପାପରୁ ମୁକ୍ତ କରିବାର ରୀତିନୀତି ପାଳନକୁ ଗ୍ରହଣ କରନ୍ତି। ଅନେକେ ମଧ ଏହା କରିବାକୁ ମନା କରିଥାନ୍ତି। ଯଦି ବ୍ରାହ୍ମଣ ରାବଣଙ୍କୁ ଶିବଙ୍କର ଜଣେ ଉପାସକ ରୂପେ ଦେଖାଯାଏ, ତେବେ ତାଙ୍କ ଭାଇ ବିଭୀଷଣଙ୍କୁ ବିଷ୍ଣୁଙ୍କର ଜଣେ ଭକ୍ତ ଭାବେ ଦେଖାଯାଏ। ଯଦି ପୃଥିବୀରେ କ୍ଷତ୍ରିୟ ବଂଶର ରାମଙ୍କୁ ବିଷ୍ଣୁ ଭାବେ ଦେଖାଯାଏ, ତେବେ ଜଙ୍ଗଲରେ ବାସ କରୁଥିବା ସଂସ୍କୃତଭାଷୀ ହନୁମାନ ପୃଥିବୀରେ ଶିବ।

ଯେତେବେଳେ ତୁମେ ହନୁମାନଙ୍କୁ ଜଣେ ସାଙ୍କେତିକ ଚରିତ୍ର ବଦଳରେ ଏକ ଐତିହାସିକ ବ୍ୟକ୍ତିତ୍ୱରେ ପରିଣତ କର, ସେତେବେଳେ ହନୁମାନଙ୍କଠାରେ ସନ୍ନିବେଶିତ ଗଭୀର କାଳ୍ପନିକ ଏବଂ ସାଂସ୍କୃତିକ ଗୁରୁତ୍ୱ ଦୂର ହୋଇଯାଏ। ରାଜନେତା ଏବଂ ସେମାନଙ୍କ ସମର୍ଥକମାନେ ପୁରାଣ ବିରୋଧରେ ଉଚ୍ଚସ୍ୱରରେ କହୁଥିବାବେଳେ ସେମାନେ ହନୁମାନଙ୍କୁ ଐତିହାସିକ ବ୍ୟକ୍ତିତ୍ୱ ଭାବେ ବିଚାର କରିଥାନ୍ତି। କିନ୍ତୁ ବାଲ୍ମୀକି ହନୁମାନଙ୍କୁ ଏକ ଗଭୀର ବିଚାରଧାରା ସହ ସଂଯୋଜିତ କରିବାକୁ ଚାହିଁଥିଲେ। ତାଙ୍କ ବିଚାରରେ ସେ ଜଣେ ଅଭିଳାଷବିହୀନ ଶକ୍ତିଶାଳୀ ବ୍ୟକ୍ତିତ୍ୱ। ସେ ଅସହାୟଙ୍କୁ ସାହାଯ୍ୟ କରି ସେମାନଙ୍କୁ ଚିରଋଣୀ କରିଦିଅନ୍ତି ଏବଂ ଯଦି ସେମାନେ ମୁକ୍ତି ଚାହାନ୍ତି ତେବେ ଆଗକୁ ଏହି ଋଣ ପରିଶୋଧ କରିବାକୁ କହିଥାନ୍ତି।

-devduttofficial@gmail.com

## ଅବତାର ଆବଶ୍ୟକ



ଇଂ. ସଚ୍ଚିଦାନନ୍ଦ ନନ୍ଦ

ଯେଉଁ ଅବତାର ନ ଆସିଥିଲେ ଆଜିର ମାନବ ସମାଜ ଦାନବ ସମାଜ ପାଲଟିଯାଇଥାନ୍ତା, ଯିଏ ଅବତରୀ ନ ଥିଲେ ମାନବ ଜାତିର ଉଦ୍ଧରଣ ସମ୍ଭବ ହୋଇ ନ ଥାନ୍ତା, ଯିଏ ଆବିର୍ଭାବ ହୋଇ ନ ଥିଲେ ଧର୍ମଗୁରୁମାନେ ତାଙ୍କ ଶିଷ୍ୟବର୍ଗଙ୍କୁ ମାର୍ଗଦର୍ଶନ କରାଇପାରି ନ ଥାନ୍ତେ, ଯିଏ ଉଚିତ ସମୟରେ ଉପଯୁକ୍ତ ଶକ୍ତି ସାମର୍ଥ୍ୟସମ୍ପନ୍ନ ଐଶ୍ୱର୍ଯ୍ୟ ଧାରଣକରି ଯଦିଆସି ନ ଥାନ୍ତେ ଅନୈତିକ ଚାକଚକ୍ୟରେ ଆକର୍ଷିତ ହୋଇଯାଉଥିବା ଜନମାନସକୁ ପୁନଃ ଧର୍ମାନୁମୋଦିତ ସଂସ୍କୃତିସମ୍ପନ୍ନ କରାଇବା ଅସମ୍ଭବ ହୋଇଥାନ୍ତା। ଯିଏ ନ ଆସିଥିଲେ ପରିବାରର ସଦସ୍ୟମାନେ ସେମାନଙ୍କ ସମୁଚିତ କର୍ତ୍ତବ୍ୟ କ'ଣ ଜାଣିପାରି ନ ଥାନ୍ତେ। ଯିଏ ନ ଆସିଥିଲେ ତଥାକଥିତ ପଣ୍ଡିତମାନେ ଆପ୍ତବାକ୍ୟର ପ୍ରକୃତ ଅର୍ଥ ବ୍ୟାଖ୍ୟାକରି ନ ପାରି ତାହାକୁ କଦର୍ଥ କରୁଥାନ୍ତେ। ଯାହାଙ୍କ ଅନୁପସ୍ଥିତିରେ ମଣିଷ କେବଳ ଆକାର ମଣିଷ ହୋଇ ଅମଣିଷ ଭଳି ଅପକର୍ମଗୁଡ଼ିଏ କରୁଥାନ୍ତା। ଯାହାଙ୍କ ଆଗମନ ହୋଇ ନ ଥିଲେ ଏ ଭୂଖଣ୍ଡରେ ଥିବା ବହୁ ସହସ୍ର ଦେବଦେବୀ ମନ୍ଦିରରେ ଦିଅଁମାନେ ସେମାନଙ୍କର ପ୍ରାପ୍ୟ ପୂଜା ଆରାଧନା ହରାଇ ବସିଥାନ୍ତେ। ଅବତାର ତାଙ୍କର ଅଲୌକିକ ଶକ୍ତି ବଳରେ ଆଖି ଥାଇ ଅନ୍ଧ ପାଲଟିଥିବା ମାନବ ସମାଜକୁ ପୁନଃ ଦୃଷ୍ଟିଶକ୍ତି ପ୍ରଦାନକରି ତାଙ୍କର କର୍ତ୍ତବ୍ୟ ପ୍ରତି ସଚେତନ କରାଇ ପୁରୁଷ ପରେ ପୁରୁଷ ଧରି ଯେଉଁ ସଦୟ କୃପା ପ୍ରଦାନ କରନ୍ତି ତାହା ଅଚିନ୍ତନୀୟ। ପରିବାରର ପବିତ୍ରତା, ମାନବ ବସତିର ନିରୋଳ ଭକ୍ତିପୂର୍ଣ୍ଣ ବାତାବରଣ, ଗୁରୁଜନମାନଙ୍କର ସ୍ନେହପୂର୍ଣ୍ଣ ଶାସନ, ଯୁବକମାନଙ୍କ ଦାବି ସହିତ ସେମାନଙ୍କର ଦାୟିତ୍ୱଜ୍ଞାନ, ମହିଳାମାନଙ୍କଠାରେ ଥିବା ସହଜାତ କୋମଳତା, ସେବା ଭାବ, ଅତିଥି ପରାୟଣତା, ଶିଶୁମାନଙ୍କଠାରେ ଆଜ୍ଞାନୁବହତା, ଅଧ୍ୟବସାୟ, ଶିକ୍ଷା ଆହରଣ କରିବାର ଉତ୍ସୁକତା ଅବତାରଙ୍କ ବ୍ୟତୀତ କିଏ ପୁନଃ ସ୍ଥାପନ କରାଇପାରନ୍ତା?

ପୃଥିବୀରେ ବିଭିନ୍ନ ଦେଶର ପୂର୍ବଜମାନଙ୍କ ସାଧନା ବଳରେ ତାଙ୍କ ଭୂଖଣ୍ଡର ଯେ ଗୋଟାଏ ସଂସ୍କୃତି ଅଛି ଏବଂ ତାହାର ପାଳନ ଓ ଅନୁସରଣ ସେ ଦେଶବାସୀଙ୍କୁ ନିଜ ପିତାଙ୍କ ଭଳି ସୁରକ୍ଷା ପ୍ରଦାନକରେ ତାହାର ବିପରୀତ ହେଲେ ତାହା ପରିଣାମ କିପରି ବିଷମୟ ହୁଏ ସେ ଶିକ୍ଷା କିଏ ଦେଇଥାନ୍ତା? ନିଜ ନିଜର ସଂସ୍କୃତିକୁ ଭଲ ପାଇବା ଓ ତାହାର ପ୍ରଭାବରେ ନିଜେ ସଂସ୍କାରିତ ହେବାର ଦୀକ୍ଷା ଦେବା ଭଳି ଦାୟିତ୍ୱ ଅବତାରଙ୍କ ବ୍ୟତୀତ କିଏ ଆପଣା ଛାଏଁ ବହନ କରନ୍ତା?

ଭଗବାନଙ୍କର ଏ ସୃଷ୍ଟି ଏହାର ଅନ୍ତରାଳରେ ନିହିତ ଥିବା ସେ ସତ୍ୟକୁ ଜାଣିବା ଓ ବୁଝିବାର ଶକ୍ତି, ସତ୍ୟକୁ ବୁଝି ତାହାକୁ ଦୈନନ୍ଦିନ ଜୀବନରେ ପାଳି ସେଥିରୁ ଲାଭବାନ ହେବା ପରିଶେଷରେ ଏକ ଲାଭପ୍ରଦ ମୃତ୍ୟୁ ହାସଲ କରିବାର କଳା ଅବତାରଙ୍କ ଭିନ୍ନ ଆଉ କିଏ ଶିଖାଇ ଦେଉଥାନ୍ତା। ମାନବ ଜୀବନ, ମାନବ ଶରୀର, ମାନବ ଜନ୍ମ ଲାଭ କରିବାର ଉଦ୍ଦେଶ୍ୟ, ଜୀବନର ଲକ୍ଷ୍ୟ, ଲକ୍ଷ୍ୟ ହାସଲ କରିବାର ପଥ ନିର୍ବାଚନ ସେ ପଥର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କରାଇ ଅବାଟରେ ଯାଉଥିବା ଲୋକମାନଙ୍କୁ ଠିକ୍ ମାର୍ଗରେ ଚଳାଇବା ଭଳି ଦୁରୂହ ବ୍ୟାପାର କାହାକୁ ସରଳ ମନେହୁଅନ୍ତା ଅବତାରଙ୍କ ବିନା।

ପୁରାକାଳର ଦିବ୍ୟଦ୍ରଷ୍ଟା ଯୋଗୀଋଷିମାନେ ତାଙ୍କ ତପସ୍ୟା ବଳରେ ଯେଉଁ ଦୁର୍ଲଭ ଅଭିଜ୍ଞତା ହାସଲ କରିଥିଲେ, ଯେଉଁ ଅବ୍ୟର୍ଥ ମନ୍ତ୍ରମାନ ହାସଲ କରିଥିଲେ, ମାନବ ସମାଜର ଉପକାର ପାଇଁ ଅକାତରେ ନିଃସ୍ୱାର୍ଥ ଭାବ ସହ ପ୍ରଦାନ କରିଦେଇଯାଇଛନ୍ତି। ତାହା ସବୁ ଅବମାନିତ ହୋଇ ଅନାବଶ୍ୟକ ତତ୍ତ୍ୱ ହିସାବରେ ମାନବ ସମାଜର ଅଗୋଚରରେ ନଷ୍ଟ ହୋଇଯିବାକୁ ବସିଥିଲାବେଳେ ଅବତାର ପୁରୁଷମାନେ ଆସି ତାହାର ପୁନର୍ବାର ପ୍ରବର୍ତ୍ତନ କରାଇ ମଣିଷର ଅଶେଷ ଉପକାର ସାଧନ କରାଇଥାନ୍ତି। ଉପନିଷଦ, ସଂହିତା, ସ୍ମୃତିଶାସ୍ତ୍ର ଓ ବିଭିନ୍ନ ସ୍ଥାନୀୟ ଭାଷାରେ ଲିଖିତ ବହୁ ଅମୂଲ୍ୟରତ୍ନ ସାଉଣ୍ଟି ଆଣି ପୁନର୍ବାର ଲୋକ ସମାଜରେ ପ୍ରବର୍ତ୍ତନ କରାଇ ଲୋକ ମର୍ଯ୍ୟାଦା, ଋଷି ମର୍ଯ୍ୟାଦା, କବି ମର୍ଯ୍ୟାଦା, ଶାସ୍ତ୍ର ମର୍ଯ୍ୟାଦା, ମନ୍ତ୍ର ମର୍ଯ୍ୟାଦାକୁ ଫେରାଇ ଆଣି ପୁରାତନକୁ ସନାତନ କରାଇବାର କ୍ଷମତା କେବଳ ଅବତାରଙ୍କର ହିଁ ଥାଏ। ଏହାଦ୍ୱାରା ସେ ତାଙ୍କ ନିଜ ସୃଷ୍ଟିର ପରମ ମଙ୍ଗଳ ସାଧନ କରିବା ସହ ଯୁଗ ଯୁଗ ପାଇଁ ପୂଜନୀୟ ଓ ସ୍ମରଣୀୟ ହୋଇ ଅମରତ୍ୱ ପ୍ରାପ୍ତ ହୋଇଯାଆନ୍ତି। ପର୍ବପର୍ବାଣି ପାଳନ ଅନ୍ତରାଳରେ ଥିବା ନିହିତ ତାତ୍ପର୍ଯ୍ୟ ଜ୍ଞାପନ କରାଇ ଲୋକମାନଙ୍କ ଜୀବନଯାପନର ଶୈଳୀ ତ୍ୱରାନ୍ୱିତ କରାଇ ଆଧ୍ୟାତ୍ମିକ ଉଦ୍ଧରଣକୁ ସୁନିଶ୍ଚିତ କରାଇ ମର୍ତ୍ତ୍ୟଲୋକ ତଥା ଦେବଲୋକରେ ଭଗବାନଙ୍କ ପ୍ରିୟ ହେବାର କଳାକୌଶଳ ଅବତାରଙ୍କ ବିନା କିଏ ବା ଶିଖାଇ ପାରିଥାନ୍ତା।

**ଅଲିଶା ବଜାର, କଟକ**
**ମୋ: ୯୩୩୭୨୪୨୯୫୫**

## ଏଇ ଭାରତରେ

କର୍ନାଟକ ଚିକମାଗାଲୁର ବି. ଜି. ସୀତାରାମନ, ବିନୟ କୁମାର ଏବଂ ରାଜୀବ ଦୀକ୍ଷିତ ପରିବେଶ ପ୍ରଦୂଷଣ ରୋକିବା ପାଇଁ ବର୍ଜ୍ୟ କାଗଜରୁ କାଗଜ କପ୍, ଟେଟ୍ରା ପ୍ୟାକ୍ ଓ ଟିସ୍ୟୁ ପେପର ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ଏଭଳି ପରିବେଶ ଉପଯୋଗୀ ବିଜ୍‌ନେସ ଆରମ୍ଭ କରିବା ପଛରେ ମେକାନିକାଲ ଇଞ୍ଜିନିୟର ସୀତାରାମନଙ୍କ ପ୍ରେରଣା ରହିଛି। ସୀତାରାମନଙ୍କର ଏକ ପେପର ମିଲ୍ ଥିଲା। କିନ୍ତୁ କୋଭିଡ୍ ସମୟରେ ତାହା ବନ୍ଦ ହୋଇଯିବା ପରେ କାଗଜ ବର୍ଜ୍ୟର ପୁନଃ ବିନିଯୋଗ କଥା ସେ ଚିନ୍ତା କରିଥିଲେ। ସେ ସୋସିଆଲ ଏଣ୍ଟରପ୍ରିନ୍ୟୁର ବିନୟ କୁମାର ଓ ଗ୍ରୀନ୍ କେମିକାଲ ଏକ୍ସପର୍ଟ ରାଜୀବ ଦୀକ୍ଷିତଙ୍କ ସହ ଆଲୋଚନା କରି ଏକ ନୂଆ ମେଶିନ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ବହୁ ଚେଷ୍ଟା ପରେ ସେମାନଙ୍କ ମାଧ୍ୟମରେ ଇଣ୍ଡିକ୍ ଇନିସିଏଟିଭସ୍ ଷ୍ଟାର୍ଟଅପ୍ ଦ୍ୱାରା ୨୦୨୨ରେ ୱେଷ୍ଟ ପେପର ରିସାଇକେଲ୍‌ର ନିର୍ମାଣ କରିବାକୁ ସକ୍ଷମ ହୋଇଥିଲେ। ପରେ ସେଥିରେ ବର୍ଜ୍ୟ କାଗଜର ରିସାଇକେଲିଂ ଆରମ୍ଭ କରିଥିଲେ। ଏଥିରେ ପ୍ରତି ମାସରେ ୩୦୦୦ କେଜି ବର୍ଜ୍ୟ କାଗଜର ପୁନଃ ବିନିଯୋଗ କରାଯାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଡିସେମ୍ବର ୧୯୭୫

- ମଧ୍ୟପ୍ରଦେଶ ସରକାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ନିମନ୍ତେ ସ୍ଥିର କରିଥିବା ଏକ ସରକାରୀ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।
- ନେପାଳ ଜନସାଧାରଣ ସର୍ବାଙ୍ଗୀନ ବିକାଶ ଲାଗି ନେପାଳ ସରକାରଙ୍କ ୧୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଘୋଷଣା।
- ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ସ୍ୱିଡେନର ରାଜା କାର୍ଲ ଗୁସ୍ତାଫ ୧୧ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | 5 | 6 |
| | 8 | | | | 6 | | | 4 |
| 4 | | | | | | | 1 | |
| 5 | | | | | | | | |
| | | 6 | | | | 3 | 2 | 9 |
| | 3 | | | | 1 | | | |
| | 4 | | | 5 | | | 6 | 3 |
| 6 | | | 8 | | | | | |
| | 9 | 3 | 7 | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 3 | 9 | 4 | 2 | 1 | 5 | 7 |
| 9 | 5 | 4 | 7 | 6 | 1 | 2 | 3 | 8 |
| 7 | 1 | 2 | 5 | 3 | 8 | 6 | 9 | 4 |
| 4 | 6 | 7 | 8 | 2 | 5 | 3 | 1 | 9 |
| 2 | 3 | 8 | 4 | 1 | 9 | 5 | 7 | 6 |
| 1 | 9 | 5 | 3 | 7 | 6 | 8 | 4 | 2 |
| 5 | 4 | 1 | 2 | 8 | 7 | 9 | 6 | 3 |
| 3 | 2 | 9 | 6 | 5 | 4 | 7 | 8 | 1 |
| 8 | 7 | 6 | 1 | 9 | 3 | 4 | 2 | 5 |

ଗତକାଲିର ଉତ୍ତର

## ଋତୁସ୍ରାବ ଓ ଅନ୍ଧବିଶ୍ୱାସ



ପଲ୍ଲିଶ୍ରୀ ଦାଶ

ଆମେ ଏପରି ଏକ ଦୁନିଆରେ ବାସ କରୁଛୁ, ଯେଉଁଠାରେ ଜନସଂଖ୍ୟାର ପ୍ରାୟ ୫୦% ମହିଳା। ଏହି ମହିଳା ଏବଂ ବାଳିକାମାନଙ୍କ ମଧ୍ୟରୁ ପ୍ରାୟ ୨୬% ଋତୁସ୍ରାବ ବୟସରେ ଥା'ନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ କଥା ଯେ, ମାସିକ ଋତୁସ୍ରାବକୁ ସୃଷ୍ଟି ଏବଂ ନାରୀଶକ୍ତିର ପ୍ରତୀକ ଭାବରେ ଦେଖିବା ସହ ଏହାକୁ ଏକ ପ୍ରାକୃତିକ ପ୍ରକ୍ରିୟା ଭାବରେ ସମ୍ମାନ ଏବଂ ଗ୍ରହଣ କରିବା ପାଇଁ ମହିଳାମାନେ ସମାଜ ସହ ଆଜିଯାଏ ସଂଘର୍ଷ କରିଆସୁଛନ୍ତି।

ଦୁର୍ଭାଗ୍ୟବଶତଃ, ଜଣେ ମହିଳାଙ୍କ ଜୀବନର ବିଭିନ୍ନ ଦିଗ ପରି ଯାହାକୁ ସେମାନେ ନିଜ ନିୟନ୍ତ୍ରଣରେ ରଖିପାରନ୍ତି ନାହିଁ, ଯାହାକି ଏକ ଗଣତାନ୍ତ୍ରିକ ଦେଶ ତଥା ଏକ ଆଧୁନିକ ସମାଜ ପାଇଁ ଅତ୍ୟଧିକ ନିନ୍ଦିତ ବିଷୟ। ପ୍ରାଚୀନ କାଳରୁ ମହିଳାମାନେ ଯେଉଁସବୁ ରୂଢ଼ିବାଦୀ ଚିନ୍ତାଧାରା, ଅନ୍ଧବିଶ୍ୱାସ ଏବଂ କୁସଂସ୍କାରଗୁଡ଼ିକ ଉପରେ ନିଜ ଜୀବନକୁ ସୀମିତ କରିଆସିଛନ୍ତି, ସେମାନଙ୍କ ମଧ୍ୟରୁ ଋତୁସ୍ରାବ ସମ୍ବନ୍ଧୀୟ ରୂଢ଼ିବାଦୀ ଚିନ୍ତାଧାରା, ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ସବୁଠାର ଅସନ୍ତୋଷଜନକ।

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୟ କରୋଲ ୧୯ ଅକ୍ଟୋବର ୨୦୨୪ ଦିନ ଭାରତରେ ମହିଳାମାନେ ମାସିକ ଋତୁସ୍ରାବ ସମୟରେ କିପରି ଦୁଃଖଦ ଅବସ୍ଥା ସହ ଗତି କରୁଛନ୍ତି, ତାହା ସେ ତାଙ୍କ ବକ୍ତବ୍ୟରେ ପ୍ରଥମ ଅନ୍ତର୍ଜାତୀୟ ସୁପ୍ରିମକୋର୍ଟ ଆଡ୍‌ଭୋକେଟ ଅନ୍ ରେକର୍ଡ ଆଶୋସିଏଶନ (SCAORA) ଆଇନ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଥିଲେ ଏବଂ ଜଷ୍ଟିସ୍ କରୋଲ ମଧ ୨୦୨୩ରେ ଉଠାଇଥିବା ଏକ ଫଟୋ ଦେଖାଇଥିଲେ, ଯେଉଁଥିରେ ମହିଳା ଜଣକ ଏକ ତମ୍ବୁ ତଳେ ଘର ବାହାରେ ଋତୁସ୍ରାବ ସମୟରେ ଅଲଗା ହୋଇ ରହୁଥିଲେ। ସେ କହିଥିଲେ ଯେ, ''ମୁଁ ଏକ ଦୂର ଗ୍ରାମରୁ ନେଇଥିବା ଏହି ଫଟୋଗ୍ରାଫ୍। ଏହି ଫଟୋଗ୍ରାଫ୍ ଜଣେ ମହିଳାଙ୍କର, ଯେତେବେଳେ ସେ ଶାରୀରିକ ପରିବର୍ତ୍ତନ ମାସିକ ଋତୁସ୍ରାବ ଦେଇ ଗତି କରୁଛନ୍ତି, ସେହି ପାଞ୍ଚଦିନ ତାଙ୍କ ଘରେ ପ୍ରବେଶ କରିବାକୁ ବାରଣ କରାଯାଇଛି।' ଏହା ହେଉଛି ଭାରତ। ଏପରି ସମାଜରେ ଆମେ ରହୁଛୁ। ଆମକୁ ଏହି ଲୋକମାନଙ୍କ ନିକଟରେ ପହଞ୍ଚିବାକୁ ପଡ଼ିବ।

ଋତୁସ୍ରାବ ହେଉଛି ଜଣେ ମହିଳାଙ୍କ ନୀତିଦିନ ଜୀବନର ଏକ ଗ୍ରହଣୀୟ ବାସ୍ତବତା, ଯାହା ଭୁଲ୍ ଧାରଣା ଏବଂ ଅସମ୍ପୂର୍ଣ୍ଣ ଜ୍ଞାନ ହେତୁ ଶେଷରେ ଲଜ୍ଜା ଏବଂ ଘୃଣାର ଭାବନା ସହିତ ଜଡ଼ିତ। ବିଶ୍ୱର ବିଭିନ୍ନ ପ୍ରାନ୍ତର ରୂଢ଼ିବାଦୀ ଚିନ୍ତାଧାରା ଋତୁସ୍ରାବକୁ ଅପବିତ୍ରର ସଙ୍କେତ ଏବଂ ଅପରିଷ୍କାର ବୋଲି ଭାବନ୍ତି। ରୂଢ଼ିବାଦୀ ଚିନ୍ତାଧାରା, ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ଯାହା ଋତୁସ୍ରାବ ସହିତ ଜଡ଼ିତ କେବଳ ଅଯୁକ୍ତିଯୁକ୍ତ ନୁହେଁ ବରଂ ସେମାନଙ୍କ ମଧ୍ୟରୁ କେତେକ ଅତ୍ୟନ୍ତ ହାସ୍ୟାସ୍ପଦ। ଋତୁସ୍ରାବ କରୁଥିବା ମହିଳାମାନେ ଖାଦ୍ୟ ରାନ୍ଧିବା କିମ୍ବା ଛୁଇଁବା ଉଚିତ ନୁହେଁ, ବିଶେଷତଃ ଖଟା ଛୁଇଁବାକୁ ବାରଣ କରାଯାଏ, କାରଣ ଖଟା ନଷ୍ଟ ହୋଇଯିବ। ଏହି ବିଶ୍ୱାସ ଭିତ୍ତିହୀନ। କାରଣ ଋତୁସ୍ରାବ ଜଣେ ମହିଳାର ଖାଦ୍ୟ ପରିଚାଳନା କରିବାର କ୍ଷମତାକୁ ପ୍ରଭାବିତ କରେ ନାହିଁ। ପୁରୁଣାକାଳିଆ ଚିନ୍ତାଧାରାଟି ସ୍ୱଚ୍ଛତା ଏବଂ ଅତୀତରେ ପରିଷ୍କାର ସୁବିଧାଗୁଡ଼ିକର ଅଭାବ ପରିପ୍ରେକ୍ଷୀରେ ଉତ୍ପନ୍ନ ହୋଇଥିଲା, କିନ୍ତୁ ଆଧୁନିକ ସ୍ୱଚ୍ଛତା ଅଭ୍ୟାସ ଏହି ଧାରଣାକୁ ଆଜିଯାଏ ଜାବୁଡ଼ି ଧରିବା ସମ୍ପୂର୍ଣ୍ଣ ଏକ ଶିକ୍ଷିତ ନାଗରିକ ସମାଜ ପାଇଁ ଯୁକ୍ତିଯୁକ୍ତ ନୁହେଁ।



ସେହିପରି ଆଫଗାନିସ୍ତାନରେ ମହିଳାମାନେ ଗାଧୋଇବାକୁ ବାରଣ କରାଯାଇଥିବାବେଳେ ଜାପାନରେ ମହିଳାମାନଙ୍କୁ ମାସିକ ଋତୁସ୍ରାବ ସମୟରେ ସୁଶି (ଜାପାନର ଏକ ଖାଦ୍ୟ) ତିଆରି କରିବାକୁ ବାରଣ କରାଯାଇଥାଏ। କାରଣ ଏହା ଏକ ଅସନ୍ତୁଳିତ ସ୍ୱାଦର କାରଣ ହୋଇପାରେ। ନେପାଳର 'ଛଉପାଡ଼ି' ପ୍ରଥା, ଯଦିଓ ଏହା ନେପାଳରେ ନିଷେଧ, ତଥାପି ସେଠାରେ କେତେକ ଗ୍ରାମାଞ୍ଚଳରେ ଏହାକୁ ମାନୁଛନ୍ତି, ଯେଉଁଠାରେ ଋତୁସ୍ରାବ କରୁଥିବା ମହିଳାମାନେ ନିଜ ପରିବାରକୁ ଦୁର୍ଭାଗ୍ୟ ଆଣିବେ ବୋଲି ବିଶ୍ୱାସ ହେତୁ ସେମାନଙ୍କ ଋତୁସ୍ରାବ ସମୟରେ ଅଲଗା ଘରେ ରହିବାକୁ ଦିଆଯାଏ। ଋତୁସ୍ରାବକୁ ଘେରି ରହିଥିବା ରୂଢ଼ିବାଦୀ ଚିନ୍ତାଧାରା ଏବଂ ଅନ୍ଧବିଶ୍ୱାସ ଯୋଗୁ ଭାରତରେ ଝିଅମାନଙ୍କ ଶିକ୍ଷାକୁ ବହୁତ ପ୍ରଭାବିତ କରିଥାଏ। ବିଭିନ୍ନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଉପଯୁକ୍ତ ପରିମଳ ସୁବିଧା ଅଭାବ, ସାମାଜିକ ଲଜ୍ଜା ଏବଂ ମାସିକ ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା ଅଭାବରୁ ଭାରତରେ ପ୍ରାୟ ୨୩% ବାଳିକା ଋତୁସ୍ରାବ ଆରମ୍ଭ କରିବା ପରେ ବିଦ୍ୟାଳୟ ଅଧାରୁ ଛାଡ଼ିଥା'ନ୍ତି।

କଂଗ୍ରେସ ନେତା ତଥା ସାମାଜିକ କର୍ମୀ ଜୟା ଠାକୁରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ମାଗଣା ସାନିଟାରି ପ୍ୟାଡ୍ ଯୋଗାଇବା ଏବଂ ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଏବଂ ଆବାସିକ ବିଦ୍ୟାଳୟରେ ପୃଥକ୍ ମହିଳା ଶୌଚାଳୟ ସୁବିଧା ସୁନିଶ୍ଚିତ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ''ବିଦ୍ୟାଳୟ ଯାଉଥିବା ବାଳିକାମାନଙ୍କ ପାଇଁ ମାସିକ ସ୍ୱଚ୍ଛତା ନୀତି'' ପ୍ରସ୍ତୁତ କରିବାକୁ କେନ୍ଦ୍ର ସୋମବାର ସୁପ୍ରିମକୋର୍ଟଙ୍କୁ ସୂଚନା ଦେଇଛନ୍ତି। ୧୦ ଏପ୍ରିଲ ୨୦୨୩ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ କେନ୍ଦ୍ର ଏହାର ପକ୍ଷ ରଖି କହିଛନ୍ତି ଯେ, କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ମହିଳା, ସ୍କୁଲ ପିଲାମାନଙ୍କ ମାସିକ ଧର୍ମ ସ୍ୱଚ୍ଛତା ଉପରେ ନୀତି ପ୍ରସ୍ତୁତ କରିଛି, ଯାହା ୨ ନଭେମ୍ବର ୨୦୨୪ରେ ସମ୍ପୃକ୍ତ ମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହୋଇସାରିଛି। ଋତୁସ୍ରାବଜନିତ ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ନୀତିର କାର୍ଯ୍ୟକାରିତା ଋତୁସ୍ରାବ ସମ୍ବନ୍ଧୀୟ ଭୁଲ୍ ଧାରଣାକୁ ଭାଙ୍ଗିବାରେ ତୃଣମୂଳ ସ୍ତରରେ ପ୍ରମୁଖ ଭୂମିକା ନିର୍ବାହ କରିବ। ଏହା ପରିମଳ ସୁବିଧା ସୁନିଶ୍ଚିତ କରିବା ସହ ସଚେତନତା ବୃଦ୍ଧି କରିପାରିବ। ଏହି ନୀତି ଏକ ଅଧିକ ସମାବେଶୀ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଠାରେ ଝିଅମାନେ ଭୟ କିମ୍ବା ପ୍ରତିବନ୍ଧକ ବିନା ସେମାନଙ୍କ ଦୈନନ୍ଦିନ କାର୍ଯ୍ୟକଳାପରେ ମୁକ୍ତ ଭାବରେ ଅଂଶ ଗ୍ରହଣ କରିପାରିବେ। କିନ୍ତୁ କେତେଦୂର ଏ ନୀତି କାର୍ଯ୍ୟକାରୀ କରାଯାଇପାରୁଛି, ଏହା ଭବିଷ୍ୟତରେ ଜଣାପଡ଼ିବ।

ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା ଯୋଜନା ଉପରେ ସଚେତନ କରିବା ପାଇଁ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ଯେତେ ସରକାରୀ ସ୍ତରରେ ହେଲେ ମଧ ଯଦି ଋତୁସ୍ରାବକୁ ପ୍ରଥମେ ଘର ଏବଂ ପରିବାର ମଧ୍ୟରେ ସ୍ୱାଭାବିକ ଭାବେ ନ ନେଇଛନ୍ତି, ସମାଜରୁ ଏହି ପୁରୁଣାକାଳିଆ ଚିନ୍ତାଧାରା, କୁସଂସ୍କାର ଏବଂ ଅନ୍ଧବିଶ୍ୱାସର ଶେଷ ହୋଇ ପାରିବନି। ଋତୁସ୍ରାବଜନିତ ଶିକ୍ଷା କେବଳ ଝିଅମାନଙ୍କ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଋତୁସ୍ରାବ ବିଷୟରେ ପୁଅ ଏବଂ ପୁରୁଷମାନଙ୍କୁ ଶିକ୍ଷାଦେବା ଅତ୍ୟନ୍ତ ଜରୁରୀ, ଯାହାକି ଏହାକୁ ନେଇଥିବା ରୂଢ଼ିବାଦୀ ଚିନ୍ତାଧାରା କିଛି ମାତ୍ରାରେ କମିପାରିବ। ବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରମାନଙ୍କ ପାଇଁ ପାଠ୍ୟକ୍ରମରେ ଋତୁସ୍ରାବ ସ୍ୱାସ୍ଥ୍ୟ ଶିକ୍ଷା ଅନ୍ତର୍ଭୁକ୍ତ କରିବା ଉଚିତ।

**ମୋ: ୭୦୦୮୧୨୦୬୭୩**

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ୟାନ୍ୟ ପ୍ରସଙ୍ଗଙ୍କୁ ମଧ ପ୍ରାଧାନ୍ୟ ମିଳୁ

ମହାଶୟ,

ଭାରତରେ ଜନସଂଖ୍ୟା ବୃଦ୍ଧି ଅନୁପାତରେ ସଂସଦୀୟ ଆସନ ସ୍ଥିର କରିବା ପ୍ରସଙ୍ଗ ନିଶ୍ଚିତ ଏକ ବିତର୍କର ବିଷୟ ହୋଇଛି। ଏହି ପରିପ୍ରେକ୍ଷୀରେ, ଭାରତ ପରି ଦ୍ରୁତ ବିକାଶଶୀଳ ଦେଶ ପାଇଁ ଜନସଂଖ୍ୟା ବୃଦ୍ଧି ଅନୁପାତ ବ୍ୟତୀତ ଅନ୍ୟାନ୍ୟ ପ୍ରସଙ୍ଗକୁ ମଧ ବିଚାର କରାଯାଇପାରେ ଯେପରି କି – ଜନସଂଖ୍ୟା ନିୟନ୍ତ୍ରଣ ତଥା ଦାରିଦ୍ର୍ୟ ଦୂରୀକରଣ ଏବଂ ବିକାଶ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ କରୁଥିବା ରାଜ୍ୟମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇପାରେ । ଅଧିକନ୍ତୁ, ଅନ୍ୟାନ୍ୟ କାରଣଗୁଡ଼ିକ ଯେପରି ବିକଶିତ ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଞ୍ଚଳ, ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଅଞ୍ଚଳ, ଖଣିଜ ପଦାର୍ଥ ଏବଂ ସମ୍ବଳରେ ଭରପୂର ଥିବା ଅଞ୍ଚଳ, ସୀମାବର୍ତ୍ତୀ ଅଞ୍ଚଳ ଇତ୍ୟାଦିକୁ ମଧ୍ୟ ବିଚାର କରାଯାଇପାରେ ।

**-ନବନିତ୍ ପାଣିଗ୍ରାହୀ, ରାୟଗଡ଼ା**

### ଚିରନ୍ତନୀ

ମରମେ ମୋହର ଅମୃତ ଗଲା ବରଷି
ଶତ ଧାରେ
କିବା ଉତ୍ସବେ ଉଠିଲା ଏ ଦେହ ହରଷି
ବାରେ ବାରେ।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୋଟର ତାଲିକାରୁ ନାଁ କଟାଯିବାର ପ୍ରମାଣ ଦେଲା ଆପ୍

ନୂଆଦିଲ୍ଲୀ,୧୧।୧୨

ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଭାଜପା ଭୋଟର ତାଲିକାରେ ଜାଲିଆତି ଉଦ୍ୟମ କରୁଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଅଭିଯୋଗ କରିଛି। କ୍ରମାଗତ ତୃତୀୟ ଥର ପାଇଁ ସରକାର ଗଢ଼ିବାକୁ ଲକ୍ଷ୍ୟ ରଖିଥିବା ଆପ୍‌ର ନେତାମାନେ ବୁଧବାର ନିର୍ବାଚନ କମିଶନଙ୍କୁ ଭେଟି ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ନାଁ କଟାଯାଉଥିବା ଅଭିଯୋଗର ପ୍ରମାଣ ଦେଇଛନ୍ତି। ଦିଲ୍ଲୀର ଗରିବ, ଅନୁସୂଚିତ ଜାତି ଏବଂ ଦଳିତମାନଙ୍କ ନାଁକୁ ଭୋଟର ତାଲିକାରୁ କାଟିବା ପାଇଁ ଭାଜପା ଚଳାଇଥିବା ଷଡ଼ଯନ୍ତ୍ରର ୩,୦୦୦ ପୃଷ୍ଠା ସମ୍ବଳିତ ପ୍ରମାଣ ନିର୍ବାଚନ କମିଶନଙ୍କୁ ହସ୍ତାନ୍ତର କରିଛୁ ବୋଲି ଆପ୍‌ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଭାଜପା ସଦସ୍ୟମାନେ ଶହଦରା ଅଞ୍ଚଳରେ ୧୧,୦୦୦ ଭୋଟରଙ୍କ ନାଁ କାଟିବା ଦିଗରେ କିପରି କାର୍ଯ୍ୟ କରିଥିଲେ, ତାହା ଆମେ ଇସିଙ୍କୁ ଜଣାଇଛୁ। ନିର୍ବାଚନ ପୂର୍ବରୁ ଏଭଳି କାର୍ଯ୍ୟ ବନ୍ଦ କରିବାକୁ ନିର୍ବାଚନ ଆୟୋଗଙ୍କୁ ନିବେଦନ କରାଯାଇଛି। ନାଁ କାଟିବାରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଏତଲା ଦାଏର ହୋଇଛି। ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଦ୍ୱାରା କ୍ଷେତ୍ର ଅନୁଧ୍ୟାନ କରାଯିବ। ନିର୍ବାଚନ ପୂର୍ବରୁ ଏଭଳି ନାଁ କଟାଯିବ ନାହିଁ ବୋଲି ଇସି ପ୍ରତିଶ୍ରୁତି ଦେଇଥିବା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ଦିଲ୍ଲୀରେ ଆପ୍‌କୁ ହରାଇବା ଏବଂ ଅରବିନ୍ଦ କେଜ୍‌ରିୱାଲଙ୍କୁ ରୋକିବା ସମ୍ଭବ ନୁହେଁ ବୋଲି ଜାଣିବା ପରେ ଭାଜପା ଭୋଟର ତାଲିକାରୁ ନାଁ କାଟି ଜିତିବା ପାଇଁ ଉଦ୍ୟମ କରୁଥିବା ବରିଷ୍ଠ ଆପ୍ ନେତା ମନୀଷ ସିସୋଡିଆ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।



ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ, ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ା ଓ ସଞ୍ଜୟ ସିଂ ଇସିଆଇଙ୍କୁ ଭେଟି ଫେରୁଛନ୍ତି।

# ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର,୧୧।୧୨(ଅନିଲ ଦାସ)

## ମିଶନ ଶକ୍ତି କମ୍ୟୁନିଟି ଷ୍ଟାଫ୍ ଆନ୍ଦୋଳନ

### ଅବଧି ଶେଷ ହୋଇଛି, ଦରମା ପାଇ ସାରିଛନ୍ତି: ଉପମୁଖ୍ୟମନ୍ତ୍ରୀ

ଗତ ୩ ଦିନ ଧରି ଲୋୟର ପିଏମ୍‌ଜିରେ ଧାରଣା ଦେଇଥିବା ମିଶନ ଶକ୍ତି ସପୋର୍ଟ ଷ୍ଟାଫ୍ ସିଆର୍‌ପି,ଏମ୍‌ବିକେ, ବ୍ୟାଙ୍କ ମିତ୍ରଙ୍କୁ ନେଇ ବିଧାନସଭାରେ ବିରୋଧୀ- ଶାସକ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଅଭିଯୋଗ କରିଛନ୍ତି ଯେ ମିଶନ ଶକ୍ତିକୁ ସଶକ୍ତ କରିବା ପାଇଁ କାମ କରୁଥିବା ଏମ୍‌ବିକେ, ସିଆର୍‌ପି ଏବଂ ବ୍ୟାଙ୍କ ମିତ୍ରଙ୍କ ପ୍ରତି ସରକାର ସମ୍ବେଦନଶୀଳ ନାହାନ୍ତି। ୮ ମାସ ହେବ ଦରମା ନ ପାଇ ମା'ମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାଜ୍ୟ ସରକାର ମିଶନ ଶକ୍ତିକୁ ବନ୍ଦ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସରକାର ତୁରନ୍ତ ସେମାନଙ୍କୁ ଦରମା ଦେବା ସହ ଅନ୍ୟାନ୍ୟ ଦାବି ପୂରଣ କରନ୍ତୁ ବୋଲି ଦାବି କରିଛନ୍ତି।

ଗତ ସରକାର ମିଶନ ଶକ୍ତି ନାଁରେ ମହିଳାଙ୍କୁ ସଶକ୍ତ କରିବା ବଦଳରେ ସିଆର୍‌ପି,ଏମ୍‌ବିକେ, ବ୍ୟାଙ୍କ ମିତ୍ର ଜରିଆରେ ସେମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ଦଳୀୟ କାର୍ଯ୍ୟରେ ବ୍ୟବହାର କରିଛନ୍ତି ବୋଲି ଭାଜପା କହିଛି।

ବୁଧବାର ମିଶନ ଶକ୍ତି ସମ୍ପର୍କରେ ଗୃହରେ ମୁଲତବୀ ପ୍ରସ୍ତାବ ଆଗତ କରି ବିଜେଡି ସଭ୍ୟ ସୁଜାତା ସାହୁ କହିଛନ୍ତି ଯେ ଓଡ଼ିଶା ରୂପାନ୍ତର ପାଇଁ ପୂର୍ବ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ମୁଁ ଜଣେ ଏସ୍‌ଏଚ୍‌ଜି ମହିଳା ହୋଇ ବିଧାନସଭାକୁ ଆସିପାରିଛି। ସରକାର ତୁରନ୍ତ ସିଆର୍‌ପି,ଏମ୍‌ବିକେ, ବ୍ୟାଙ୍କ ମିତ୍ରଙ୍କୁ ଦରମା ଦିଅନ୍ତୁ। ବିଜେଡି ସଭ୍ୟ ଅରୁଣ ସାହୁ କହିଛନ୍ତି ଯେ ଆଲୋଚନା ବେଳେ ଖାଲି ପୂର୍ବ ସରକାରକୁ ଦୋଷଦେଲେ ହେବନାହିଁ। ଯିଏ ସରକାରରେ ଅଛନ୍ତି ସମସ୍ୟା ସମାଧାନ କରିବା ତାଙ୍କ ଦାୟିତ୍ୱ। କାନ୍ଧରୁ ଜୁଆଳି ଖସାଇଲେ ହେବନାହିଁ। ଶୀତ କାକରରେ ମା'ମାନେ ପଡ଼ିରହିଛନ୍ତି। ସେମାନଙ୍କ ପାଇଁ ଅପଶବ୍ଦ ବ୍ୟବହାର କରାଯାଉଛି। ଭବିଷ୍ୟତ ସୁରକ୍ଷା ପାଇଁ ସେମାନେ ଆସିଛନ୍ତି। ରାଜ୍ୟ ସରକାର ମହିଳା ସୁରକ୍ଷା କଥା କହୁଛନ୍ତି। ଯେଉଁମାନେ ଧାରଣାରେ ବସିଛନ୍ତି ସେମାନେ କ'ଣ ପାକିସ୍ତାନରୁ ଆସିଛନ୍ତି? ଏଇ ମା'ମାନେ କରୋନା ସମୟରେ ଅନେକ କାମ କରିଛନ୍ତି। ସେମାନଙ୍କ ଦାବି ପୂରଣ କଲେ କୋଟି ପରମାୟୁ ପାଇବେ। ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ୨୦ ହଜାରରୁ ଊର୍ଦ୍ଧ୍ୱ ମା'ମାନେ ରାଜରାସ୍ତାରେ ବସିଛନ୍ତି। ରାଜ୍ୟ ସରକାର ଅନ୍ଧ,ମୂକ, ବଧିର ସାଜିଛନ୍ତି। ମହିଳାମାନେ କାହା କଥାରେ ପଡି ଗଡୁନାହାନ୍ତି। ନିଜ ପେଟପାଟଣା ପାଇଁ ଗଡୁଛନ୍ତି। ମିଶନ ଶକ୍ତିକୁ ଭାଙ୍ଗିବା ପାଇଁ ଆପଣଙ୍କର ଲକ୍ଷ୍ୟ ରହିଛି। ପେଟ ପୋଡ଼ିଯାଉଛି ବୋଲି ସେମାନେ ବସିଛନ୍ତି। ତମ ସ୍ତ୍ରୀ କିମ୍ବା ମୋ ସ୍ତ୍ରୀ ସେଠାରେ ବସୁନାହାନ୍ତି। ସେହି ଗରିବ ମହିଳାଙ୍କ ପାଇଁ ଆମେ ବାରମ୍ବାର କହିବୁ। କଂଗ୍ରେସ ସଭ୍ୟା ସୋଫିଆ ଫିର୍ଦ୍ଦୋସ କହିଲେ, ମହିଳାମାନଙ୍କୁ ଅସମ୍ମାନ କରାଯାଇଛି। ମିଶନ ଶକ୍ତି ମହିଳାମାନେ ସଶକ୍ତ ହେବାର ସ୍ୱପ୍ନ ଦେଖିଛନ୍ତି। ସ୍କୁଟି ଋଣ ନେଇଛନ୍ତି। ଏବେ ସ୍କୁଟି ଋଣ କେମିତି ଶୁଝିବେ ଚିନ୍ତାରେ ପଡ଼ିଛନ୍ତି। ୩ ଦିନ ହେବ ରାସ୍ତାରେ ବସିଛନ୍ତି, ହେଲେ ପାଣି ଟୋପେ ବି ରାଜ୍ୟ ସରକାର ଦେଇନାହାନ୍ତି। ତାଙ୍କ ବ୍ୟଥା ଶୁଣି ଆମ ହୃଦୟ କାନ୍ଦୁଛି। ତାଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରାଯାଉଥିଲା। ତୁରନ୍ତ ସେମାନଙ୍କ ସମସ୍ୟା ସମାଧାନ କରାଯାଉ। କଂଗ୍ରେସ ସଭ୍ୟ ଅଶୋକ ଦାସ କହିଛନ୍ତି, ସରକାର ନୀରବଦ୍ରଷ୍ଟା ସାଜିଲେ ହେବ ନାହିଁ। ମିଶନ ଶକ୍ତି ନାଁ ବଦଳାନ୍ତୁ, ଯାହା ବି କରନ୍ତୁ ସେମାନଙ୍କ କଥା ସରକାର ବୁଝନ୍ତୁ। ଭାଜପା ସଭ୍ୟ ମାନସ ଦତ୍ତ କହିଛନ୍ତି, ଯେଉଁମାନେ ଜଣେ ଅଫିସର କଥାରେ ଉଠ୍‌ବସ୍ ହେଉଥିଲେ ସେମାନେ ଆଜି ମା'ଙ୍କ କଥା କହୁଛନ୍ତି। ପୂର୍ବ ସରକାର ସମୟରେ ଲୋୟର ପିଏମ୍‌ଜିରେ ଶିକ୍ଷକମାନଙ୍କୁ ଲାଠିଚାଳନା କରାଯାଇଥିଲା। ଚୁକ୍ତି ଶେଷ ହେବା ପୂର୍ବରୁ କାହିଁକି ନବୀକରଣ କରାଯାଇ ନ ଥିଲା। ଭାଜପା ସଭ୍ୟ ଉପାସନା ମହାପାତ୍ର କହିଛନ୍ତି, ନିଜ ଦୋଷକୁ ଲୁଚାଇବାକୁ ବିରୋଧୀ ଦଳ ନାଟକ କରୁଛନ୍ତି। ନିଜ ଅମଳରେ ଚୁକ୍ତି ନବୀକରଣ କାହିଁକି କରାଗଲା ନାହିଁ। ଜଣେ ପୂର୍ବତନ ଆଇଏଏସ୍ ଅଫିସରଙ୍କ ଉପରେ ଫୁଲ ପକାଇବା ଓ ହୁଳହୁଳି ପକାଇବାକୁ ମହିଳାମାନଙ୍କୁ ବ୍ୟବହାର କରାଯାଉଥିଲା। ଭାଜପା ସଭ୍ୟ ସୀମାରାଣୀ ନାୟକ କହିଛନ୍ତି, ସରକାରଙ୍କୁ ବଦନାମ କରିବାକୁ ବିରୋଧୀ ଦଳ ମହିଳାଙ୍କୁ ରାଜରାସ୍ତାରେ ବସାଇଛନ୍ତି। ଯେଉଁମାନେ ବସିଛନ୍ତି ସେମାନେ କିଏ? ନିର୍ବାଚନ ସମୟରେ ପଇସା ବାଣ୍ଟିବା କାମରେ ସେମାନଙ୍କୁ ଲଗାଯାଇଥିଲା। ସରକାର ମହିଳାଙ୍କ ପ୍ରତି ସମ୍ବେଦନଶୀଳ ଅଛନ୍ତି।

ମୁଲତବୀ ଜବାବରେ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସେ କହିଛନ୍ତି, ଯେଉଁମାନେ ଆନ୍ଦୋଳନକୁ ଆସିଛନ୍ତି ସେମାନଙ୍କ ପ୍ରତିନିଧି ସହ ବିଭାଗୀୟ ସଚିବ ଆଲୋଚନା କରିଛନ୍ତି। ସେମାନେ ଆନ୍ଦୋଳନରୁ ଉଠିଯିବାକୁ ରାଜି ହୋଇଥିଲେ। ପରେ ଉଠିଲେ ନାହିଁ। ଅଧିକାର ପାଇଁ ଲଢ଼େଇ କରିବା କିଛି ଭୁଲ କଥା ନୁହେଁ। କିନ୍ତୁ ମହିଳାମାନଙ୍କୁ ରାସ୍ତାରେ ବସାଇ ସରକାରଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଇଛି। ପୂର୍ବ ସରକାର ମିଶନ ଶକ୍ତିକୁ ପୋଲିଓ ଭଳି କରି ଛାଡ଼ି ଦେଇଛନ୍ତି। ମିଶନ ଶକ୍ତି କିଏ, ଗାଁରେ କାମ କରୁଥିବା ମହିଳା। ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ମିଶନ ଶକ୍ତି ଆରମ୍ଭ ହୋଇଥିଲା। ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ମହିଳା ବିକାଶ କଥା କହି ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରାଯାଉଥିଲା। ପୁଣି ସରକାର ମୂକ ହୋଇ ବସିବା ମିଛ କଥା। ଯେଉଁମାନେ ଆନ୍ଦୋଳନରେ ବସିଛନ୍ତି, ସେମାନେ ମିଶନ ଶକ୍ତି ମହିଳା ନୁହନ୍ତି, ସେମାନେ ମିଶନ ଶକ୍ତିର କମ୍ୟୁନିଟି ଷ୍ଟାଫ୍। ଯେଉଁମାନଙ୍କର ୫ ବର୍ଷ ଅବଧି ପୂରିଯାଇଛି। ସେମାନେ ଦରମା ପାଇସାରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।



ସମାଜବାଦୀ ପାର୍ଟି ଏମ୍‌ପି ଡିମ୍ପଲ ଯାଦବ ପାର୍ଲାମେଣ୍ଟର ଶୀତ ଅଧିବେଶନ ବେଳେ ଭୁଲ୍‌ରେ ଅନ୍ୟ ଜଣେ ଏମ୍‌ପିଙ୍କ କାର୍‌ରେ ବସିଯାଇଛନ୍ତି।

# ଶିବସେନାକୁ ମିଳିବନି ଗୃହ ବିଭାଗ: ଭାଜପା

## ଦିଲ୍ଲୀରେ ଫଡନ୍‌ବିସ୍

ମୁମ୍ବାଇ, ୧୧।୧୨ (ପି.ଟି.)

ଆସନ୍ତା ୧୪ ସୁଦ୍ଧା ମହାରାଷ୍ଟ୍ରର ନୂତନ ମହାୟୁତି ସରକାରର କ୍ୟାବିନେଟ ଗଠନ ହୋଇପାରେ। ବୁଧବାର ଏନେଇ ଜଣେ ବରିଷ୍ଠ ଭାଜପା ନେତା ସୂଚନା ଦେଇଛନ୍ତି। ତେବେ ଶିବସେନାକୁ ଗୃହ ବିଭାଗ ମିଳିବ ନାହିଁ ବୋଲି ସେ କହିଛନ୍ତି। ମହାୟୁତିରେ ୩ ଦଳ ରହିଥିବାରୁ କ୍ୟାବିନେଟ ସମ୍ପ୍ରସାରଣରେ ବିଳମ୍ବ ଘଟିଛି। ଶିବସେନାକୁ ନଗର ଉନ୍ନୟନ ବିଭାଗ ମିଳିପାରେ ବୋଲି ସେ ସୂଚନା ଦେଇଛନ୍ତି। ବୁଧବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନ୍‌ବିସ୍ ଦିଲ୍ଲୀ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଏହା ତାଙ୍କ ପ୍ରଥମ ଦିଲ୍ଲୀ ଗସ୍ତ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପ ରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ ଭେଟିବେ। ଏହା ଏକ ଔପଚାରିକ ଗସ୍ତ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ସର୍ବାଧିକ ୪୩ ଜଣ ମନ୍ତ୍ରୀ ରହିପାରିବେ।

# ଆସ୍ଥା ଭୋଟରେ ହାରିଲେ ବେଲପାଳ ସରପଞ୍ଚ



ସମର୍ଥକଙ୍କ ଗ୍ରହଣରେ ଅନାସ୍ଥା ପ୍ରସ୍ତାବ ଲାଗି ଭୋଟ ଦେବାକୁ ଆସିଥିବା ଜନପ୍ରତିନିଧି।

## ଆସ୍ଥା ସପକ୍ଷରେ ୮, ବିପକ୍ଷରେ ଗୋଟିଏ ଭୋଟ

ରାଜନଗର,୧୧।୧୨(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବେଲପାଳ ପଞ୍ଚାୟତ ସରପଞ୍ଚ ତିଳୋତ୍ତମା ବରାଳ ଆସ୍ଥା ଭୋଟରେ ପରାଜୟ ହୋଇଛନ୍ତି । ଭାଜପା ସମର୍ଥିତ ବେଲପାଳ ପଞ୍ଚାୟତ ସରପଞ୍ଚ ଆସ୍ଥା ଭୋଟରେ ହାରିବା ପରେ ରାଜନଗର ନିର୍ବାଚନମଣ୍ଡଳୀରେ ଚର୍ଚ୍ଚର ବିଷୟ ହୋଇଛି। ଅନାସ୍ଥା ଭୋଟ ପାଇଁ ସେପ୍ଟେମ୍ବର ୧୩ ରୁ ଲିଖିତ ଦାବି ହୋଇଥିବା ବେଳେ ପ୍ରଶାସନ ଏହାକୁ ବିଭିନ୍ନ ଆଳ ଦେଖାଇ ସରପଞ୍ଚଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିଥିଲା। ୩ ମାସ ଧରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ୱାର୍ଡ ସଭ୍ୟାସଭ୍ୟମାନେ ହାଇକୋର୍ଟରେ ପକ୍ଷ ରଖିବା ପରେ ହାଇକୋର୍ଟ ଡିସେମ୍ବର ୧୧ରେ ଅନାସ୍ଥା ଭୋଟ ଅନୁଷ୍ଠିତ ହେବ। କୌଣସି ପରିସ୍ଥିତିରେ ଏହାକୁ ଘୁଞ୍ଚାଇ ହେବ ନାହିଁ ବୋଲି ନିର୍ଦ୍ଦେଶ ଦେବା ପରେ ଜିଲ୍ଲା ପ୍ରଶାସନ ବାଧ୍ୟ ହୋଇ ବୁଧବାର ଅନାସ୍ଥା ଭୋଟ ଆୟୋଜନ କରିଥିଲା। ତହସିଲଦାର ତଥା ଅନାସ୍ଥା ଭୋଟର ନିର୍ବାଚନ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲେ। ୮ଜଣ ୱାର୍ଡ ସଭ୍ୟାସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିବାରୁ କୋରମ ହେବାରୁ ବୈଠକ ହୋଇଥିଲା। ଅନାସ୍ଥା ସପକ୍ଷରେ ୮ଜଣ ୱାର୍ଡ ସଭ୍ୟାସଭ୍ୟ ଭୋଟ ଦେଇଥିବା ବେଳେ ଅନାସ୍ଥା ବିପକ୍ଷରେ ନିଜେ ସରପଞ୍ଚ ଖଣ୍ଡିଏ ଭୋଟ ଦେଇଥିଲେ। ଶେଷରେ ଅନାସ୍ଥା ଭୋଟରେ ସରପଞ୍ଚ ବରାଳ ଆସ୍ଥା ହରାଇ ଥିବାରୁ ସେ ପଦ ହରାଇଥିଲେ।

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 008, Jharkhand, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

**MAA MANIKESHWARI UNIVERSITY**
MANIKYA VIHAR, BHAWANIPATNA
KALAHANDI, ODISHA- 766001

**WALK IN INTERVIEW**

**No.2988** **Date:11.12.2024**

A walk-in-interview will be held in the University for Engagement of Guest Faculties (Asst. Professor) at 10.00 AM on 19.12.2024 for Anthropology (Physical/Biological Specialization), Geography (Preferably Specialization in Remote Sensing and GIS), Hindi and on 20.12.2024 for Home Science and Physics.

Educational Qualification: As per UGC Guidelines, 2018. In case of non-availability of candidates having Ph.D/NET qualification, candidates with Post Graduate Degree with good academic record will be considered.

**For details refer to www.kalahandiuniversity.ac.in**

**Sd./- REGISTRAR**

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ପ୍ରୋଜେକ୍ଟ)/ଗାର୍ଡେନ୍ ରିଚ୍, କୋଲକାତା, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି: **କ୍ର.ସଂ. ଓ ଇ-ଟେଣ୍ଡର ନଂ.; କାର୍ଯ୍ୟର ନାମ ସହିତ ତାହାର ଅବସ୍ଥିତି; ଏହି କାର୍ଯ୍ୟର ଆନୁମାନିକ ମୂଲ୍ୟ; ଅମାନତ ରାଶି:** (୧) ଏମ୍‌ଆରଟିଏସ୍‌ଇଆର/ଜିଆରସି/ଇଏନ୍‌ଜିଜି./ଡବ୍ଲ୍ୟୁଟି-୦୧ (ଓପନ୍), ତାରିଖ: ୧୦।୧୨।୨୦୨୪; ୩୦୦୦ ଏମ୍‌ଟି ଲୋଡିଂ ଲକ୍ଷ୍ୟକୁ ପୂରଣ କରିବା ପାଇଁ ରାଞ୍ଚି ଡିଭିଜନ ଅଧୀନରେ ଦକ୍ଷିଣ ପୂର୍ବ ରେଳପଥର ମୁରି-ରାଞ୍ଚି-ତୋରି ସେକ୍ସନ ନିମନ୍ତେ ୧x୨୫ କେଭିରୁ ୨x୨୫ କେଭି ଟ୍ରାକ୍ସନ୍ ସିଷ୍ଟମ୍ ପର୍ଯ୍ୟନ୍ତ ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ କାର୍ଯ୍ୟର ଉନ୍ନତୀକରଣ ନିମନ୍ତେ ଲୋହାରଡାଗାଠାରେ କମ୍ପାଉଣ୍ଡ ୱାଲ, ଡ୍ରେନ୍, ଆର୍‌ସିସି ରୋଡ୍ ଇତ୍ୟାଦି ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମେତ ୧୦ ୟୁନିଟ୍ ଟାଇପ୍-II କ୍ୱାର୍ଟର୍ ନିର୍ମାଣ ପାଇଁ ଖୋଲା ଇ-ଟେଣ୍ଡର; ₹୩,୯୭,୧୬,୩୨୦.୯୪; ₹୩,୪୮,୬୦୦/-। (୨) ଏମ୍‌ଆରଟିଏସ୍‌ଇଆର/ଜିଆରସି/ଇଏନ୍‌ଜିଜି./ଡବ୍ଲ୍ୟୁଟି-୦୨ (ଓପନ୍), ତାରିଖ: ୧୦।୧୨।୨୦୨୪; ୩୦୦୦ ଏମ୍‌ଟି ଲୋଡିଂ ଲକ୍ଷ୍ୟକୁ ପୂରଣ କରିବା ପାଇଁ ରାଞ୍ଚି ଡିଭିଜନ ଅଧୀନରେ ଦକ୍ଷିଣ ପୂର୍ବ ରେଳପଥର ମୁରି-ରାଞ୍ଚି-ତୋରି ସେକ୍ସନ ନିମନ୍ତେ ୧x୨୫ କେଭିରୁ ୨x୨୫ କେଭି ଟ୍ରାକ୍ସନ୍ ସିଷ୍ଟମ୍ ପର୍ଯ୍ୟନ୍ତ ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ କାର୍ଯ୍ୟର ଉନ୍ନତୀକରଣ ନିମନ୍ତେ ଲୋହାରଡାଗାଠାରେ କମ୍ପାଉଣ୍ଡ ୱାଲ, ଡ୍ରେନ୍, ଆର୍‌ସିସି ରୋଡ୍ ଇତ୍ୟାଦି ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମେତ ୧୦ ୟୁନିଟ୍ ଟାଇପ୍-III କ୍ୱାର୍ଟର୍ ନିର୍ମାଣ ପାଇଁ ଖୋଲା ଇ-ଟେଣ୍ଡର; ₹୪,୫୭,୫୨,୯୨୦.୭୯; ₹୩,୭୮,୮୦୦/-। **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୫ (ପନ୍ଦର) ମାସ ଓ କ୍ର.ସଂ.୨ ପାଇଁ ୧୮ (ଅଠର) ମାସ। **ବନ୍ଦ ହେବାର ତାରିଖ ଓ ସମୟ:** ଉଭୟ ପାଇଁ ଇ-ଟେଣ୍ଡର ଅନ୍‌ଲାଇନ୍‌ରେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଜରିଆରେ ତା୦୨।୦୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ। **ୱେବ୍‌ସାଇଟ୍ ବିବରଣୀ ଓ ନୋଟିସ୍ ବୋର୍ଡ ଅବସ୍ଥିତି:** ଉଭୟ ପାଇଁ ୱେବ୍‌ସାଇଟ୍ ନଂ. **www.ireps.gov.in** ଏବଂ ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପ୍ରୋଜେକ୍ଟ)/ଦ.ପୂ. ରେଳପଥ/ଗାର୍ଡେନ୍ ରିଚ୍ (ଇଏନ୍‌ଜିଜି.)ଙ୍କ କାର୍ଯ୍ୟାଳୟ। **ଶୁଦ୍ଧିପତ୍ର:** ଉଭୟ ପାଇଁ ଯେକୌଣସି ଶୁଦ୍ଧିପତ୍ରକୁ ଦୟାପୂର୍ବକ ବିଡ୍ ଆରମ୍ଭ ହେବା ପୂର୍ବରୁ ଅର୍ଥାତ୍ ତା୧୯।୧୨।୨୦୨୪ରିଖ ପର୍ଯ୍ୟନ୍ତ ଆଇଆର୍‌ଇପିଏସ୍ ପୋର୍ଟାଲ୍ **www.ireps.gov.in** ରେ ଦେଖାଯାଇପାରିବ। **(PR-889)**

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ଗ୍ରାଉଣ୍ଡ ଫ୍ଲୋର ଏରିଆର ନବୀକରଣ (ସିଭିଲ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ଡିସେମ୍ବର ୨୭, ୨୦୨୪ ଅପରାହ୍ନ ୦୨.୦୦ଟା ଅଟେ।

** କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

**Jharkhand Education Project Council**
**JSCA, Stadium Road, Sector-3, Dhurwa, Ranchi – 834004**

**Tender No:QU/40/67/2024/4617**
**E-Tender Notice**

Jharkhand Education Project Council, Ranchi invites e-Bids prospective bidders for **Selection of an agency for establishment of Science Lab for Class 9th & 12th (Physics Lab, Chemistry lab and Biology Lab) under Quality Initiative in the selected 179 KGBV 45 JBAV and 224 PM SHRI Government Schools with Manpower, Training & AMC**. Bidders can download bid documents from website https://jharkhandtenders.gov.in. Interested bidder can submit their bid through the portal http://jharkhandtenders.gov.in. The lists of dates with regard to this invitation for Bids are available in bid document. A pre-bid meeting will be held on 19.12.2024 at 4.00 pm.

Sd/-
(Shashi Ranjan, I.A.S)
State Project Director

PR.NO.341791 Jharkhand Education Project Council(24-25):D

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE CHIEF ENGINEER, MAHANADI GODAWARI BASIN, RAIPUR (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(1st Call)**

**System Tender No.: 162465/NIT No.:09/SAC/2024-25, Chhuikhadan** **Dated: 09.12.2024**

Online tenders are invited for the following works upto 30.12.2024 at 17.30 hour

Name of Work : Remodeling and Cement concrete lining of L.B.C. between RD 10650 m. to 13940 m., Korray minor RD 0 m. to 4800 m., Kodka minor RD 0 m. to 1620 m., Silpatti minor RD 0 m. to 1800 m. with Construction of 04 Nos. D.C., 11 Nos. Fall, 01 No. Minor Head, 12 Nos. VRB, 02 Nos. Inlet, 04 Nos. Fall cum VRB, RCC Open truff in Korray Minor RD 0 m. to 60 m., repair of existing structure and fixing of colaba pipe of Bhendra Tank Scheme Block Chhuikhadan of District Khairagarh - Chhuikhadan Gandai.

Probable Amount of Contract : Rs.493.84 Lakhs

The details can be viewed and downloaded online directly from the Government of Chhatisgarh Integrated e-Procurement Portal **(https://eproc.cgstate.gov.in)** from **Date 16.12.2024 at 17.31 hours (IST) onwards**.

**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division, Chhuikhadan**
**for, Chief Engineer, Mahanadi Godavari Basin**
**Raipur (C.G.)**

G-242504451/4

**e- Procurement Cell**
**Office of The Executive Engineer,**
**Building Construction Department, Building Division, Chatra.**

**अति अल्पकालीन ई–प्रोक्योरमेंट नोटिस**

ई–टेन्डर रेफरेन्स नं०– **BCD/EE/CHATRA/ 21/2024-25** दिनांकः– **11.12.2024**

| क्र० | कार्य का नाम | प्राक्कलित राशि (रू०) | कार्य पूर्ण करने की अवधि |
|---|---|---|---|
| 1 | Construction of Bar Association Building at Chatra | Rs. 2,45,58,700.00 | 11 (Eleven) Months |
| i | वेबसाईट पर निविदा प्रकाशन की तिथि | 18.12.2024 | |
| ii | वेबसाईट में निविदा डालने की अंतिम तिथि एवं समय | 24-12-2024 को अपराह्न 3.00 बजे | |
| iii | निविदा खोलने की तिथि एवं समय | 26-12-2024 को अपराह्न 3.00 बजे | |
| iv | निविदा प्रकाशित करने वाले कार्यालय का नाम एवं पता | e- Procurement Cell Office of The Executive Engineer, Building Construction Department, Building Division, Chatra | |
| v | प्रोक्योरमेंट पदाधिकारी का सम्पर्क संख्या | 9939428677 | |
| vi | ई–प्रोक्योरमेंट सेल का हेल्पलाईन संख्या | 9650057169 | |

- किसी भी प्रकार का बदलाव *http:// Jharkhandtenders.gov.in* पर देखा जा सकता है।
- अन्य किसी भी प्रकार की सूचना *http:// Jharkhandtenders.gov.in* पर देखा जा सकता है।

*note: UCAN Registration is mandatory for the bidders.*

Nodal Officer
e- Procurement Cell
Office of The Executive Engineer,
Building Construction Department,
Building Division, Chatra

PR 341772 (Building) 24-25 (D)

## ସଂକ୍ଷେପରେ

### ସିରିଆରୁ ୭୫ ଭାରତୀୟଙ୍କୁ ଫେରାଇ ଅଣାଗଲା

ନୂଆଦିଲ୍ଲୀ,୧୧।୧୨

ସିରିଆରେ ବିଦ୍ରୋହୀମାନେ ରାଷ୍ଟ୍ରପତି ବଶର ଅଲ୍‌-ଅସାଦ୍ ସରକାରଙ୍କୁ କ୍ଷମତାଚ୍ୟୁତ କରିବାର ୨ ଦିନ ପରେ ଭାରତ ସେଠାରୁ ୭୫ ଜଣ ନାଗରିକଙ୍କୁ ଫେରାଇଆଣିଛି। ସିରିଆରେ ସୁରକ୍ଷା ସ୍ଥିତି ବିଗିଡ଼ିଥିବାରୁ ଡମାସ୍କସ୍ ଏବଂ ବେରୁଟ୍‌ରେ ଥିବା ଭାରତୀୟ ଦୂତାବାସ ସହାୟତାରେ ସେଠାରୁ ନାଗରିକମାନଙ୍କୁ ଉଦ୍ଧାର କରାଯାଇଛି। ସେମାନେ ଲେବାନନ୍ ଅତିକ୍ରମ କରିଛନ୍ତି ଏବଂ ବ୍ୟବସାୟିକ ବିମାନରେ ଫେରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### 'ଭୋଟ ଜିହାଦ୍' ଶବ୍ଦର ବିଶ୍ଳେଷଣ କରୁଛନ୍ତି ଇସିଆଇ

ମୁମ୍ବାଇ,୧୧।୧୨

ନିକଟରେ ଶେଷ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପ୍ରଚାର ବେଳେ କେତେକ ରାଜନୈତିକ ଦଳ 'ଭୋଟ ଜିହାଦ୍' ଭଳି ବିବାଦୀୟ ଶବ୍ଦ ବ୍ୟବହାର କରିଥିଲେ। ଭାରତର ନିର୍ବାଚନ କମିଶନ (ଇସିଆଇ) ଏହାର ବିଶ୍ଳେଷଣ କରୁଛନ୍ତି, ଏହାର ଜଣେ ଅଧିକାରୀ କହିଛନ୍ତି। ଆଇନ, ଭାଷା ଏବଂ ସାମାଜିକ ପରିସରରେ ଏହାର ନିହିତାର୍ଥ ବିଶ୍ଳେଷଣ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ବାଚନ ବେଳେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ୬୫୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିଲା ବୋଲି ମହାରାଷ୍ଟ୍ରର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. କିରନ କୁଲ୍‌କର୍ଣ୍ଣି କହିଛନ୍ତି।

### ୨ ହଜାର ଟଙ୍କା ଋଣ ପାଇଁ ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ
#### ଯୁବକଙ୍କ ଆତ୍ମହତ୍ୟା

ବିଶାଖାପାଟଣା, ୧୧।୧୨

ଏକ ଲୋନ୍ ଆପ୍‌ର ଏଜେଣ୍ଟଙ୍କ ମାନସିକ ନିର୍ଯାତନା ଯୋଗୁ ବିଶାଖାପାଟଣା ନିବାସୀ ସୁରେନ୍ଦ୍ର ନରେନ୍ଦ୍ର(୨୫) ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଗତ ଅକ୍ଟୋବର ୨୮ରେ ସେ ଅଖିଳା ନାମ୍ନୀ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ଖରାପ ପାଣିପାଗ ଯୋଗୁ ମତ୍ସ୍ୟଜୀବୀ ସୁରେନ୍ଦ୍ର କିଛି ଦିନ ଧରି ସମୁଦ୍ରକୁ ମାଛ ଧରିବାକୁ ଯାଇପାରି ନ ଥିଲେ। ତେଣୁ ସେ ଦୈନନ୍ଦିନ ଖର୍ଚ୍ଚ ପାଇଁ ଏକ ଇନଷ୍ଟାଣ୍ଟ ଲୋନ୍ ଆପ୍‌ରୁ ୨ ହଜାର ଟଙ୍କା ଋଣ ନେଇଥିଲେ। ସପ୍ତାହେ ପରେ ଋଣ ପରିଶୋଧ କରିବାକୁ ଲୋନ୍ ଆପ୍‌ର ଏଜେଣ୍ଟ ସୁରେନ୍ଦ୍ରଙ୍କୁ ଧମକ ଦେବା ସହ ଗାଳିଗୁଲଜ କରିଥିଲା। ସେହିପରି ଏଜେଣ୍ଟ ଜଣକ ଅଖିଳାଙ୍କ ଫଟୋକୁ ଜାଲିଆତି କରି ବିକୃତ କରିଥିଲେ ଓ ଉକ୍ତ ନକଲି ଫଟୋକୁ ସୁରେନ୍ଦ୍ରଙ୍କ ବନ୍ଧୁ ଓ ସମ୍ପର୍କୀୟଙ୍କ ପାଖକୁ ପଠାଇଥିଲେ। ଘଟଣା ସମ୍ପର୍କରେ ଜାଣିବାକୁ ପାଇ ଅଖିଳା ସୁରେନ୍ଦ୍ରଙ୍କୁ ଜଣାଇଥିଲେ। ଏହାପରେ ସୁରେନ୍ଦ୍ର ତୁରନ୍ତ ଲୋନ ପରିଶୋଧ କରିଦେଇଥିଲେ। ତେବେ ଏହାପରେ ମଧ୍ୟ ଏଜେଣ୍ଟ ଜଣକ ଅଖିଳାଙ୍କ ଫଟୋ ନକଲି ଅଶ୍ଳୀଳ ଫଟୋକୁ ବିଭିନ୍ନ ସୋସିଆଲ ମିଡିଆ ଏବଂ ସାଇଟ୍ସରେ ଭାଇରାଲ କରିଥିଲେ। ତେଣୁ ଏଥିରେ ହତୋତ୍ସାହିତ ହୋଇ ସୁରେନ୍ଦ୍ର ଶେଷରେ ଆତ୍ମହତ୍ୟା କରିଛନ୍ତି। ଘଟଣାକୁ ନେଇ ସୁରେନ୍ଦ୍ରଙ୍କ ପରିବାରର ଅଭିଯୋଗ କ୍ରମେ ବିଶାଖାପାଟଣା ପୋଲିସ ତଦନ୍ତ ଆରମ୍ଭ କରିଛି।

### ଲୋକ ସଭାରେ ରେଲୱେ ସଂଶୋଧନ ବିଲ୍ ପାରିତ

ନୂଆଦିଲ୍ଲୀ,୧୧।୧୨

ଲୋକ ସଭାରେ ବୁଧବାର ରେଲୱେ (ସଂଶୋଧନ) ବିଲ୍‌-୨୦୨୪ ଧ୍ୱନିମତରେ ପାରିତ ହୋଇଛି। ବିଧେୟକ ଆଗତ କରିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିତର୍କ ବେଳେ କହିଛନ୍ତି, କେତେଜଣ ସଦସ୍ୟ ଏହି ବିଲ୍‌କୁ ରେଲୱେର ଘରୋଇକରଣ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଚାର ଚଳାଇଛନ୍ତି। ବିରୋଧୀ ଦଳଗୁଡ଼ିକର ଏଭଳି ଅପପ୍ରଚାର ଦୁର୍ଭାଗ୍ୟଜନକ। ଉକ୍ତ ବିଲ୍ ରେଳ ବୋର୍ଡର କାର୍ଯ୍ୟକାରିତା ଓ ସ୍ୱାଧୀନତାକୁ ତ୍ୱରାନ୍ୱିତ କରିବ।

# ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତୁତି

## ଆଲ୍ଲାହାବାଦ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ/ଲକ୍ଷ୍ନୌ,୧୧।୧୨



ଜଷ୍ଟିସ୍ ଶେଖର କୁମାର ଯାଦବ

ଗତ ସପ୍ତାହରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି)ର ଏକ କାର୍ଯ୍ୟକ୍ରମରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶେଖର କୁମାର ଯାଦବଙ୍କ ବିରୋଧରେ ରାଜ୍ୟ ସଭାର ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସ୍ୱାଧୀନ ସଦସ୍ୟ କପିଲ ସିବଲଙ୍କ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକର ୩୬ ଏମ୍‌ପି ଏନେଇ ଏକ ପିଟିଶନରେ ସ୍ୱାକ୍ଷର କରିସାରିଲେଣି। ରାଜ୍ୟ ସଭାରେ ଇଣ୍ଡିଆ ବ୍ଲକ୍‌ର ୮୫ ଆସନ ଥିବାରୁ ଅବଶିଷ୍ଟ ସଦସ୍ୟଙ୍କ ସ୍ୱାକ୍ଷର ସଂଗ୍ରହ ପରେ ଗୁରୁବାର ଏହି ପ୍ରସ୍ତାବ ଆଗତ ହୋଇପାରେ। ଅନ୍ୟପକ୍ଷେ ବିଚାରପତିଙ୍କ ମନ୍ତବ୍ୟକୁ ମଙ୍ଗଳବାର ସୁପ୍ରିମକୋର୍ଟ ସଂଜ୍ଞାନକୁ ନେଇ ଆଲ୍ଲାହାବାଦ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କଠାରୁ ବିସ୍ତୃତ ବିବରଣୀ ମାଗିଛନ୍ତି।

ଜଷ୍ଟିସ୍ ଯାଦବଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ ପାଇଁ ଉଦ୍ଦିଷ୍ଟ ପିଟିଶନରେ ସ୍ୱାକ୍ଷର କରିଥିବା ଅନ୍ୟ ପ୍ରମୁଖ ଏମ୍‌ପିମାନେ ହେଲେ କଂଗ୍ରେସର ଦିଗ୍‌ବିଜୟ ସିଂ, ଜୟରାମ ରମେଶ, ବିବେକ ତନ୍‌ଖା, ଆପ୍‌ର ସଞ୍ଜୟ ସିଂ, ଟିଏମ୍‌ସିର ସାକେତ ଗୋଖଲେ, ସାଗରିକା ଘୋଷ, ଆର୍‌ଜେଡିର ମନୋଜ ସିହ୍ନା, ଏସ୍‌ପିର ଜାଭେଦ ଅଲି ଖାନ୍, ସିପିଆଇଏମ୍‌ର ଜନ୍ ବ୍ରିଟାସ୍ ଏବଂ ସିପିଆଇର ସନ୍ତୋଷ କୁମାର। ଜଷ୍ଟିସ୍ ଯାଦବଙ୍କ ବିରୋଧରେ ଜଜେସ୍ (ଇନ୍‌କ୍ୱାରି) ଆକ୍ଟର ଧାରା ୩(୧)(ବି) ଏବଂ ସମ୍ବିଧାନର ଅନୁଚ୍ଛେଦ ୧୨୪(୪), ୧୨୪(୫) ବଳରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ବିରୋଧୀ ଶିବିର ଜଷ୍ଟିସ୍ ଶେଖର କୁମାର ଯାଦବଙ୍କ ବିବାଦୀୟ ମନ୍ତବ୍ୟ ବେଳର ଭିଡିଓ ଏବଂ ନ୍ୟୁଜ୍ ଲିଙ୍କ୍‌କୁ ପିଟିଶନରେ ସଂଲଗ୍ନ କରି ଦାଖଲ କରିବେ। ଇତିମଧ୍ୟରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)ର ରୁହୁଲ୍ଲାହ ମେହଦିଙ୍କ ନେତୃତ୍ୱରେ କେତେଜଣ ଏମ୍‌ପି ଲୋକ ସଭାରେ ମଧ୍ୟ ଜଷ୍ଟିସ୍ ଯାଦବଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରିବାକୁ ଘୋଷଣା କରିଛନ୍ତି। ସେପଟେ କ୍ୟାମ୍ପେନ୍ ଫର୍ ଜୁଡିସିଆଲ ଆକାଉଣ୍ଟେବିଲିଟି ଆଣ୍ଡ ରିଫର୍ମ୍ସ (ସିଜେଏଆର୍) ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ଏନେଇ ତଦନ୍ତ କରାଇବାକୁ ପତ୍ର ଲେଖିଥିବାବେଳେ ଏକ ଓକିଲ ସଂଘ ପକ୍ଷରୁ ତାଙ୍କ ବକ୍ତବ୍ୟକୁ 'ଘୃଣା ମନ୍ତବ୍ୟ' ଦର୍ଶାଯାଇ ନିନ୍ଦା କରାଯାଇଛି। ସିଜେଏଆର୍ କହିଛି, କାର୍ଯ୍ୟକ୍ରମରେ ଜଷ୍ଟିସ୍ ଯାଦବଙ୍କ ଯୋଗଦାନ ଏବଂ ବିବାଦୀୟ ମନ୍ତବ୍ୟ ନାଗରିକମାନଙ୍କ ମନରେ ନ୍ୟାୟପାଳିକାର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ତେଣୁ ଏହାର ସାମ୍ବିଧାନିକ ଜବାବ ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷେ ଜଷ୍ଟିସ୍ ଯାଦବଙ୍କୁ କେତେଜଣ ଭାଜପା ଏମ୍‌ପି ସମର୍ଥନ କରିଛନ୍ତି। ଯାଦବ ୨୦୨୬ରେ ଅବସର ନେବାକୁ ଥିବାବେଳେ ୨୦୨୭ରେ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଅବସର ପରେ ଜଷ୍ଟିସ୍ ଯାଦବ ରାଜନୀତିରେ ଯୋଗଦେଇପାରନ୍ତି ବୋଲି ଅନେକେ ମନେକରୁଛନ୍ତି।

### ମହାଭିଯୋଗ: କ'ଣ କହୁଛି ଆଇନ

ଜଜେସ୍ ଇନ୍‌କ୍ୱାରି ଆକ୍ଟ, ୧୯୬୮ ଅନୁସାରେ ମହାଭିଯୋଗ ପ୍ରସ୍ତାବ ଆଗତ କରିବାକୁ ହେଲେ ଲୋକ ସଭାର ଅନ୍ୟୂନ ୧୦୦ କିମ୍ବା ରାଜ୍ୟ ସଭାର ୫୦ ସଦସ୍ୟଙ୍କ ଦସ୍ତଖତ ଆବଶ୍ୟକ। ପ୍ରସ୍ତାବକୁ ଗ୍ରହଣ ବା ଅଗ୍ରାହ୍ୟ କରିବା ରାଜ୍ୟ ସଭା ଅଧ୍ୟକ୍ଷଙ୍କ ଉପରେ ନିର୍ଭର କରେ। ଅଧ୍ୟକ୍ଷ ଯଦି ଗ୍ରହଣ କରନ୍ତି, ତେବେ ପ୍ରସ୍ତାବ ଉପରେ ତଦନ୍ତ ପାଇଁ ୨ ବିଚାରପତି ଓ ଜଣେ ଜୁରିଷ୍ଟଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରାଯିବ। ବିଚାରପତିଙ୍କ ମଧ୍ୟରୁ ଜଣେ ସୁପ୍ରିମକୋର୍ଟର ଏବଂ ଅନ୍ୟ ଜଣେ ହାଇକୋର୍ଟ ଚିଫ୍ ଜଷ୍ଟିସ୍ ରହିବେ। ସମ୍ବିଧାନର ଅନୁଚ୍ଛେଦ ୧୨୪(୪) ଅନୁଯାୟୀ ମହାଭିଯୋଗ ପ୍ରସ୍ତାବକୁ ରାଜ୍ୟ ସଭାର ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନ ଜରୁରୀ। ଉଭୟ ଗୃହରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ଥିବାରୁ ଏହା ପାରିତ ହୋଇ ନ ପାରେ। ଅତୀତରେ ହାଇକୋର୍ଟ ବିଚାରପତିଙ୍କ ବିରୋଧରେ ୪ ଥର ଏବଂ ସୁପ୍ରିମକୋର୍ଟ ବିଚାରପତିଙ୍କ ବିରୋଧରେ ୨ ଥର ମହାଭିଯୋଗ ପ୍ରସ୍ତାବ ଆଗତ ଉଦ୍ୟମ ହୋଇଥିଲା।

### ବିବାଦୀୟ ବିଚାରପତି

ଡିସେମ୍ବର ୮ରେ ଆଲ୍ଲାହାବାଦ ହାଇକୋର୍ଟ ପରିସରରେ ଭିଏଚ୍‌ପି ଲିଗାଲ ସେଲ୍ ପକ୍ଷରୁ ୟୁସିସି ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଷ୍ଟିସ୍ ଶେଖର କୁମାର ଯାଦବ ଏଥିରେ ସମ୍ବୋଧିତ କରି କହିଥିଲେ, ଭାରତ ସଂଖ୍ୟାବହୁଳଙ୍କ ଇଚ୍ଛା ଅନୁସାରେ ପରିଚାଳିତ ହେବା ଉଚିତ। ସଂଖ୍ୟାବହୁଳ ଲୋକଙ୍କୁ ଖୁସି ଦେଇ ସେମାନଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ଆଇନ ପ୍ରଚଳିତ ହେବା ଆବଶ୍ୟକ। ଆମ ଶାସ୍ତ୍ର ଓ ବେଦରେ ଦେବୀ ରୂପେ ସ୍ୱୀକୃତି ପାଇଥିବା ଜଣେ ମହିଳାଙ୍କୁ ଅସମ୍ମାନ କରାଯାଇପାରିବ ନାହିଁ। ସେହିପରି ୪ ଜଣ ମହିଳାଙ୍କୁ ବିବାହ କରିବା କିମ୍ବା ୩ ତଲାକ୍ ଅଧିକାର ଦାବି କରାଯାଇପାରିବ ନାହିଁ। ୨୦୨୧ ସେପ୍ଟେମ୍ବରରେ ଜଷ୍ଟିସ୍ ଯାଦବ ଗାଈକୁ ସଂସଦ ଦ୍ୱାରା ଭାରତର ଜାତୀୟ ପ୍ରାଣୀ ମାନ୍ୟତା ଏବଂ ଏହାର ସୁରକ୍ଷାକୁ ହିନ୍ଦୁଙ୍କ ମୌଳିକ ଅଧିକାର ରୂପେ ସ୍ୱୀକୃତି ପ୍ରଦାନ କରିବାକୁ ଦାବି କରିଥିଲେ।

## ଆହ୍ୱାନର ମୁକାବିଲା ପାଇଁ ଆର୍‌ବିଆଇ ସତର୍କ ଓ ତତ୍ପର ରହିବ : ଗଭର୍ନର




ସଞ୍ଜୟ ମାଲହୋତ୍ରା

ମୁମ୍ବାଇ,୧୧।୧୨(ପି.ଟି.)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୨୬ତମ ଗଭର୍ନର ଭାବେ ସଞ୍ଜୟ ମାଲହୋତ୍ରା ବୁଧବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶକ୍ତିକାନ୍ତ ଦାସ ୬ ବର୍ଷ ଗଭର୍ନର ଭାବେ କାର୍ଯ୍ୟ କରିବା ପରେ ମଙ୍ଗଳବାର ଅବସର ନେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ମାଲହୋତ୍ରା ଗଣମାଧ୍ୟମକୁ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ନୀତି ପ୍ରସଙ୍ଗରେ ନିରନ୍ତରତା ଓ ସ୍ଥିରତା ବଜାୟ ରଖିବ। ସାମ୍ପ୍ରତିକ ବୈଶ୍ୱିକ ଅର୍ଥନୀତି ଓ ରାଜନୈତିକ ସ୍ଥିତିରେ ରିଜର୍ଭ ବ୍ୟାଙ୍କକୁ ସତର୍କ ଏବଂ ତତ୍ପର ରହିବାକୁ ହେବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ନିୟାମକ, ରାଜ୍ୟ ସରକାର ଓ କେନ୍ଦ୍ର ସମେତ ସମସ୍ତ ବିଭାଗ ସହ ଆଲୋଚନା ଜାରି ରଖିବ। ଏହା ବ୍ୟତୀତ ଅନ୍ୟ ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ବ୍ୟାପକ ବିଚାରବିମର୍ଶ ଗୁରୁତ୍ୱପୂର୍ଣ୍ଣ । ଆର୍ଥିକ ସମାବେଶୀକୁ ଆହୁରି ବଢ଼ାଇବା ପାଇଁ ଆର୍‌ବିଆଇ ପ୍ରଯୁକ୍ତିର ବହୁଳ ବ୍ୟବହାର କରିବ ବୋଲି ପୂର୍ବତନ ରାଜସ୍ୱ ସଚିବ ମାଲହୋତ୍ରା କହିଛନ୍ତି।



ଲାଞ୍ଚ, ଠକେଇ ଓ ବିଶ୍ୱାସଭଙ୍ଗ ଭଳି ସଙ୍ଗିନ ମାମଲାର ଅଭିଯୁକ୍ତ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତେଲ୍‌ଆଭିଭସ୍ଥିତ ଏକ ଜିଲା କୋର୍ଟରେ ହାଜର ହୋଇଛନ୍ତି। ଶୁଣାଣି ବେଳେ ନେତାନ୍ୟାହୁ କହିଛନ୍ତି, ଅଦାଲତରେ ସେ ନିଜ ପକ୍ଷ ରଖିବା ପାଇଁ ୮ ବର୍ଷ ଅପେକ୍ଷା କରିଥିଲେ। ଦୁର୍ନୀତି ଅଭିଯୋଗକୁ ସେ ତାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରିଛନ୍ତି।

## ଗାଜାରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ୨୯ ମୃତ

ଦେଇର ଅଲ୍‌-ବଲାହ,୧୧।୧୨

ଇସ୍ରାଏଲୀ ସେନା ମଙ୍ଗଳବାର ରାତିରୁ ଗାଜାଷ୍ଟ୍ରିପ୍‌ରେ ବୋମାମାଡ଼ ଜାରି ରଖିଥିବାବେଳେ ଏଥିରେ ଅନ୍ୟୂନ ୨୯ ଜଣ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଗାଜା ଉତ୍ତର ଭାଗରେ ବିସ୍ଥାପିତ ଲୋକେ ଆଶ୍ରୟ ନେଇଥିବା ଏକ ଘର ଉପରେ ବୋମାମାଡ଼ ହେବାରୁ ୧୯ ଜଣଙ୍କ ମୃତ୍ୟୁ ଘଟିଥିବା ସେଠାର ଜଣେ ମେଡିକାଲ ଅଫିସର କହିଛନ୍ତି। ଏହା ବ୍ୟତୀତ ବୁଧବାର ଅନ୍ୟ ଏକ ଆକ୍ରମଣରେ ଜଣେ ମହିଳା ଓ ତାଙ୍କର ୨ ପିଲା ପ୍ରାଣ ହରାଇଛନ୍ତି। ସେହିପରି କେନ୍ଦ୍ରୀୟ ଗାଜାରେ ଥିବା ନୁସେଇରାତ୍ ଶରଣାର୍ଥୀ ଶିବିର ଉପରେ ବୋମାମାଡ଼ ହେବାରୁ ୭ ଜଣଙ୍କ ମୃତ୍ୟୁ ଘଟିଛି। ଇସ୍ରାଏଲ୍ ଲେବାନନ୍‌ରେ ଯୁଦ୍ଧବିରତି କରିଥିବାବେଳେ ଗାଜାରେ ଆକ୍ରମଣ ଜାରି ରଖିଛି।

## ଗିରଫ ପରେ ଦକ୍ଷିଣ କୋରିଆର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ସିଓଲ,୧୧।୧୨



କିମ୍ ୟୋଙ୍ଗ୍ ହ୍ୟୁନ୍

ଦକ୍ଷିଣ କୋରିଆରେ ଗତ ସପ୍ତାହରେ ସାମରିକ ଆଇନ ଘୋଷଣା କରିବାକୁ ନେଇ ଅଟକ ଥିବା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଗିରଫ କରାଯିବା ପରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କୋରିଆ ସୁଧାରାତ୍ମକ ସେବା କମିଶନର ଜେନେରାଲ ଶିନ୍ ୟୋଙ୍ଗ ହାଏଙ୍କ ସୂଚନା ଅନୁଯାୟୀ, ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ କିମ୍ ୟୋଙ୍ଗ୍ ହ୍ୟୁନ୍ ମଙ୍ଗଳବାର ରାତିରେ ଡିଟେନ୍‌ଶନ ସେଣ୍ଟରରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅପରାଧୀ ସଂସ୍କାର ସେବାରେ ନିୟୋଜିତ ଅଫିସରମାନେ ତାଙ୍କୁ ଏଥିରୁ ରକ୍ଷା କରିଥିଲେ। କିମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ସାମରିକ ଆଇନ ଲାଗୁ କରିବା ନେଇ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲଙ୍କ ବିରୋଧରେ ମୁଖ୍ୟ ବିରୋଧୀ ଦଳ ଡେମୋକ୍ରାଟିକ୍ ପାର୍ଟି ପୁଣିଥରେ ମହାଭିଯୋଗ ଆଣିବାକୁ ଯୋଜନା କରିଛି। ପୂର୍ବରୁ ଆସିଥିବା ମହାଭିଯୋଗ ପ୍ରସ୍ତାବ ଉପରେ ଭୋଟକୁ ଶାସକ ଦଳର ଏମ୍‌ପିମାନେ ବର୍ଜନ କରିବାରୁ ଏହା ଗୃହୀତ ହୋଇପାରି ନ ଥିଲା। ଗୁରୁବାର ପୁଣିଥରେ ମହାଭିଯୋଗ ଆଣିବାକୁ ଯୋଜନା ହୋଇଛି।

## ଡିଆର୍‌ଡିଓକୁ ମିଳିଲା ଗ୍ରୀନ୍ ପ୍ରପଲଶନ୍ ସିଷ୍ଟମ୍

ମୁମ୍ବାଇ,୧୧।୧୨



ମୁମ୍ବାଇର ଡିପ୍‌-ଟେକ୍ ଷ୍ଟାର୍ଟଅପ୍ ମନସ୍ତୁ ସ୍ପେସ୍ ଟେକ୍ନୋଲୋଜିଜ୍ ଏହାର କ୍ରାନ୍ତିକାରୀ ଆଇବୁଷ୍ଟର ଗ୍ରୀନ୍ ପ୍ରପଲଶନ୍ ସିଷ୍ଟମ୍‌କୁ ସଫଳତାର ସହ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)କୁ ହସ୍ତାନ୍ତର କରିଛି। ଡିଆର୍‌ଡିଓର ଟେକ୍ନୋଲୋଜି ଡେଭେଲପ୍ ଫଣ୍ଡ (ଟିଡିଏଫ୍) ସହଯୋଗରେ ୪ ବର୍ଷର କଠୋର ଗବେଷଣା ଏବଂ ବିକାଶ ଫଳରେ ଏହି ସଫଳତା ମିଳିଛି। ମହାକାଶ ଓ ପ୍ରତିରକ୍ଷା ପ୍ରଯୁକ୍ତିରେ ଦେଶର ସାମର୍ଥ୍ୟ ବଢ଼ାଇବାରେ ଭାରତୀୟ ଷ୍ଟାର୍ଟଅପ୍‌ମାନଙ୍କ ଭୂମିକା ବୃଦ୍ଧି ପାଇଥିବା ଏଥିରୁ ସ୍ପଷ୍ଟ ହୋଇଛି।

୧୦୦ରୁ ୫୦୦ କିଲୋଗ୍ରାମ ଓଜନର ଛୋଟ ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଇବା ଏହି ଆଇବୁଷ୍ଟର ସିଷ୍ଟମ୍‌କୁ ଡିଜାଇନ୍ କରାଯାଇଛି। ସାଟେଲାଇଟ୍‌ର କକ୍ଷ ଉତ୍ଥାନ, ସାଟେଲାଇଟକୁ କକ୍ଷର ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ଏବଂ କକ୍ଷରୁ ବାହାର କରିବା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏହି ସିଷ୍ଟମ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ପାରମ୍ପରିକ ପ୍ରପଲଶନ ସିଷ୍ଟମ୍ ତୁଳନାରେ ଆଇବୁଷ୍ଟର ଅଧିକ ନିରାପଦ, ପ୍ରଭାବୀ ଏବଂ ପରିବେଶ ଅନୁକୂଳ ବିକଳ୍ପ। ଏଥିରେ ହାଇଡ୍ରୋଜେନ୍ ପେରୋକ୍ସାଇଡ୍ ଆଧାରିତ ଇନ୍ଧନ ବ୍ୟବହୃତ ହୋଇଥାଏ। ଏହି ଅଭିନବ ଇନ୍ଧନ ଚୟନ ଯୋଗୁ ସିଷ୍ଟମ୍‌ର ମୋଟାମୋଟି ପ୍ରଦର୍ଶନ ବଢ଼ିବା ସହ ସ୍ଥାୟିତ୍ୱ ଏବଂ ମିତବ୍ୟୟିତାକୁ ସୁନିଶ୍ଚିତ କରିବ। ଏହି ସଫଳତା ପାଇଁ ମନସ୍ତୁ ସ୍ପେସ୍‌ର ସହପ୍ରତିଷ୍ଠାତା ତୁଷାର ଯାଦବ ଗର୍ବ ଅନୁଭବ କରୁଥିବା କହିଛନ୍ତି। ମହାକାଶ ଗବେଷଣା ନିମନ୍ତେ ଅଧିକ ପରିବେଶ ଅନୁକୂଳ, ସୁରକ୍ଷିତ ଏବଂ ପ୍ରଭାବଶାଳୀ ସମାଧାନ ବାହାର କରିବାର ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି। ମନସ୍ତୁ ସ୍ପେସ୍‌ର ଏହି ଇନୋଭେଶନ ଭାରତର ପ୍ରତିରକ୍ଷା ଓ ସାଟେଲାଇଟ୍ ସାମର୍ଥ୍ୟକୁ ମଜଭୁତ କରାଇବା ଲାଗି ଡିଆର୍‌ଡିଓ ମିଶନକୁ ଉଲ୍ଲେଖନୀୟ ଅବଦାନ ବୋଲି କୁହାଯାଇଛି।

## ନୂଆ ମ୍ୟାଲେରିଆ ଟିକା ଫଳପ୍ରଦ
### ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାରୁ ଜଣାପଡ଼ିଲା

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ନୂଆ ମ୍ୟାଲେରିଆ ଟିକା ସୁରକ୍ଷିତ ଓ ଉଚ୍ଚ ରୋଗ ପ୍ରତିରୋଧୀ ବୋଲି ଜଣାପଡ଼ିଛି। ଏହାର ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଆଫ୍ରିକୀୟ ପିଲାମାନଙ୍କ ଉପରେ କରାଯାଇଥିବାବେଳେ ଅନ୍ତରୀଣ ଫଳାଫଳରୁ ଟିକା ଆଶାଜନକ ପ୍ରଭାବକାରୀ ବୋଲି ସ୍ପଷ୍ଟ ହୋଇଛି। ଆର୍‌ଏଚ୍‌୫.୧/ମାଟ୍ରିକ୍ସ-ଏମ୍ ନାମକ ଏହି ବ୍ଲଡ୍‌-ଷ୍ଟେଜ୍ ଟାଇପ୍ ଭାକ୍ସିନ୍ ରକ୍ତରେ ଥିବା ମ୍ୟାଲେରିଆ ପରଜୀବୀଙ୍କୁ ଟାର୍ଗେଟ କରିଥାଏ। ପରୀକ୍ଷାର ଫଳାଫଳ ଲାନ୍‌ସେଟ୍ ଇନ୍‌ଫେକ୍ଟିଅସ୍ ଡିଜିଜ୍ ପତ୍ରିକାରେ ପ୍ରକାଶ ପାଇଛି।

ସଂକ୍ରମିତ ମାଈ ଆନୋଫିଲିସ୍ ମଶା କାମୁଡ଼ଲେ ପ୍ଲାସ୍‌ମୋଡିଅମ୍ ପାରାସାଇଟ୍ ସଂକ୍ରମଣ ହୋଇ ମ୍ୟାଲେରିଆ ସୃଷ୍ଟି ହୋଇଥାଏ। ଗବେଷକମାନେ ଆଫ୍ରିକୀୟ ଦେଶର ୩୬୧ ଜଣ ପିଲାଙ୍କୁ ଏହି ଟିକାର ୩ଟି ଡୋଜ୍ ଦେଇଥିଲେ। ମାସେ ଅନ୍ତରରେ ଦିଆଯାଇଥିବା ଡୋଜ୍ ୪୦ ପ୍ରତିଶତ ଏବ ବିଳମ୍ବିତ ଡୋଜ୍ ୫୫ ପ୍ରତିଶତ ଫଳପ୍ରଦ ଦେଖାଇଥିଲା।

## ଫୁରସତ

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ କପୁର ପରିବାର
#### ରାଜ୍ କପୁର ଫିଲ୍ମ ଫେଷ୍ଟିଭାଲ ପାଇଁ ନିମନ୍ତ୍ରଣ

ନୂଆଦିଲ୍ଲୀ



ଭାରତୀୟ ଚଳଚ୍ଚିତ୍ର ଜଗତର କିମ୍ବଦନ୍ତୀ ଅଭିନେତା ରାଜ କପୁରଙ୍କ ୧୦୦ତମ ଜନ୍ମବାର୍ଷିକୀ ଧୁମ୍‌ଧାମ୍‌ରେ ପାଳନ ହେବ। ଏହି ଉପଲକ୍ଷେ କପୁର ପରିବାର ଆସନ୍ତା ଡିସେମ୍ବର ୧୩ରୁ ୧୫ ଯାଏ 'ରାଜ୍ କପୁର ଫିଲ୍ମ ଫେଷ୍ଟିଭାଲ'ର ଆୟୋଜନ କରିବାକୁ ଯାଉଛନ୍ତି। ବୁଧବାର ପୂରା କପୁର ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ସହ 'ରାଜ୍ କପୁର ଫିଲ୍ମ ଫେଷ୍ଟିଭାଲ'ରେ ଯୋଗଦେବାକୁ ତାଙ୍କୁ ନିମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନାର କିଛି ଫଟୋକୁ କପୁର ପରିବାର ପକ୍ଷରୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରାଯାଇଛି। ଏହି ଅବସରରେ ଅଭିନେତ୍ରୀ କରୀନା କପୁର ନିଜ ପୁଅ ତୈମୁର ଓ ଝିଅ ଜେହ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଟୋଗ୍ରାଫ୍ ନେଇଥିଲେ। ଏହାର ଏକ ଭିଡିଓକୁ କରୀନା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। କରୀନାଙ୍କ ସହ କପୁର ପରିବାରର ଅଭିନେତ୍ରୀ ଆଲିଆ ଭଟ୍ଟ, କରିଷ୍ମା କପୁର, ରିଦ୍ଧିମା କପୁର, ନୀତୁ ସିଂ କପୁର, ଅଭିନେତା ରଣବୀର କପୁର, ସେଫ୍ ଅଲ୍ଲୀ ଖାନ୍ ପ୍ରମୁଖ ମୋଦିଙ୍କ ସହ ଆଲୋଚନା କରିଥିଲେ।

### ହଜାରେ କୋଟି କ୍ଲବ୍‌ରେ 'ପୁଷ୍ପା ୨'

ହାଇଦ୍ରାବାଦ




ଅଲ୍ଲୁ ଅର୍ଜୁନ

ଅଭିନେତା ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ଦି ରୁଲ୍' ଚଳଚ୍ଚିତ୍ର ରିଲିଜ୍ ହେବାର ମାତ୍ର ୬ ଦିନ ମଧ୍ୟରେ ୧ ହଜାର କୋଟି କ୍ଲବ୍‌ରେ ସାମିଲ ହୋଇ ରେକର୍ଡ ସୃଷ୍ଟି କରିଛି। ସୋସିଆଲ ମିଡିଆରେ 'ପୁଷ୍ପା ଦି ରୁଲ୍'ର ନିର୍ମାତାଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାସହ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଭାବେ ରିଲିଜ୍ ହେବାର ସପ୍ତାହେ ମଧ୍ୟରେ 'ପୁଷ୍ପା ୨' ୧୦୦୦ କୋଟି କ୍ଲବ୍‌ରେ ପହଞ୍ଚିଛି। ପୂର୍ବରୁ ଏହି ରେକର୍ଡ 'ବାହୁବଳି' ଫିଲ୍ମ ନାମରେ ରହିଥିଲା। ମାତ୍ର ୧୦ ଦିନ ମଧ୍ୟରେ 'ବାହୁବଳି' ୧୦୦୦ କୋଟି କ୍ଲବ୍‌ରେ ସାମିଲ ହୋଇଥିଲା। ସେହିପରି ୨୦୨୨ରେ ରିଲିଜ୍ ହୋଇଥିବା 'ଆର୍‌ଆର୍‌ଆର୍' ଏବଂ ୨୦୨୩ରେ ରିଲିଜ୍ ହୋଇଥିବା 'ଜବାନ' ଫିଲ୍ମ ଯଥାକ୍ରମେ ୧୬ ଏବଂ ୧୮ ଦିନରେ ହଜାର କୋଟି କ୍ଲବ୍‌ରେ ସାମିଲ ହୋଇଥିଲେ। ରିପୋର୍ଟ ଅନୁଯାୟୀ, ଗତ ଗୁରୁବାର ରିଲିଜ୍ ହେବାର ପ୍ରଥମ ଦିନ 'ପୁଷ୍ପା ଦି ରୁଲ୍' ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୨୯୪ କୋଟି ଟଙ୍କାର ରୋଜଗାର କରିଥିଲା। ସେହିପରି ଏହି ଫିଲ୍ମ ରିଲିଜ୍ ହେବାର ଦ୍ୱିତୀୟ ଦିନ ୧୫୫ କୋଟି, ତୃତୀୟ ଦିନ ୧୭୨ କୋଟି, ଚତୁର୍ଥ ଦିନ ୨୦୮ କୋଟି ଏବଂ ପଞ୍ଚମ ଦିନ ବିଶ୍ୱବ୍ୟାପୀ ୯୩ କୋଟି ଟଙ୍କାର ବ୍ୟବସାୟ କରିଛି। ମଙ୍ଗଳବାର ସୁଦ୍ଧା 'ପୁଷ୍ପା ୨' ଚଳଚ୍ଚିତ୍ର ଭାରତୀୟ ବକ୍ସ ଅଫିସର ପ୍ରାୟ ୬୫୦ କୋଟି ଟଙ୍କାର ବ୍ୟବସାୟ କରିଛି।

# ବାପା ଆଗରେ ପୁଅଙ୍କୁ ଇଟାରେ ଛେଚି ହତ୍ୟା

ବାରଙ୍ଗ/ତ୍ରିଶୁଳିଆ,୧୧।୧୨ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

କଟକ ବାରଙ୍ଗ ଥାନା ନରଣପୁର ଅଞ୍ଚଳରେ ମଙ୍ଗଳବାର ରାତିରେ ଜଣେ ଓଲଡିଂ ମିସ୍ତ୍ରୀଙ୍କୁ ଇଟାରେ ଛେଚି ହତ୍ୟା କରାଯାଇଛି। ମୃତକ ହେଉଛନ୍ତି କେନ୍ଦ୍ରାପଡ଼ାର ତୋଫାନ ସାମଲ। ଘରଆଗରେ ତୋଫାନଙ୍କୁ ତାଙ୍କ ବାପାଙ୍କ ସମ୍ମୁଖରେ କେତେଜଣ ଯୁବକ ଇଟାରେ ଛେଚି ଫେରାର ହୋଇଯାଇଥିଲେ। ତୋଫାନଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଘର ଉପରକୁ ଇଟା ପକାଇବାକୁ ନେଇ ଏହି ହତ୍ୟାକାଣ୍ଡ


ତୋଫାନ ସାମଲ

ଘଟିଥିବା କୁହାଯାଉଥିବାବେଳେ ପୋଲିସ ୨୦ଜଣଙ୍କ ନାମରେ ଏକ ହତ୍ୟା ମାମଲା(ନଂ.୪୭୯/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗତ କିଛିଦିନ ହେବ ତୋଫାନ ନରଣପୁର ଅଞ୍ଚଳରେ ଏକ ବସ୍ତିରେ ରହି ଓଲଡିଂ ମିସ୍ତ୍ରି ଭାବରେ କାର୍ଯ୍ୟ କରନ୍ତି। ତୋଫାନଙ୍କ ଘର ନିକଟରେ ଏକ ଆପାର୍ଟମେଣ୍ଟ ରହିଛି। ସେଠାରେ ଥିବା କେତେଜଣ ଯୁବକ ପୂର୍ବରୁ ତୋଫାନଙ୍କ ଟିଣ ଆଜ୍‌ବେଷ୍ଟସ୍ ଘର ଉପରକୁ ଟେକାପଥର ଫୋପାଡ଼ିଥାନ୍ତି। ଏହାକୁ ନେଇ ତୋଫାନ ବିରକ୍ତି ପ୍ରକାଶ କରିବାସହ ବିରୋଧ ମଧ୍ୟ କରିଥାନ୍ତି। ମଙ୍ଗଳବାର ରାତିରେ ଉକ୍ତ ଆପାର୍ଟମେଣ୍ଟରୁ କେତେଜଣ ଯୁବକ ସଂଘବଦ୍ଧଭାବେ ତୋଫାନଙ୍କ ଘର ଉପରକୁ ସମାନ ଢଙ୍ଗରେ ଇଟାପଥର ପକାଇଥିଲେ। ଏହାକୁ ନେଇ ତୋଫାନ ସେମାନଙ୍କ ପାଖକୁ ଯାଇ ଗାଳିଗୁଲଜ କରି ଘରକୁ ପଳାଇ ଆସିଥିଲେ। ତୋଫାନ ଘରେ ଖାଉଥିବାବେଳେ ହଠାତ୍ ଆପାର୍ଟମେଣ୍ଟରୁ ଯୁବକମାନେ ଆସି ଅତର୍କିତ ଭାବେ ଘର ଉପରକୁ ଇଟାପଥର ପକାଇଥିଲେ। ତୋଫାନ ଘରୁ ବାହାରକୁ ଆସିବା କ୍ଷଣି ତାଙ୍କ ଉପରକୁ ମଧ୍ୟ ଟେକାପଥରରେ ଆକ୍ରମଣ କରିଥିଲେ। ତୋଫାନଙ୍କ ବାପା ଏହି ଘଟଣା ଦେଖି ଚିତ୍କାର କରିବାରୁ ଆକ୍ରମଣକାରୀ ଯୁବକମାନେ ପଳାଇଯାଇଥିଲେ। ଏହାପରେ ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରୁ ତୋଫାନଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତୋଫାନଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସାନଭାଇ ଅମର ସାମଲ ତାଙ୍କ ଭାଇଙ୍କୁ ୨୦ଜଣ ଯୁବକ ଇଟାରେ ପିଟିପିଟି ମାରି ଦେଇଥିବା ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟାମାମଲା ରୁଜୁ କରିଛି। ପୋଲିସ ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇପାରିନି।

# ଭାଜପା ନେତାଙ୍କୁ ମାରିଦେଲେ ମାଓବାଦୀ

ମାଲକାନଗିରି, ୧୧।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ଜଣେ ଭାଜପା ନେତାଙ୍କୁ ହତ୍ୟା କରିଛନ୍ତି। ମଙ୍ଗଳବାର ରାତିରେ ଫରସେଗଡ଼ ଥାନା ଅନ୍ତର୍ଗତ ସୋମନପଲ୍ଲୀ ଗ୍ରାମର ଭାଜପା ନେତା ମଣ୍ଡୋରାମଙ୍କୁ ମାଓବାଦୀମାନେ ତାଙ୍କ ଘରେ ପଶି ହତ୍ୟା କରିଛନ୍ତି। ଘଟଣାସ୍ଥଳରେ ଏକ ପୋଷ୍ଟର ଛାଡ଼ିଯାଇଛନ୍ତି। ପୋଷ୍ଟରରେ ଭାଜପାରେ କାର୍ଯ୍ୟ କରୁଥିବା ଓ ପୋଲିସ ସୂଚନାଦାତା ସାଜିଥିବା ଯୋଗୁ ଏହି ନେତାଙ୍କୁ ହତ୍ୟା କରିଛୁ। ତେଣୁ ସମସ୍ତେ ଭାଜପାକୁ ଛାଡ଼ନ୍ତୁ ନ ହେଲେ ସମସ୍ତ ନେତାଙ୍କୁ ଏପରି ଭାବେ ହତ୍ୟା କରିବୁ ବୋଲି ଚେତାବନୀ ଦେଇଛନ୍ତି। ପୋଲିସ ଏହାର ତଦନ୍ତ କରିଥିବା ବେଳେ ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଥିବା ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଗତ ସପ୍ତାହରେ ଭାରତୀୟ ଜନତା ପାର୍ଟି ସହ ସମ୍ପୃକ୍ତ ଥିବା ୨ଜଣ ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ।

# ହତ୍ୟା ପରେ ରେଳଧାରଣାରେ ଫିଙ୍ଗିଥିଲେ ଦୁଇ ବନ୍ଧୁ

## ରେଳଧାରଣାରୁ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ ଘଟଣା

ବଲାଙ୍ଗୀର/ଦେଓଗାଁ, ୧୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ରେଳ ଷ୍ଟେଶନ ନିକଟ ରେଳଧାରଣାରୁ ମଙ୍ଗଳବାର ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଜବତ ହୋଇଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପର୍ଦ୍ଦାଫାଶ କରିଛି। ମୃତ ଯୁବକ ହେଲେ ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ସାହାଜବାହାଲ ଗାଁର ସୁଶୀଳ ଓରଫ ବୁଲୁ ବାଗ । ଏହି ହତ୍ୟା ଘଟଣାରେ ଦେଓଗାଁର କାଳିଆ ଓରଫ କ୍ଷେତ୍ରମଣି ସେନାପତି (୨୮) ଏବଂ ସଚ୍ଚିଦାନନ୍ଦ ନନ୍ଦ ଓରଫ୍ ଅମନ ସାଗର ନନ୍ଦ (୨୫)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ମଦନିଶାରେ ବଚସା ପରେ ବୁଲୁଙ୍କୁ ହତ୍ୟା କରିବା ଏବଂ ଏହାକୁ ଦୁର୍ଘଟଣା ରୂପ ଦେବାକୁ ଯାଇ ମୃତଦେହକୁ ରେଳଧାରଣାରେ ଫିଙ୍ଗି ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ ବୋଲି ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଦେଓଗାଁ ରେଳଷ୍ଟେଶନ ନିକଟ ରେଳଧାରଣରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖାଯାଇଥିଲା। ଏହି ଖବର ପାଇ ଦେଓଗାଁ ପୋଲିସ ଓ ରେଲୱେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରିଥିଲା। ପ୍ରାଥମିକ ତଦନ୍ତରୁ ରେଲଷ୍ଟେଶନ ନିକଟ ଏକ ଧାନଖଳାରେ ପଡିଥିବା ରକ୍ତଛିଟାରୁ ସମ୍ପୃକ୍ତ ଯୁବକଙ୍କୁ ସେଠାରେ ହତ୍ୟା କରିବା ପରେ ଅଭିଯୁକ୍ତମାନେ ସେଠାରୁ ଆଣି ପ୍ରମାଣ ନଷ୍ଟ କରିବା ଏବଂ ଦୁର୍ଘଟଣା ରୂପ ଦେବାକୁ ଚେଷ୍ଟା କରି ରେଳ ଧାରଣାରେ ଫିଙ୍ଗି ଦେଇଥିଲେ। କୌଣସି ଟ୍ରେନ୍‌ରେ କଟି ଯାଇ ମୃତଦେହ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ପି ଖିଲାରୀ କହିଥିଲେ ଯେ, ମୃତ ଯୁବକ ବୁଲୁ ୪ ବର୍ଷ ହେଲା ତୁଷୁରା ଥାନା ଅନ୍ତର୍ଗତ ସିନ୍ଧିରାବାହାଲିରେ ରହୁଥିଲେ। ବୁଲୁ ଓ ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ କିଛି ବର୍ଷ ହେଲା ବନ୍ଧୁତା ଥିଲା। ଘଟଣାଦିନ ରାତିରେ ତିନିଜଣଯାକ ମିଶି ଦେଓଗାଁ ରେଲଷ୍ଟେଶନ ପାଖ ରେଲୱେ ବ୍ରିଜ୍ ପାଖରେ ମଦ ପିଇଥିଲେ। ନିଶାସକ୍ତ ଅବସ୍ଥାରେ ବୁଲୁ ସେଠାରେ ଅମନଙ୍କ ମା'ଙ୍କ ଉଦ୍ଦେଶ୍ୟରେ ଅପମାନସୂଚକ ମନ୍ତବ୍ୟ ଦେଇଥିଲେ। ଏହି କଥାକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ଓ ପରେ ଦୁଇ ବନ୍ଧୁ ମିଶି ବୁଲୁଙ୍କୁ ଏକ ବଡ଼ ପଥରରେ ଛେଚି ହତ୍ୟା କରିଥିଲେ। ପୋଲିସ ୨ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ କରିବା ପରେ ହତ୍ୟାକାଣ୍ଡରେ ବ୍ୟବହୃତ ପଥର, ରକ୍ତଭିଜା ଶାର୍ଟ, ଚପଲ ଓ ମଦ ବୋତଲ ଜବତ କରିଛି।

# ପୁଣି ୫ଦିନିଆ ରିମାଣ୍ଡରେ ଗଲେ ୩ ଅଭିଯୁକ୍ତ

## କାର୍‌ରୁ ୧୦ ଲକ୍ଷ ଜବତ ଘଟଣା, ଆୟକର ଟିମ୍‌ର ତଦନ୍ତ ଆରମ୍ଭ

ଭୁବନେଶ୍ୱର,୧୧।୧୨ (ସୂର୍ଯ୍ୟକାନ୍ତ ବେହେରା)

ଟେଣ୍ଡର ହାତେଇବା ପାଇଁ ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ସିବିଆଇ ଟିମ୍ ଏକ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଗିରଫ ହୋଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ (ଇଣ୍ଡିଆ) ଲିଃର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ରଙ୍କୁ ସିବିଆଇ ବୁଧବାର ୨ୟ ଥର ପାଇଁ ୫ଦିନିଆ ରିମାଣ୍ଡରେ ନେଇଛି। ପୂର୍ବରୁ ଗତ ୮ତାରିଖରୁ ସିବିଆଇ ୩ ଦିନ ପାଇଁ ପ୍ରଥମ ପର୍ଯ୍ୟାୟ ରିମାଣ୍ଡରେ ଆଣି ମାରାଥନ ଜେରା କରିଥିଲା। ଏହି ସମୟରେ ସୋମବାର ପାହାଲସ୍ଥିତ ଏକ ବହୁତଳ ପ୍ରାସାଦରେ ଥିବା ଦେବଦତ୍ତଙ୍କ ଆଦିତ୍ୟ ଦେବ ଇନ୍‌ଫ୍ରାଟେକ୍ ପ୍ରାଇଭେଟ୍ ଲିଃର ଅଫିସକୁ ସିବିଆଇ ପକ୍ଷରୁ ସିଲ୍ କରାଯାଇଛି। ଏହାସହ ବହୁ ଆପତ୍ତିଜନକ ଦସ୍ତାବିଜ୍ ମଧ୍ୟ ଜବତ କରିଥିଲା। ମାତ୍ର ତିନି ଅଭିଯୁକ୍ତ ପ୍ରଥମ ପର୍ଯ୍ୟାୟ ରିମାଣ୍ଡ ଅବଧି ମଧ୍ୟରେ କିଛି ତଥ୍ୟ ଲୁଚାଇବା ସହ ତଦନ୍ତରେ ସହଯୋଗ କରୁ ନ ଥିବା ଦର୍ଶାଇ ସିବିଆଇ ପକ୍ଷରୁ ସ୍ୱତନ୍ତ୍ର କୋର୍ଟରେ ୧୦ ଦିନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି ସିବିଆଇ କୋର୍ଟ ଅଭିଯୁକ୍ତଙ୍କୁ ୫ ଦିନ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ସେପଟେ ଅଭିଯୁକ୍ତଙ୍କ ମୋବାଇଲ ଫୋନରୁ ଅନେକ ତଥ୍ୟ ମିଳିଥିବା ଜଣାପଡ଼ିଛି। ଏହି ତଥ୍ୟକୁ ଆଧାର କରି ଏହି ରିମାଣ୍ଡ ବେଳେ ତଦନ୍ତକାରୀ ଟିମ୍ ଅଧିକ ପ୍ରମାଣ ଖୋଜିବ। ସେପଟେ ସିବିଆଇ ପରେ ଜବତ ଟଙ୍କାକୁ ନେଇ ଆୟକର ଟିମ୍(ଆଇଟି) ତଦନ୍ତ ଆରମ୍ଭ କରିଛି। ସିବିଆଇ ପାଖରୁ ତଥ୍ୟ ନେଇ ଆୟକର ବିଭାଗ ଟିକସ ଫାଙ୍କିବା ଉପରେ ତଦନ୍ତ କରୁଛି।

ସୂଚନାଯୋଗ୍ୟ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ସନ୍ତୋଷ ଗତ ଶୁକ୍ରବାର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ଅଫିସରେ ଭେଟିଥିଲେ। ଜିଜିଏମ୍ ସେଠାରେ ତାଙ୍କୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଲାଞ୍ଚ ଟଙ୍କାକୁ ଠିକାସଂସ୍ଥାର ଭବିଷ୍ୟତ ବିଲ୍‌ରେ ଆଡ୍‌ଜଷ୍ଟ କରିଦେବେ ବୋଲି ଜିଜିଏମ୍ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦେବଦତ୍ତଙ୍କ ଜରିଆରେ ଏହି ଟଙ୍କା ନେବା ପାଇଁ ଯୋଜନା ହୋଇଥିଲା। ଶନିବାର ରାତିରେ ସ୍ଥାନୀୟ ଏକ ତାରକା ହୋଟେଲ ସମ୍ମୁଖ ରାସ୍ତାରେ ମର୍ସିଡିଜ୍ କାର୍‌ରେ ଟଙ୍କା ରଖି ଲାଞ୍ଚ କାରବାର ପାଇଁ ଡିଲ୍ ହେଉଥିବା ବେଳେ ସିବିଆଇ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ପୂର୍ବ ଶତ୍ରୁତାରୁ ଗାଁ ଦାଣ୍ଡରେ ୩ ଯୁବକଙ୍କୁ ଆକ୍ରମଣ

ବାଣପୁର,୧୧।୧୨ (ଦିଲ୍ଲୀପ କୁମାର ସ୍ୱାଇଁ)

ପୂର୍ବଶତ୍ରୁତାକୁ ନେଇ ଖୋର୍ଦ୍ଧା ଜିଲା ଗମ୍ଭାରୀମୁଣ୍ଡା ଖଜୁରିଆ ଗ୍ରାମରେ ମାରପିଟ୍ ହୋଇଛି। ଏଥିସହ ଗାଁ ଦାଣ୍ଡରେ ୩ଜଣ ଯୁବକଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣରେ ଜଣେ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି।

ସୂଚନା ଅନୁଯାୟୀ, ଗମ୍ଭାରୀମୁଣ୍ଡା ଘାସେଡିହ ନୂଆସାହି ଓ ନିକଟସ୍ଥ ଖଜୁରିଆ ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଦୀର୍ଘଦିନ ଧରି ଶତ୍ରୁତା ଲାଗି ରହିଥିବା ବେଳେ ତାହାର ଭୟାନକ ଦୃଶ୍ୟ ମଙ୍ଗଳବାର ଦେଖିବାକୁ ମିଳିଥିଲା। ଗତ ଦଶହରା ସମୟରେ ଗମ୍ଭାରୀମୁଣ୍ଡା ବଜାରରେ ସାଂସ୍କୃତିକ କାର୍ଯ୍ୟକ୍ରମ


ଜଣେ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

ଚାଲିଥିବା ସମୟରେ ଉଭୟ ଗ୍ରାମର ଦୁଇ ଯୁବକ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇ ଆଶିଷ ପ୍ରଧାନ ଆହତ ହୋଇଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଥିଲା। ଏପରି ସ୍ଥଳେ କେତେଜଣ ବରିଷ୍ଠ ବ୍ୟକ୍ତିଙ୍କ ହସ୍ତକ୍ଷେପ ଯୋଗୁ ଘଟଣାର ସମାଧାନ କରାଯିବା ସହ ଉଭୟ ପକ୍ଷ ଭବିଷ୍ୟତରେ ବିଶୃଙ୍ଖଳା କରିବେ ନାହିଁ ବୋଲି ତହସିଲ କୋର୍ଟରେ ମଧ୍ୟ ଚୁକ୍ତି କରିଥିଲେ। ତେବେ ମଙ୍ଗଳବାର ନୂଆସାହିର ତିନିଜଣ ଯୁବକ ବିଶେଷ ସାହୁ, ରିଙ୍କୁ ସାହୁ ଓ ଅକ୍ଷୟ ସାହୁ ଖଜୁରିଆ ଗ୍ରାମକୁ ରଙ୍ଗ କାମ କରିବା ନିମନ୍ତେ ଯାଇଥିଲେ। ମଧ୍ୟାହ୍ନ ସମୟରେ ଖାଇବା ନିମନ୍ତେ ସମସ୍ତେ ଘରକୁ ଫେରୁଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖଜୁରିଆ ଗ୍ରାମର ଟୁକୁନା ସାମନ୍ତସିଂହାରଙ୍କ ପୁଅ ଗ୍ରାମର ଅନ୍ୟ କେତେକ ଯୁବକଙ୍କ ସହ ସଂଘବଦ୍ଧ ଭାବେ ଗାଁ ମୁଣ୍ଡରେ ସେମାନଙ୍କୁ ଅଟକାଇ ବିଶେଷଙ୍କୁ ମାଡ଼ ମାରିଥିଲେ। ଫଳରେ ବିଶେଷ ଗୁରୁତର ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ରିଙ୍କୁ ଏବଂ ଅକ୍ଷୟ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ତେବେ ଉଭୟେ ବିଶେଷଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଗମ୍ଭାରୀମୁଣ୍ଡା ଓ ପରେ ବାଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ବିଶେଷଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଏହାକୁ ନେଇ ଗମ୍ଭାରୀମୁଣ୍ଡା ଓ ଘାସଡି ନୂଆସାହି ଗ୍ରାମରେ ଉତ୍ତେଜନା ଲାଗିରହିଛି। ଏପରି ସ୍ଥଳେ ପୋଲିସ ଏହାକୁ ଯଦି ପୂର୍ବପରି ଖାମଖିଆଲି ଭାବେ ଗ୍ରହଣ କରେ, ତେବେ ଆଗାମୀ ଦିନରେ ଉକ୍ତ ଘଟଣା ଭୟଙ୍କର ରୂପ ନେବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଜେଲ ଭୟ ଦେଖାଇ ସାଢ଼େ ୫ ଲକ୍ଷ ଲୁଟିଲେ

## ହାଇକୋର୍ଟ ଭିଡିଓ ଦେଖି ଭୟଭୀତ ଅବସରପ୍ରାପ୍ତ ଡାକ୍ତର

ହିଞ୍ଜିଳିକାଟୁ,୧୧।୧୨ (ଦ୍ୱିତୀକୃଷ୍ଣ ପଣ୍ଡା)

ସାଇବର ଠକମାନେ ଦିନକୁ ଦିନ ନୂତନ ଜ୍ଞାନକୌଶଳ ଗ୍ରହଣ କରି ଲୋକଙ୍କୁ ଭିନ୍ନ ଭିନ୍ନ ଉପାୟରେ ଲୁଟିବାରେ ଲାଗିଛନ୍ତି। ଏଭଳି ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ହାଇକୋର୍ଟ ପକ୍ଷରୁ ଜେଲଦଣ୍ଡ ଭୟ ଦେଖାଇ ସାଇବର ଠକ ସାଢେ ୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ଗଞ୍ଜାମ ଜିଲା ହିଞ୍ଜିଳି ଥାନାରେ ଏ ନେଇ ଅଭିଯୋଗ ହୋଇଛି।

ହିଞ୍ଜିଳି ଥାନା ସମରଝୋଲ ଗ୍ରାମର ଅବସରପ୍ରାପ୍ତ ଡାକ୍ତର ନରେନ୍ଦ୍ର କୁମାର ମହାନ୍ତିଙ୍କ ମୋବାଇଲ ଫୋନକୁ ସୋମବାର ରାତିରେ ଏକ ଅଜଣା ନମ୍ବରରୁ ହ୍ୱାଟ୍ସଅପ ଅଡିଓ କଲ ଆସିଥିଲା। ଅବସରପ୍ରାପ୍ତ ଡାକ୍ତର ମହାନ୍ତି କଲ ରିସିଭ କରିବା ପରେ ସାଇବର ଠକ ଜଣକ ନିଜକୁ ଜଣେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବୋଲି ପରିଚୟ ଦେଇଥିଲେ। ମୁମ୍ବାଇରେ ଜମିଜମା ସମ୍ବନ୍ଧୀୟ ଠକେଇରେ ସମ୍ପୃକ୍ତି ଥିବା ନେଇ ସେ ମହାନ୍ତିଙ୍କୁ କହିଥିଲେ। ପରେ ଭିଡିଓ କଲ୍ କରି ସେଥିରେ ହାଇକୋର୍ଟ ଓ ମୁଖ୍ୟ ବିଚାରପତିଙ୍କ କାର୍ଯ୍ୟାଳୟର ଭିଡିଓ ଦେଖାଇଥିଲେ। ଦଣ୍ଡରୁ ମୁକୁଳିବାକୁ ଅବସରପ୍ରାପ୍ତ ଡାକ୍ତରଙ୍କୁ ସେ ସାଢେ ୬ ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ଅର୍ଥ ରାଶି ଜମା ନ କଲେ ପରିବାରର ସମସ୍ତ ସଦସ୍ୟଙ୍କୁ ଜେଲ ହୋଇଯିବ ବୋଲି ଭୟ ଦେଖାଇଥିଲେ। ଅବସରପ୍ରାପ୍ତ ଡାକ୍ତର ଜଣଙ୍କ ହାଇକୋର୍ଟ ଭିଡିଓ ଦେଖି ଭୟଭୀତ ହୋଇପଡିଥିଲେ। ତେଣୁ ସାଇବର ଠକ ପଠାଇଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ମଙ୍ଗଳବାର ସକାଳେ ବ୍ରହ୍ମପୁର ଷ୍ଟେଟ ବ୍ୟାଙ୍କ ଶାଖାରେ ସାଢେ ୫ ଲକ୍ଷ ଟଙ୍କା ଜମା କରିଥିଲେ। ପରେ ସାଇବର ଠକ ଜଣକ ଆଉ ଅଧିକ ଟଙ୍କା ଜମା କରିବାକୁ କହି ପୁଣି ଜେଲ ଦଣ୍ଡର ଭୟ ଦେଖାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଅବସରପ୍ରାପ୍ତ ଡାକ୍ତରଙ୍କ ପୁଅ ଗାଁକୁ ଆସି ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କ କହିବା ପ୍ରକାରେ ମହାନ୍ତି ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୦୫/୨୪ ରେ ଏକ ମାମଲା ରୁଜୁ କରିଛି। ଏଥିସହ ସାଇବର ଥାନା ସହିତ ଯୋଗାଯୋଗ କରି ଘଟଣାର ତଦନ୍ତ ଚଳାଇଛି।



# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କାକୁଡ଼ି ପରାୟେ ପୀରତି ଦେଖ
ବାହାରକୁ ତୁଳ ଭିତର ଫାଙ୍କା।**

କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଭିତରର ସ୍ୱରୂପ ବାହାରକୁ ଆଦୌ ଜଣାପଡ଼ି ନ ଥାଏ। ଉପରେ ଉପରେ ମିଠା କଥା କହି ଆପଣାର ଭାବ ଦେଖାଇଥାଆନ୍ତି, ଅଥଚ ଭିତରେ ଭିତରେ ନିଜ ମନ୍ଦ ଅଭିଳାଷକୁ ପୂରଣ କରାଇ ନେଇଥାନ୍ତି। କାକୁଡ଼ିର ଉପରି ଭାଗ ବେଶ ଚିକ୍କଣ, ପରନ୍ତୁ ତା'ର ଭିତର ଫାଙ୍କ ରହିଥିବା ଭଳି ଉପରକୁ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତିର ଭିତରର କପଟାଚରଣ ବା ମନ୍ଦ ଆଚରଣ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନକୁ ନ ଅଣ୍ଟେ ଗୀତ
ଆଖି କି ନ ଦିଶେ ବିତ୍ତ।**

ସୁମଧୁର ସଙ୍ଗୀତ ମନପ୍ରାଣକୁ ଖୁସିରେ ଭରିଦେଇଥାଏ। ଯେତେ ଶୁଣିଲେ ମଧ୍ୟ ଆହୁରି ଶୁଣିବାକୁ ମନ ବଳିଥାଏ। ସେହିପରି ଯେତେ ଧନ ସଂପତ୍ତି ଥିଲେ ମଧ୍ୟ ଆଖିକୁ ତାହା ଅଧିକ ଦିଶି ନ ଥାଏ ବା ଅଭାବବୋଧ ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡ୍ସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
**(SOCIAL WELFARE SECTION)**
**TENDER CALL NOTICE**

No. 3792/SW Dated: 11.12.2024

Sealed tenders are invited from the intending registered firms for printing and supply of packaging materials for Take Home Ration (THR) provided under MSPY to all THR Units of Subarnapur district during the year 2024-25.

The tender paper containing detailed terms and conditions, EMD, other statutory requirement and sample desing of Packaging Materials can be downloaded from the district website: **https://subarnapur.odisha.gov.in**

Sd./- Collector, Subarnapur

**ZILLA PARISHAD, NAYAGARH**
**ଜିଲ୍ଲା ପରିଷଦ, ନୟାଗଡ଼**
Order No.4295/ Date 10.12.24

**TENDER CANCELLATION NOTICE**

Tender on dated 21.11.2024 vide Letter No. 4037 for selection of Service Providing Agency towards supply of manpower on outsourcing basis under MGNREGA is hereby cancelled due to unavoidable circumstances.

By Order of the Collector
Chief Development Officer-cum-Executive Officer, Zilla Parishad
Nayagarh

**ODISHA MARITIME BOARD**
**ADVERTISEMENT**
**JOB VACANCY**

No. JJ-31: The previous recruitment process for the Post of Chief Executive Officer (CEO), Chief Nautical Officer (CNO), General Manager (Projects and Business Development) and General Manager (HR & IT/Communications) of the Odisha Maritime Board stands cancelled.

Fresh applications are invited for the engagement of Chief Nautical Officer & General Manager (HR & IT/ Communications) at Odisha Maritime Board, Government of Odisha, within Thirty (30) days from the date of publication of the advertisement. For more details, please refer to the website **https://ct.odisha.gov.in/**.

OIPR-38035/11/0011/2425

**OFFICE OF THE PRINCIPAL**
**MODEL DEGREE COLLEGE, SONEPUR**
Mai ID: mdcsonepur@gmail.com
**TENDER CALL NOTICE**

Notice No. 1621/MDCS Date:09.12.2024

No. N-143: Sealed tenders are invited from the registered firms/Manufacturers/Distributors/Authorized Dealers with valid GSTIN for supply of lab equipments to Model Degree College, Sonepur. The tenders must reach the undersigned latest by 4.00 P.M. on Dt.31.12.2024 through Registered Post/Speed Post. The envelope containing the tender must be super scribed on the top as "Supply of Lab Equipments" and addressed to Principal Model Degree College, Sonepur, S. Kalapathar, Subarnapur, PIN - 767017. The details of specification of items, terms and conditions and tender papers can be downloaded from College website: **http://mdcsonepur.ac.in**.

Sd./- Principal
Model Degree College, Sonepur
OIPR-11042/11/0002/2425

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
**Bid Identification No. S.E.E.C. (R&B) 10/2024-25**

No. 3750 Date: 10.12.2024

No. B-746: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from Dt.18.12.2024 at 05.00 P.M. to Dt.02.01.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.03.01.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum/Corrigendum, if required, will be available only in the website.

Sd./- Superintending Engineer
OIPR-34006/11/0012/2425 Electrical Circle (R&B), Odisha, BBSR

**UTKAL UNIVERSITY OF CULTURE**
**Sanskruti Vihar, Madanpur, Bhubaneswar**
**PIN - 752054, E-mail: mailboxuuc@gmail.com**
**No. 1673/UUC Dt.09.12.2024**
**SHORT TENDER CALL NOTICE**

No. CAD-1855: Sealed tenders are invited from the intending bonafied Event Management agencies located at Bhubaneswar for providing Event Management Services for 26th Foundation Day celebration of Utkal University of Culture at Sanskruti Vihar, Madanpur, Bhubaneswar. Interested agencies may visit the official website at **uuc.ac.in (Tenders & Quotations)** for downloading the details of tender documents, specifications, terms and conditions etc. Further addendum/corrigendum/cancellation of tender can be seen in the website only. The tender requisite documents should reach addressing Registrar, Utkal University of Culture, Sanskruti Vihar, Madanpur, Bhubaneswar - 752054 through Registered/Speed Post/ Courier service within schedule date and time mentioned below.

| | | |
|---|---|---|
| Last date for receipt of the Bid | - | 26.12.2024, 05.00 P.M. |
| Date and time of opening of Technical Bid | - | 27.12.2024, 12.30 P.M. |
| Date and time of Opening of Financial Bid | - | 27.12.2024, 03.30 P.M. |

**OIPR-03005/11/0008/2425** **Sd./- Registrar**

**ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ, ଜିଲ୍ଲା: ବୌଦ୍ଧ**
**ବିଜ୍ଞାପନ**

No. H-68: ଚଳିତ ୨୦୨୪-୨୫ ଖରିଫ ବର୍ଷରେ ବୌଦ୍ଧ ଜିଲ୍ଲାର ୪୨ଗୋଟି ସେବା ସମବାୟ ସମିତି ଓ ୨ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜିଲ୍ଲାର ଧାନକ୍ରୟ କେନ୍ଦ୍ରରେ ତା୧୭।୧୨।୨୦୨୪ରିଖଠାରୁ କଣ୍ଟାମାଳ ବ୍ଲକ ଓ ତା୨୪।୧୨।୨୦୨୪ରିଖଠାରୁ ବୌଦ୍ଧ ବ୍ଲକ, ହରଭଙ୍ଗା ବ୍ଲକ ଓ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ଚାଷୀମାନଙ୍କଠାରୁ ନିମ୍ନମତେ ଧାନ କ୍ରୟ କରାଯିବ। ଚଳିତ ୨୦୨୪-୨୫ ଖରିଫ ବର୍ଷ ନିମନ୍ତେ ସାଧାରଣ ମାନ (FAQ) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୩୦୦/- ଏବଂ ଉତ୍ତମ (Grade-A) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୩୨୦/- ସରକାର ସ୍ଥିର କରିଛନ୍ତି। ସବିଶେଷ ବିବରଣୀ ନିମନ୍ତେ ଚାଷୀଭାଇମାନେ ପଞ୍ଜିକରଣ କରିଥିବା ସମବାୟ ସମିତିରେ ଯୋଗାଯୋଗ କରିବାକୁ ଅନୁରୋଧ।

| FAQ ଧାନରେ ମିଶ୍ରିତ ନିକୃଷ୍ଟ ଦ୍ରବ୍ୟ ବା ବାହ୍ୟ ପଦାର୍ଥ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ୧. ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| ୨. କୁଟା, କାଠି, ଧୂଷ, ଅଗାଡ଼ି ବା ପୋକା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩. ଖରାପ, ବେରଙ୍ଗି, ପାଣିଫୁଲା ବା ପୋକା ଇତ୍ୟାଦି (ଖରାପ, ପାଣିଫୁଲା ଏବଂ ପୋଲା ଶତକଡ଼ା ୪ ମଧ୍ୟରେ ରହିବ) | ୫% |
| ୪. ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫. ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟ ଧାନର ପରିମାଣ | ୬% |
| ୬. ଆର୍ଦ୍ରତା | ୧୭% |

ବି.ଦ୍ର.: ୧. ଆଧାର କାର୍ଡ଼ ସାଙ୍ଗରେ ଆଣି ପଞ୍ଜିକୃତ ଚାଷୀ ଧାନକ୍ରୟ କେନ୍ଦ୍ରକୁ ଆସିବେ। ସକାଳ ୮.୦୦ ଘଟିକାଠାରୁ ଅପରାହ୍ନ ୨ଘଟିକା ମଧ୍ୟରେ ଧାନ କ୍ରୟ କେନ୍ଦ୍ରକୁ ଆଣିବେ। ଟୋକନ ପାଇଥିବା ଚାଷୀମାନେ ହିଁ ମାନର ଧାନ କ୍ରୟ କେନ୍ଦ୍ରକୁ ଆଣିବେ।
୨. ଯେ କୌଣସି ସହାୟତା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିଃଶୁଳ୍କ ସହାୟତା ନମ୍ବର ୧୯୬୭କୁ ନିଜର ପଞ୍ଜିକୃତ ମୋବାଇଲ ନମ୍ବର ଦ୍ୱାରା ଯୋଗାଯୋଗ କରିପାରିବେ।

ଉପ-ଜିଲ୍ଲାପାଳ ତଥା ଅଧକ୍ଷ
ଆର.ଏମ୍.ସି., ବୌଦ୍ଧ

ଜିଲ୍ଲାପାଳ ତଥା ଅଧକ୍ଷ
ଜିଲ୍ଲା ଧାନକ୍ରୟ କମିଟି, ବୌଦ୍ଧ

OIPR-07082/11/0002/2425

# ମିଳିଗଲା ଶୁଭଦିନ



କଙ୍ଗନା

ଅଭିନେତ୍ରୀ-କମ୍-ନିର୍ଦ୍ଦେଶିକା କଙ୍ଗନା ରାଣାଓ୍ୱତ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଅର୍ଥାତ୍, ତାଙ୍କ ଅଭିନୀତ ତଥା ନିର୍ଦ୍ଦେଶିତ 'ଇମର୍ଜେନ୍ସି' ଆସନ୍ତାବର୍ଷ ଜାନୁୟାରୀ ୧୭ରେ ରିଲିଜ ହେବାକୁ ଯାଉଛି। ଏ ନେଇ କଙ୍ଗନା କହନ୍ତି, ''ମୋ ଫିଲ୍ମକୁ ସେନ୍‌ସର ମିଳିବା ପରେ ମୋର ଉତ୍ସାହ ଆହୁରି ବଢ଼ିଯାଇଥିଲା। କାରଣ ସେନ୍‌ସରକୁ ନେଇ ମୁଁ ଟେନ୍‌ସନରେ ଥିଲି। ଯାହାହେଉ ସେଠାରୁ ଗ୍ରୀନ୍ ସିଗ୍‌ନାଲ ମିଳିଯାଇଛି। ନୂଆବର୍ଷ ଜାନୁୟାରୀ ୧୭ରେ ଫିଲ୍ମଟି ରିଲିଜ ହେବ। ଏହି ଫିଲ୍ମର କାହାଣୀକୁ ଜଷ୍ଟିସ୍ ଦେବାକୁ ଚେଷ୍ଟା କରିଛି।'' 'ଇମର୍ଜେନ୍ସି' ଫିଲ୍ମର ବିଭିନ୍ନ ଭୂମିକାରେ କଙ୍ଗନାଙ୍କ ବ୍ୟତୀତ ଅନୁପମ ଖେର, ଶ୍ରେୟାଶ ତଲପାଡେ, ମିଲନ୍ଦ ସୋମନ ଏବଂ ସତୀଶ କୌଶିକ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

ନୂଆ ରୂପରେ

# ତୁ ଖରା ମୁଁ ଛାଇ-ସୁନା ଝିଅ

ଜୀ ସାର୍ଥକ ପ୍ରସ୍ତୁତ ଧାରାବାହିକ 'ତୁ ଖରା ମୁଁ ଛାଇ' ୬୦୦ ଅଧ୍ୟାୟ ଅତିକ୍ରମ କଲାପରେ ଏବେ ଦ୍ୱିତୀୟ ସୋପାନରେ ପହଞ୍ଚିବାକୁ ଯାଉଛି। କାହାଣୀ ଏପରି ଖରା ଛାଇର ଶେଷରେ ଏଜେଙ୍କ ଦ୍ୱାରା ସିନେମାର ମୁଖ୍ୟ ନାୟିକା ହେଉଛନ୍ତି ମାନିନୀ। ଶୁଟିଂ ସେଟ୍‌ରେ ନିଆଁ ଲାଗି ସମସ୍ତଙ୍କର ମୃତ୍ୟୁ ହେଉଛି। କିଛି ବର୍ଷ ପରେ ଭିନ୍ନ ଜାଗାରେ ଅଭି ନାମରେ ଏଜେ ଏବଂ ମାନି ନାମରେ ମାନିନୀଙ୍କର ପୁନର୍ଜନ୍ମ ହେଉଛି। ଏକ ପୁରୁଣା ରାଜମହଲକୁ ଅଭି କିଣିବାକୁ ଆସିଛି। ସେଠାରେ ଥିଏଟର ଅଭିନେତ୍ରୀ ମାନୀ ସହିତ ଅଭିର ପ୍ରଥମ ଭେଟହେବା ସହ ସୃଷ୍ଟି ହୋଇଛି ପ୍ରେମ। ଆଉ ତା'ପରେ ଏହି ପ୍ରେମ କିଭଳି ଆଗକୁ ବଢ଼ୁଛି ତାହାକୁ ନେଇ କାହାଣୀ ଗତି କରିଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ରଞ୍ଜନ ଏବଂ ସ୍ମୃତିରେଖା। ଏହି ଧାରାବାହିକର ନୂଆ ଅଧ୍ୟାୟର ପ୍ରସାରଣ ଚଳିତ ମାସ ୧୬ ତାରିଖ(ସୋମ-ଶନି, ସନ୍ଧ୍ୟା ୮.୩୦-୯ଟା)ରୁ ହେବ। ଅନ୍ୟପକ୍ଷରେ ଜୀ ସାର୍ଥକର ମେଗା ଧାରାବାହିକ 'ସୁନା ଝିଅ' କାହାଣୀରେ ନୂଆ ମୋଡ ନେଉଛି। ଏହି ଧାରାବାହିକ ଏବେ ଦେଖିବ ୨୦ ବର୍ଷର ଅଗ୍ରଗତି। ଯାଆଁଳା ଭଉଣୀ ଅଂଶୁ ଓ ବଂଶୁ। ଏବେ ୨୦ ବର୍ଷର ବ୍ୟବଧାନରେ ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ବଦଳିଛି। ଅଂଶୁର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରୁହେନାହିଁ। ତା'ର ବଞ୍ଚିରହିବା ପାଇଁ ବଂଶୁର ସହାୟତା ନିହାତି ଆବଶ୍ୟକ। କିନ୍ତୁ ଏମିତି ଏକ ସମୟ ଆସେ ଅଂଶୁ ଓ ବଂଶୁ ଉଭୟେ ସମ୍ଭବଙ୍କ ପ୍ରେମରେ ପଡ଼ିଯାନ୍ତି। ପରବର୍ତ୍ତୀ ଘଟଣାକୁ ନେଇ କାହାଣୀ ଗତି କରିଛି। ଅଙ୍କିତା ମିଶ୍ର, ଶୁଭଶ୍ରୀ ସାହୁ ଏବଂ ସମ୍ଭବ ମାନସିଂହ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଚଳିତ ମାସ ୧୬ ରୁ ସନ୍ଧ୍ୟା ୭.୩୦ରେ(ସୋମବାରରୁ ଶନିବାର) ଏହି ଧାରାବାହିକଟି ପ୍ରସାରିତ ହେବ। 'ତୁ ଖରା ମୁଁ ଛାଇ' ଏବଂ 'ସୁନା ଝିଅ' ର ନୂଆ କାହାଣୀରେ ଅନେକ ସାମାଜିକ ବାର୍ତ୍ତା ରହିଛି, ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି କହନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍।



'ତୁ ଖରା ମୁଁ ଛାଇ' ଧାରାବାହିକରେ ରଞ୍ଜନ-ସ୍ମୃତିରେଖା



'ସୁନା ଝିଅ' ଧାରାବାହିକରେ (ବାମରୁ) ଅଙ୍କିତା, ସମ୍ଭବ, ଶୁଭଶ୍ରୀ

# ସବୁ ଗୁଜବ

## ଭାଗ୍ୟବତୀ ମୃଣାଳ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, ସେ କେମିତି ଏକାଥରେ ତିନୋଟି ସିନେମା ସାଇନ୍ କରିଛନ୍ତି। କଥା କ'ଣ କି ଜଣେ ନୂଆ ପ୍ରଯୋଜକ ଜଣେ ନାମୀ ଅଭିନେତ୍ରୀଙ୍କୁ ତାଙ୍କର ସିରିଜ୍ ଫିଲ୍ମରେ ସାଇନ୍ କରାଇବାକୁ ଚାହୁଁଥିଲେ। ଆଉ ଶେଷରେ ତାଙ୍କର ଏହି ମିଶନ ଶେଷ ହୋଇଛି। ଏହି ନବାଗତ ପ୍ରଯୋଜକ ଚୟନ କରିଥିବା ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? ମୃଣାଳ ଠାକୁର। ସେ ଏବେ ଏକ ନୂଆ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ଏକ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ହେଲେ କଥା କେବଳ ସେତିକିରେ ସୀମିତ ହୋଇ ରହିନାହିଁ। ପ୍ରଥମ ସିନେମାର ଶୁଟିଂ ଶେଷ ହେବା ପରେ ପରେ ଏହି ବ୍ୟାନରରେ ଆଉ ଦୁଇଟି ସିନେମା ଲଗାତର ନିର୍ମାଣ ହେବାର ଯୋଜନା ରହିଛି। ତେବେ ଏଭଳି ଏକ ସୁଯୋଗ ପାଇବା ପରେ ମୃଣାଳଙ୍କ ଖୁସି କହିଲେ ନ ସରେ। ଏ ସମ୍ପର୍କରେ ମୃଣାଳ କହନ୍ତି, ''ଅବଶ୍ୟ ଏହା ଏକ ଭଲ ସୁଯୋଗ। କାରଣ ମୋତେ ମିଳିଥିବା ଏହି ନୂଆ ତିନୋଟି ଅଫରର କାହାଣୀ କେହି କାହାକୁ କମ୍ ନୁହନ୍ତି। ତେଣୁ ଆଶା ରଖିଛି ଫିଲ୍ମ ତିନୋଟି ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ।'' ଏଗୁଡ଼ିକର ପ୍ରାରମ୍ଭିକ କାମ ଏବେ ଚାଲୁ ରହିଛି। ଫିଲ୍ମ ତିନୋଟି ଟାଇଟଲ ଘୋଷଣା ନୂଆ ବର୍ଷ ପ୍ରଥମ ସପ୍ତାହରେ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ତାରା ସୁତାରିଆ ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ପୁଣି ଥରେ ନିଜ ନିଷ୍ପତ୍ତିକୁ ବଦଳାଇ ଦେଇଥିଲେ। ଅସଲ କଥା ହେଲା ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ସେ ପ୍ରଥମେ ରାଜି ହୋଇଥିଲେ। ଏପରି କି ଏ ବିଷୟରେ ଭଲ ଭାବରେ ବୁଝାଇବା ପରେ ସେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। କିନ୍ତୁ ତା' ଭିତରେ କ'ଣ ହେଲା କେଜାଣି ସେ ଏହି ୱେବ୍ ସିରିଜ୍‌କୁ ହାତଛଡ଼ା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଆଲୋଚନା ହେଉଛି। ଏ ବିଷୟରେ ସୂଚନା ଦେଇ ତାରା କହନ୍ତି, ''ଏହି ୱେବ୍ ସିରିଜ୍‌ର ଶୁଟିଂ ପାଇଁ ମୋ ପାଖରେ ଏବେ ସମୟ ନାହିଁ। ଡେଟ୍ ପ୍ରୋବ୍ଲେମ ପାଇଁ ମୁଁ ଏହାର ଶୁଟିଂ ଘୁଞ୍ଚାଇବାକୁ ପ୍ରସ୍ତାବ ଦେଇଛି। କିନ୍ତୁ ଯେହେତୁ କଥା ଦେଇଛି ନିଶ୍ଚୟ ଅଭିନୟ କରିବି। ହେଲେ ଏଥିପାଇଁ ମୋତେ କିଛି ସପ୍ତାହ ଦରକାର। ତା' ଭିତରେ ମୁଁ ମୋର ଅବଶିଷ୍ଟ କାମ ଶେଷ କରିବା ପରେ ଶୁଟିଂ ପାଇଁ ସମୟ ଦେବି। ହେଲେ ମୁଁ ଏହି ସିରିଜ୍‌ରୁ ଓହରିଯାଇଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମିଛ।''



ତାରା

## ସାନ୍ୟା ଓ ମେକ୍‌ଅପ୍ କିଟ୍

ସାନ୍ୟା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣିନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ମେକ୍‌ଅପ୍ କିଟ୍। ସାନ୍ୟା ମାଲହୋତ୍ରା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଏହି କିଟ୍ ନେଇଯାଆନ୍ତି। ଏ ନେଇ ସାନ୍ୟା କହନ୍ତି, ''ଶୁଟିଂ ସେଟ୍‌ରେ ମୁଁ ସବୁବେଳେ ନିଜ ମେକ୍‌ଅପ୍ କିଟ୍ ବ୍ୟବହାର କରିଥାଏ। ତେଣୁ ଶୁଟିଂକୁ ଯିବା ପୂର୍ବରୁ ଏହାକୁ ସାଙ୍ଗରେ ନେବାକୁ ଆଦୌ ଭୁଲି ନ ଥାଏ। ପାଠ ପଢ଼ିବା ସମୟରେ ମୋର ଇଚ୍ଛା ଥିଲା ଡାକ୍ତର ହେବାକୁ। ହେଲେ ତାହା ତ ହୋଇପାରିଲା ନାହିଁ। ସେ ନେଇ ମୋର ଅନୁଶୋଚନା କରିବାର ମଧ୍ୟ ନାହିଁ।'' ଆମିର ଖାନ୍‌ଙ୍କ ଅଭିନୀତ ତଥା ହିଟ୍ ଫିଲ୍ମ 'ଦଙ୍ଗଲ୍'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ସାନ୍ୟା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।

## ମଡେଲିଂରୁ ଅଭିନେତ୍ରୀ

ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ। ଆଉ ଏହି ବୟସରେ ସେ ଏକ ସ୍ମରଣୀୟ ସ୍ମୃତି ହାସଲ କରିବାରେ ସକ୍ଷମ ହୋଇଥିଲେ। ଏହି ଟିନ୍ ଏଜ୍‌ରେ ସେ ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ବିଜୟିନୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ତା'ପରେ ସେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ। ସେ ହେଲେ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିସ୍। ବିଶେଷଭାବରେ ଜଣେ ମଡେଲ ହେବାକୁ ସେ ମୁମ୍ବାଇ ଆସିଥିଲେ। କିନ୍ତୁ ସେଠାରେ ସତେ ଯେପରି ଆଉ ଏକ ସୁଯୋଗ ତାଙ୍କୁ ଅପେକ୍ଷା କରି ବସିଥିଲା। ଏ ସମ୍ପର୍କରେ ଜ୍ୟାକଲିନ୍ କହନ୍ତି, ''ମୁଁ ଯେ ଦିନେ ଆକ୍ଟିଂକୁ କ୍ୟାରିୟର କରିବି ସେ କଥା କେବେ ଭାବି ନ ଥିଲି। ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ଜିତିବା ପରେ ମୁଁ ଭବିଷ୍ୟତରେ ଜଣେ ମଡେଲ ହେବାକୁ ଆଶା ରଖିଥିଲି। କିନ୍ତୁ ମୁମ୍ବାଇ ଆସିବା ପରେ ମୋ ଭାଗ୍ୟ ବଦଳି ଯାଇଥିଲା। ଆଉ ତା'ପରେ ଅଭିନୟକୁ ଆଦରି ନେଇଥିଲି।'' ଜ୍ୟାକଲିନ୍‌ଙ୍କୁ ବଡ଼ ପରଦାରେ ପ୍ରଥମେ ସୁଯୋଗ ଦେଇଥିଲେ ସୁଜୟ ଘୋଷ ଆଉ ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ'।



ଜ୍ୟାକ୍‌ଲିନ୍



ମୃଣାଳ

# ଭଲ ସୁଯୋଗକୁ ଅପେକ୍ଷା

ନୃତ୍ୟରେ ସେ ନିପୁଣା। ସେ ଅଭିନୟ କରିଥିବା କେତୋଟି ମ୍ୟୁଜିକ୍ ଭିଡିଓ ମଧ୍ୟରେ 'ରଙ୍ଗବତୀ ରିମିକ୍ସ' ବେଶ୍ ଦର୍ଶକାଦୃତ ହୋଇଥିଲା। ତା'ସହ ଭବିଷ୍ୟତରେ ଅଭିନୟ କରିବାକୁ ମଧ୍ୟ ଆଶା ରଖିଛନ୍ତି। ସେଭଳି ଏକ ଦମ୍‌ଦାର ସୁଯୋଗ ମିଳିଲେ ସେଥିରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିବାକୁ ମନ ବଳାଇଛନ୍ତି। ସେ ହେଲେ ପ୍ରିୟାଂଶୀ ଜେନା। ନିଜର ଏଭଳି ଲକ୍ଷ୍ୟ ବିଷୟରେ ସେ କହନ୍ତି, ''ଡ୍ୟାନ୍ସ ସହ ମୁଁ ବେଶ୍ କିଛି ବର୍ଷ ହେଲା ଜଡ଼ିତ। ଏଥିରେ ମୋତେ ମିଳିଥିବା ପୁରସ୍କାର ମୋ ପାଇଁ ନିଶ୍ଚୟ ପ୍ରେରଣା ସାଜିଛି। ଏପରି ଥାଇଲାଣ୍ଡରୁ ମୋତେ ଡ୍ୟାନ୍ସ ପାଇଁ ଇଣ୍ଟରନ୍ୟାଶନାଲ ସ୍କଲାରଶିପ୍ ମଧ୍ୟ ମିଳିଛି। ତା'ସହ କେତୋଟି ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣକରି ଟାଇଟଲ ବିଜୟିନୀ ହୋଇଛି। ତେବେ ଚଳଚ୍ଚିତ୍ରରେ ଯଦି ମୋତେ ସୁଯୋଗ ମିଳେ ତେବେ ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ଗ୍ରହଣ କରିବି।''



ପ୍ରିୟାଂଶୀ

## ରିଲିଜ ଅପେକ୍ଷାରେ ପରବ

ଚଳିତ ବର୍ଷ ଶେଷାର୍ଦ୍ଧରେ ଆଉ ଏକ ଓଡ଼ିଆ ସିନେମା ପରଦା ଉପରକୁ ଆସିବାକୁ ଯାଉଛି। ଏହା ଚଳିତ ମାସ ୨୦ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଟାଇଟଲ ରହିଛି 'ପରବ'। ଏ ବିଷୟରେ ଉକ୍ତ ଫିଲ୍ମର ପ୍ରଯୋଜକ ଦୀପେନ୍ଦ୍ର ସାମଲ କହନ୍ତି, ''ମୋ ଫିଲ୍ମର ରିଲିଜ ନେଇ ପାନ୍-ଇଣ୍ଡିଆ ଷ୍ଟୁଡିଓ, ପାନୋରମା ଷ୍ଟୁଡିଓ ସହ ଚୁକ୍ତି ସରିଛି। ତିନୋଟି ଭାଷା (ଓଡ଼ିଆ, ହିନ୍ଦୀ ଏବଂ ତେଲୁଗୁ)ରେ ପ୍ରସ୍ତୁତ ଏହି ଫିଲ୍ମଟି ସାରା ଭାରତରେ ୨୦୦ ସ୍କ୍ରିନ୍‌ରେ ରିଲିଜ ହେବ। ଏହାର କାହାଣୀରେ ଭିନ୍ନତା ରହିଛି। ଫିଲ୍ମର ଶୁଟିଂ ସମୟରେ କିପରି କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ୍ ଦିଆଯାଇପାରିବ ସେ ନେଇ ଯଥା ସମ୍ଭବ ଚେଷ୍ଟା କରାଯାଇଛି।'' ଖାସ୍ କଥା ହେଲା ଏଥିରେ ଓଡ଼ିଆ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଯୋଡ଼ି ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀଙ୍କୁ ଦେଖିବାକୁ ମିଳିବ। ଏହାସହ ଦୀପନ୍ୱିତ, ସୂର୍ଯ୍ୟମୟୀ, ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ମଧ୍ୟ ଅଭିନୟ କରିଛନ୍ତି। ଜେପି ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଚିନ୍ମୟ ଦାସ। ଅନୁ ଚୌଧୁରୀ ମଧ୍ୟ ଏହାର ସହ-ପ୍ରଯୋଜନା କରିଛନ୍ତି। ଏହାର ପ୍ରଚାରପ୍ରସାର ସହ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।



'ପରବ' ଫିଲ୍ମ'ର ଏକ ଦୃଶ୍ୟ

# ମୋରମ୍ ଖୋଳି ଆନ୍ଧ୍ରକୁ ଚୋରା ଚାଲାଣ

**ରାୟଗଡ଼ା,୧୧।୧୨ (ଆଶିଷ ରଞ୍ଜନ ପଣ୍ଡା)**

ରାଜସ୍ୱ ବିଭାଗର ଦୃଷ୍ଟି ଆଢୁଆଳରେ ମୋରମ୍ ଖନନକରି ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଚୋରା ଚାଲାଣ ହେଉଥିଲେ ମଧ ରାଜସ୍ୱ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଏହିଭଳି ଦେଖିବାକୁ ମିଳିଛି ରାୟଗଡ଼ା ତହସିଲର ପିତାମହଲ ରାଜସ୍ୱ ସର୍କଲ ଅଧୀନସ୍ଥ କନ୍ଧଖିଲୁମ ମୌଜା ଖାତା ନମ୍ବର ୨୪, ପ୍ଲଟ ନମ୍ବର ୧ ରେ । ଏହା ମୋରମ୍ ଖାଦାନ ନ ଥିବା ଦର୍ଶାଇ ତହସିଲ କର୍ତ୍ତୃପକ୍ଷ ତାହା ଖଣି ବିଭାଗକୁ ହସ୍ତାନ୍ତର କରିନାହାନ୍ତି। ଶ୍ରୀରାମନଗର ଗ୍ରାମ ନିକଟରେ ଥିବା ଏହି ପାହାଡ ମୋରମରେ ଭରପୁର ରହିଛି। ଆଉ ସେହି ପାହାଡ ତଳୁ ଅହରହ ଖନନ କରି ମାଫିଆମାନେ ମୋରମ୍ ଚାଲାଣ କରୁଛନ୍ତି। ପିତାମହଲ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରରେ ଖନନ ହୋଇ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଛି । ହେଲେ ଏହାକୁ ରୋକିବା ପାଇଁ ରାଜସ୍ୱ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ରାୟଗଡା ତହସିଲର ବିଭିନ୍ନ ସ୍ଥାନରେ ଏହିଭଳି ବେଆଇନ କାର୍ଯ୍ୟ ହୋଇଛି। ତହସିଲ କର୍ତ୍ତୃପକ୍ଷ ଏହା ଜାଣି ମଧ ନୀରବଦ୍ରଷ୍ଟା ସାଜିଛନ୍ତି। ଶ୍ରୀରାମନଗର, ତେନ୍ତାଲିଗୁଡା, ଗୋପାଳପୁର ଓ ମାଲିପଡା ଗ୍ରାମବାସୀଙ୍କ ସୂଚନା ଅନୁସାରେ କିଛିଦିନ ହେବ ଏହି ସ୍ଥାନରୁ ବେଆଇନ ଭାବେ ମୋରମ ଖନନକରି



ଟିପ୍ପରରେ ଚାଲାଣ ହେଉଛି । କିନ୍ତୁ ଏହି ପାହାଡ ଲିଜ୍ ଦିଆଯାଇ ନ ଥିବା ଜଣାପଡିଛି। ହେଲେ ମଧ କେତେକ ମାଫିଆ ଏହା ଖନନ କରି ଚାଲାଣ କରୁଛନ୍ତି। ଏହା ବନ୍ଦ କରିବା ପାଇଁ ପୂର୍ବରୁ ଅଭିଯୋଗ ମଧ ହୋଇଛି। କିନ୍ତୁ ତହସିଲ କର୍ତ୍ତୃପକ୍ଷ କର୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି। ପାହାଡ ଧସିବାର ସମ୍ଭାବନା ଥିବା ଗ୍ରାମବାସୀ କହିଛନ୍ତି। ଏହିଭଳି ବେଆଇନ କାର୍ଯ୍ୟ ଦ୍ୱାରା ପାହାଡ଼ ଲୀନ ହେଲେ ଆଗାମୀ ଦିନରେ ଭୁସ୍ଖଳନ ହେବା ସମ୍ଭାବନା ମଧ୍ୟ ରହୁଛି । ଏହି ଗୋଟିଏ ସ୍ଥାନ ନୁହେଁ ପିତାମହଲ ଓ ରାୟଗଡା ରାଜସ୍ୱ ସର୍କଲର ଅନେକ ସ୍ଥାନରୁ ଏହିଭଳି ବେଆଇନ ଭାବେ ମୋରମ୍ ଖନନ କରି ପଡୋଶୀ ଆନ୍ଧ୍ରପ୍ରଦେଶକୁ ଚୋରାଚାଲାଣ ହେଉଥିବା ଜଣାପଡିଛି। ଏନେଇ ରାୟଗଡ଼ା ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପଚାରିବାରୁ ତହସିଲଦାରଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି ।

# କୁଟିଂଗୁଡ଼ା ଜଙ୍ଗଲରେ ଏନ୍‌କାଉଣ୍ଟର ମାମଲାରେ ସବ୍ୟସାଚୀଙ୍କ ବୟାନ ରେକର୍ଡ

**ଗୁଣପୁର,୧୧।୧୨(ପ୍ରଦୀପ କୁମାର ପାଢୀ)**

**ପୂର୍ବରୁ ଏହି ମାମଲାରେ ସବ୍ୟସାଚୀଙ୍କ ସ୍ତ୍ରୀ ମିଲି ପଣ୍ଡା ଖଲାସ ହୋଇଛନ୍ତି**

ରାୟଗଡ଼ା ଜିଲା ଗୁଡାରୀ ଥାନା ଅଧୀନ କୁଟିଂଗୁଡା ଜଙ୍ଗଲରେ ଏନ୍‌କାଉଣ୍ଟର ତଥା ଗୁଳି ବିନିମୟ ଘଟଣାରେ ବୁଧବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ସବ୍‌ଜଜ୍ ସନ୍ତୋଷ କୁମାର ମହାପାତ୍ର ତାଙ୍କର ବୟାନ ରେକର୍ଡ କରିଥିଲେ। ଆସନ୍ତା ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି । ଉକ୍ତ ଦିନ ସେ ତାଙ୍କର ପକ୍ଷ ରଖିବା ସହ ସରକାରୀ ଏବଂ ଅଭିଯୁକ୍ତଙ୍କ ଓକିଲ ମଧ୍ୟରେ ମାମଲାକୁ ନେଇ ବିତର୍କ ହେବ ବୋଲି ସୂଚନା ମିଳିଛି।

ସୂଚନାନୁଯାୟୀ, ୨୦୦୩ ଜାନୁୟାରୀ ୧୫ରେ ଗୁଡାରୀ ଥାନା ଅଧୀନ କୁଟିଂଗୁଡା ଜଙ୍ଗଲରେ ମାଓବାଦୀମାନେ ଗୁପ୍ତ ବୈଠକ କରୁଥିବା ଖବରପାଇ ଗୁଡାରି ପୋଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା। ସେଠାରେ ମାଓବାଦୀ ଏବଂ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ମାମଲାରେ ଅନେକେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଖଲାସ ହୋଇ ସାରିଛନ୍ତି। ସବ୍ୟସାଚୀ ପଣ୍ଡାଙ୍କ ସ୍ତ୍ରୀ ମିଲି ଓରଫ୍ ଶୁଭଶ୍ରୀ ମଧ ନିର୍ଦ୍ଦୋଷରେ ଗତ ୨୦୧୨ ଏପ୍ରିଲ ୧୦ରେ ଖଲାସ ହୋଇଥିଲେ। ମିଲି ପଣ୍ଡାଙ୍କୁ ପୋଲିସ ଖୋର୍ଦ୍ଧା ଫାଷ୍ଟଟ୍ରାକ୍ କୋର୍ଟରୁ ୨୦୧୧ ଅକ୍ଟୋବର ୨୧ରେ ରିମାଣ୍ଡରେ ଆଣି ଗୁଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ସେ ଗୁଣପୁର ଜେଲରେ ରହିଥିଲେ। ପରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ।

# ଆଜି ମୁନିଗୁଡ଼ାରେ ବ୍ଲକସ୍ତରୀୟ ଚଇତି

**ମୁନିଗୁଡା,୧୧।୧୨ (ନନ୍ଦ କିଶୋର ପଟ୍ଟନାୟକ)**

ରାୟଗଡା ଜିଲା ମୁନିଗୁଡ଼ାରେ ଗୁରୁବାର ବ୍ଲକସ୍ତରୀୟ ଚଇତି ଅନୁଷ୍ଠିତ ହେବ। ଗ୍ରାମଦେବୀ ମା' ଠାକୁରାଣୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପରେ କଳସ ଓ ମଶାଲ ଶୋଭାଯାତ୍ରା ବାହାରିବ। ଶୋଭାଯାତ୍ରା କଲେଜସ୍ଥିତ ଚଇତି ମଣ୍ଡପରେ ପହଞ୍ଚିବା ପରେ ସେଠାରେ ସ୍ଥାପନ କରାଯିବ। ପରେ ଏକ ମିନି ମାରାଥନ ବ୍ଲକ ଅଫିସରୁ ହୁକୁମତୋଳା ଶିବ ମନ୍ଦିର ପର୍ଯ୍ୟନ୍ତ ଯିବ। ଦୁଇ ଦିନ ଆଥଲେଟିକ ଓ କ୍ରୀଡ଼ା ପ୍ରତିଯୋଗିତା କରାଯାଉଛି। କ୍ରୀଡ଼ା ଶିକ୍ଷକ ମନୋଜ ପାଢ଼ୀ, ଏସ୍.କେ.ଜାବିର, ସଞ୍ଜୀବ କାଡ୍ରାକା, ଜୀବନଲାଲ ନାୟକ, ହରିହର ପ୍ରଧାନ, ଦେବାଶିଷ ସାହୁ, ମହିଳା କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରଭାତୀ ତୁଙ୍ଗ, ବୁଲି ଭୋଇ, ପୁଷ୍ପା କୁନାକା ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଅତିଥିଭାବେ ବ୍ଲକ ଅଧକ୍ଷା ଦୁଃଖିନୀ ନୁନ୍ଦ୍ରୁକା, ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ସହକାରୀ ଯନ୍ତ୍ରୀ ଏସର୍ଯ୍ୟ ଭଞ୍ଜଦେଓ, ଜଗନ୍ନାଥ ନୁନ୍ଦ୍ରୁକା, ରତନଲାଲ ଜୈନ, ପ୍ରେସ କ୍ଲବ ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷିକେଶ ଜାଲି, ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ ମାଲିକ ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀ, ଆଥଲେଟ୍, କ୍ରୀଡ଼ା ଏବଂ ସାଂସ୍କୃତିକ ଦଳଙ୍କୁ ଅତିଥି ପୁରସ୍କୃତ କରିବେ।

# ଜେକେ କାଗଜ କଳ ପ୍ରତିଷ୍ଠାତାଙ୍କ ୧୪୦ ତମ ଜୟନ୍ତୀ ପାଳନ




ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି । (ଫଟୋ: ଭାଗ୍ୟଶ୍ରୀ ମିଶ୍ର)

**ରାୟଗଡ଼ା,୧୧।୧୨(ଆଶିଷ ରଞ୍ଜନ ପଣ୍ଡା)**

ଜେକେ କାଗଜ କଳ ପ୍ରତିଷ୍ଠାତାଙ୍କ ୧୪୦ ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। କମଳାପତି ସିଂଘାନିଆଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ସନ୍ଦୀପ ପାଣ୍ଡେ, ମହାପ୍ରବନ୍ଧକ (ମାନବ ସମ୍ବଳ ବିକାଶ) ସ୍ୱାଗତ ଭାଷଣ ଦେଇଥିଲେ। ଜେକେ କାଗଜ କଳ ମୁଖ୍ୟ ବିନୟ ଦ୍ୱିବେଦୀ, କାର୍ଯ୍ୟ ନିର୍ବାହୀ ଉପସଭାପତି (କାର୍ମିକ) ସଭାରେ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିଲେ। କାଗଜକଳରୁ ପ୍ରସ୍ତୁତ କାଗଜ ଦେଶ ବିଦେଶରେ ଗ୍ରାହକମାନଙ୍କ ଦ୍ୱାରା ଆଦୃତ ଲାଭ କରିଛି। କମ୍ପାନୀ ଆହୁରି ଅଗ୍ରଗତି କରୁ ବୋଲି ଜିଲାପାଳ ପାରୁଲ ପଟ୍ଟୱାରୀ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ପଦାଧିକାରୀ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକ ପ୍ରତିନିଧିମାନେ ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଯୋଗ ଦେଇଥିଲେ। ନିରନ୍ତର ଭାବେ ୨୫ ବର୍ଷ ପୂର୍ତ୍ତି କରିଥିବା ୩ ଜଣ କର୍ମଚାରୀଙ୍କୁ ରୂପା ଥାଳି ଓ ଉପଢୌକନ ଦେଇ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ସଭାକାର୍ଯ୍ୟ ସମାପନରେ ବିଶ୍ୱଜିତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଏଲ୍‌ପିଏସ୍ ସ୍କୁଲ ଓ ଏଲ୍‌ଏସ୍ ହାଇସ୍କୁଲ୍ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ ମିଲନ ଲେଙ୍କା ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

# ସୁପାରି କିଲର ରାଜେଶ ହତ୍ୟା ମାମଲାରେ ସାକ୍ଷ୍ୟ ଗ୍ରହଣ

**ଗୁଣପୁର,୧୧।୧୨( ପ୍ରଦୀପ କୁମାର ପାଢୀ)**

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ସାମାଜିକ କର୍ମୀ ଗୌରି ମିଶ୍ର ହତ୍ୟାକାଣ୍ଡ ଘଟଣାର ସୁପାରିକିଲର ଭି.ରାଜେଶଙ୍କ ହତ୍ୟା ମାମଲାରେ ସ୍ଥାନୀୟ ଏଡିଜେ କୋର୍ଟରେ ବୁଧବାର ସାକ୍ଷ୍ୟ ଗ୍ରହଣ କରାଯାଇଛି। ଏଡିଜେ ଶେଖ ମହମ୍ମଦ କ୍ୱାଇସି ସରକାରି ସାକ୍ଷୀ ଥିବା ପୋଲିସ କନଷ୍ଟେବଲଙ୍କ ସାକ୍ଷ୍ୟ ଗ୍ରହଣ କରିଛନ୍ତି। ଆସନ୍ତା ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାନୁଯାୟୀ ୨୦୨୩ ମେ ୧୩ ତାରିଖ ରାତିରେ ସାମାଜିକ କର୍ମୀ ଗୌରୀ ମିଶ୍ର ଗୁଣପୁର ବଂଶଧାରା ବ୍ରିଜ ଉପରେ ସାଙ୍ଗମାନଙ୍କ ସହ ଥିବାବେଳେ ୩ ଜଣ ବାଇକରେ ଆସି ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାରେ ସୁପାରି କିଲର ଥିବା ଭି.ରାଜେଶଙ୍କ ମୃତଦେହ ୨୦୨୩ ଜୁନ ୨୯ରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଆନନ୍ଦପୁର ଥାନା ଅଞ୍ଚଳରୁ ମାଟିତଳୁ ମିଳିଥିଲା। ସେ ଗୌରି ମିଶ୍ର ହତ୍ୟାକାଣ୍ଡ ଘଟଣାରେ ଜାଣିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସେତେବେଳେ ସୂଚନା ଦେଇଥିଲା। ରାଜେଶ ହତ୍ୟା ମାମଲାରେ ଅଭିଯୁକ୍ତ ମାନଙ୍କ ପାଇଁ ଓକିଲ ଫଣୀଭୂଷଣ ପଟ୍ଟନାୟକ ଏବଂ ଉମାକାନ୍ତ ମିଶ୍ର ମାମଲା ପରିଚାଳନା କରିଥିଲେ।

# ୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

## ବଜ୍ରକାପ୍ତା ଡିଲ୍ ବେଳେ ବନ ବିଭାଗର ଚଢ଼ାଉ



ଗିରଫ ଅଭିଯୁକ୍ତମାନେ।

**ଗୁଣପୁର,୧୧।୧୨ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଡାରି ବନଖଣ୍ଡ ଅଧୀନ କେନ୍ଦୁଗୁଡା ବଡନାଳ ନିକଟରେ ବଜ୍ରକାପ୍ତା ବିକ୍ରୟ ପାଇଁ ଯୋଜନା ଚାଲୁଥିବା ବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିସମୟରେ ଗୁଡାରି ବନ ବିଭାଗ ୪ ଜଣ ବେପାରୀଙ୍କୁ ଗିରଫ କରି ଗୁଣପୁର କୋର୍ଟ ଚାଲଣ କରିଛି। ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ସୂଚନା ମିଳିଛି। ରାୟଗଡ଼ା ଜିଲା ବନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ କରାଯାଇଥଲା ।

ଗଜପତୀ ଜିଲା ନିଧିଗୁଡ଼ି ଅଞ୍ଚଳରୁ ମୁଖ୍ୟ ଅଭିଯୁକ୍ତ ଜଣକ ବଜ୍ରକାପ୍ତା ଆଣିଥିଲେ। ସେ ତାହାକୁ ୨ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ୪ ଜଣ ବ୍ୟବସାୟୀଙ୍କୁ ଡାକି ବଡ଼ନାଳ ନିକଟରେ ଯୋଜନା କରୁଥିଲେ। ବିଶେଷ ସୁତ୍ରରୁ ବନ ବିଭାଗ ଖବରପାଇ ବାଙ୍ଗି ଛକରୁ ବେପାରିମାନଙ୍କ ପିଛା କରି ସେମାନଙ୍କୁ ଧରିଥିଲା। ମୁଖ୍ୟ ଅଭିଯୁକ୍ତ ଏହି ଖବର ପାଇ ବଜ୍ରକାପ୍ତା ଫେରାର ହୋଇଯାଇଥିଲେ। ମୁଖ୍ୟ ଅଭିଯୁକ୍ତ ଓ ବଜ୍ରକାପ୍ତାକୁ ଧରିବାକୁ ବନବିଭାଗ ଧରପଗଡ଼ ଆରମ୍ଭ କରିଛି।

# ଦୂରଦର୍ଶନ କଣ୍ଠଶିଳ୍ପୀ ଭାବେ ଚନ୍ଦନଙ୍କୁ ସ୍ୱୀକୃତି

**ଗୁଣପୁର,୧୧।୧୨( ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ପ୍ରସିଦ୍ଧ କଣ୍ଠଶିଳ୍ପୀ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଚନ୍ଦନ ଗନ୍ତାୟତ । ଦୂରଦର୍ଶନ କଣ୍ଠଶିଳ୍ପୀ ଭାବେ ଦିଲ୍ଲୀରୁ ସ୍ୱୀକୃତି ଲାଭ କରିଛନ୍ତି। ଆକାଶବାଣୀ ଜୟପୁର କେନ୍ଦ୍ରରେ ଆୟୋଜିତ ଜାତୀୟସ୍ତରୀୟ ଅଡିସନ୍‌ରେ ଭାଗନେଇ ସେ କୃତକାର୍ଯ୍ୟ ହୋଇଛନ୍ତି। ଭଜନ ଓ ସୁଗମ ସଙ୍ଗୀତ ପାଇଁ ପ୍ରସାର ଭାରତୀ ନୂଆଦିଲ୍ଲୀରୁ ସ୍ୱୀକୃତି ପାଇ ଆକାଶବାଣୀ ଏବଂ ଦୂରଦର୍ଶନର ଜଣେ ଗ୍ରେଡ ବି କଣ୍ଠଶିଳ୍ପୀ ଭାବେ ସେ ମାନ୍ୟତା ପାଇଛନ୍ତି। ଏ ସମ୍ପର୍କରେ ତାଙ୍କୁ ପତ୍ରଯୋଗେ ସୂଚନା ଦିଆଯାଇଛି। ପୂର୍ବରୁ ଡା. ଚନ୍ଦନ ୨୦୧୮ରେ ଆକାଶବାଣୀରେ ଲଘୁ ସଙ୍ଗୀତ ଗାଇବାକୁ ପାଞ୍ଚବର୍ଷ ପାଇଁ ଅନୁବନ୍ଧିତ ହୋଇଥିଲେ। ଏହାପରେ ତାଙ୍କୁ ଏବେ ଏଇ ସଫଳତା ମିଳିଛି।



ପୂର୍ବରୁ ଗୁଣପୁର ଅଞ୍ଚଳର କଣ୍ଠଶିଳ୍ପୀ ଭାବେ ସୁରମଣୀ ରଘୁନାଥ ପାଣିଗ୍ରାହୀ ଏହି ସଫଳତା ପାଇଥିଲେ। ଏହାପରେ ଦ୍ୱିତୀୟ କଣ୍ଠଶିଳ୍ପୀ ଭାବେ ଚନ୍ଦନ ଏହି ସଫଳତା ପାଇଥିବାରୁ ସ୍ଥାନୀୟ କଳାକାରଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି ।

ଭେଷଜ ଡାକ୍ତର ଥିବା ଚନ୍ଦନ ପିଲାଟି ଦିନରୁ ସଙ୍ଗୀତ ଗାନ ଉପରେ ରୁଚି ରଖି ତାଙ୍କ ମା' ଅଧ୍ୟାପିକା ସର୍ମିଳା ସାମନ୍ତରାୟ ଓ ଗୁରୁ ରଘୁନାଥ ପାତ୍ରଙ୍କଠାରୁ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ହେଉଥିବା ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ, ଚଇତି ହେଉକି ଗୋପାଳପୁର ବେଳାଭୂମି ମହୋତ୍ସବ, ଗ୍ଲୋଗୀ ଫେଷ୍ଟିଭାଲ, ପୁରୀ ବେଳାଭୂମି ମହୋତ୍ସବ ଆଦି ଖୋଲାମଞ୍ଚରେ ସଙ୍ଗୀତ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି। ଚନ୍ଦନ ଏବେ ଦୁରଦର୍ଶନ ନୂଆଦିଲ୍ଲୀରୁ ସଫଳତା ପାଇବା ପରେ ଗୁଣପୁର ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ, ଉପ ସଭାପତି ଉମା ଦାସ, ସମ୍ପାଦକ ରଞ୍ଜିତ ପାଢୀ, ଚଇତି ପରିଚାଳନା କମିଟି ପକ୍ଷରୁ ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ଉମା ଚରଣ ପଟ୍ଟନାୟକ, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଗୁଣପୁର କଳା ପରିଷଦ ସଭାପତି କୈଳାସ ଦାସ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତ।

# ଆଦିତ୍ୟ ଆଲୁମିନା ପକ୍ଷରୁ ମୋବାଇଲ ସ୍ୱାସ୍ଥ୍ୟସେବା ଆରମ୍ଭ



ଅଧିକାରୀମାନେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ ଶୁଭାରମ୍ଭ କରୁଛନ୍ତି।

**ରାୟଗଡ଼ା,୧୧।୧୨(ଆଶିଷ ରଞ୍ଜନ ପଣ୍ଡା)**

ଆଦିତ୍ୟ ବିର୍ଲା ଗ୍ରୁପ୍ର ଆଦିତ୍ୟ ଆଲୁମିନିୟମ ରିଫାଇନାରୀ ପକ୍ଷରୁ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ ବୁଧବାର ଆରମ୍ଭ ହୋଇଛି। ଚିଫ୍ ହ୍ୟୁମାନ ରିସୋର୍ସ ଅଫିସର ସମିକ ବସୁ, ୟୁନିଟ ମୁଖ୍ୟ ମଜହର ବେଗ୍ ଓ ପ୍ରେସିଡେଣ୍ଟ କ୍ରିଷ୍ଣା ପାଢୀ ପ୍ରମୁଖ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଏମ୍‌ଏଚ୍‌ୟୁ ଭ୍ୟାନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ସୁବିଧାରେ ପହଞ୍ଚାଇବା ନିମନ୍ତେ କମ୍ପାନୀ ପକ୍ଷରୁ ଏହି ସେବା ଶୁଭାରମ୍ଭ କରାଯାଇଛି। ଏମଏଚ୍‌ୟୁ ସେବା ରାୟଗଡ଼ା ଜିଲ୍ଲାର କାଶୀପୁର ଏବଂ କୋରାପୁଟ ଜିଲାର ଲକ୍ଷ୍ମୀପୁର ବ୍ଲକ୍ ୩୬ ଟି ଗ୍ରାମରେ ସ୍ୱାସ୍ଥ୍ୟସେବା ଯୋଗାଇଦେବ। ପୁନରୁତ୍ଥା ଭଲ୍ୟୁଣ୍ଟାରୀ ଅର୍ଗାନାଇଜେସନକୁ ଏହି ପ୍ରକଳ୍ପର ରୂପାୟନ ସହଭାଗୀ ଭାବରେ ଦାୟିତ୍ୱ ଦିଆଯାଇଛି। ଏହା ଚିକିତ୍ସା ପରାମର୍ଶ, ମାଗଣା ଔଷଧ ଯୋଗାଇବ। ଡାକ୍ତର, ଫାର୍ମାସିଷ୍ଟ ଔଷଧରେ ସଜ୍ଜିତ ଭ୍ୟାନ୍ ଜରିଆରେ ପ୍ରତ୍ୟେକ ଗ୍ରାମରେ ପହଞ୍ଚିବ ବୋଲି ସୂଚନା ଦିଆଯାଇଛି।

# ଗାଁ ଗାଁ ବୁଲି ସଚେତନ କରିବ ମାଣ୍ଡିଆ ରଥ

**ଗୁଣପୁର,୧୧।୧୨ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମାଣ୍ଡିଆ ରଥ ଶୁଭାରମ୍ଭ କରାଯାଇଛି। ଉପଜିଲାପାଳ କିରନ ଦୀପ କୌର ସହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ମାଣ୍ଡିଆ ରଥର ଶୁଭାରମ୍ଭ କରିଥିଲେ। ଶ୍ରୀ ଅନ୍ନ ଯୋଜନାରେ ମାଣ୍ଡିଆକୁ ସାମିଲ କରାଯାଇଥିବାବେଳେ ଏହାର ସଫଳ ଫାଇଦା କିପରି ଚାଷୀ ପାଇବେ ତାହାର ପ୍ରଚାର ଏବଂ ପ୍ରସାର ପାଇଁ ଏହି ରଥ ଗାଁଗୁଡିକରେ ବୁଲିବ। ରଥ ମାଣ୍ଡିଆ କ୍ରୟ , ବିକ୍ରୟ, ଉପାଦେୟ, ବଜାର ସୁବିଧା ଉପରେ ଲୋକଙ୍କୁ ସଚେତନ କରିବ। ବର୍ତ୍ତମାନ ଗୁଣପୁରର ବିକ୍ରମପୁର ଏବଂ ଜଲତାରରେ ୨ଟି ମଣ୍ଡି ଖୋଲାଯାଇଛି। ଏଠାକୁ ଚାଷି ମାଣ୍ଡିଆ ଆଣି ବିକ୍ରୟ କରିବା ସହ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିବେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଗୋଷ୍ଠୀ କୃଷି ଅଧିକାରୀ ସୁଜାତା ନିଶଙ୍କ,ସହକାରୀ କୃଷି ଅଧିକାରୀ ଅଶ୍ୱିନୀ ସିଂ, ଓଡ଼ିଶା ମିଲେଟ ମିଶନର ପି.ବେଣୁ ଗୋପାଳ ପ୍ରମୁଖ ରଥ ଉଦ୍‌ଘାଟନ ସମୟରେ ଉପସ୍ଥିତ ଥିଲେ।




ମାଣ୍ଡିଆ ସଚେତନତା ରଥର ଶୁଭାରମ୍ଭ କରାଯାଇଛି।

# ଅଧିକାର ସାବ୍ୟସ୍ତ ପାଇଁ ଦିବ୍ୟାଙ୍ଗଙ୍କ ଅନଶନ

## ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ରାୟଗଡ଼ା,୧୧।୧୨(ଆଶିଷ ରଞ୍ଜନ ପଣ୍ଡା)**

ଭିନ୍ନକ୍ଷମଙ୍କୁ ଅଣଦେଖା ଓ ସେମାନଙ୍କ ମୌଳିକ ଅଧିକାର ଦାବିରେ ଓଡ଼ିଶା ରାୟଗଡ଼ା ଶାଖା ବିକଳାଙ୍ଗ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ତେବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ସେମାନଙ୍କୁ ଭେଟି ଦାବିପତ୍ର ଗ୍ରହଣ କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଅନଶନରୁ ହଟିଥିଲେ ଦିବ୍ୟାଙ୍ଗମାନେ । ଉକ୍ତ ଦାବିପତ୍ରରେ ଜିଲାରେ ୩ ଲେଖାଏ କଳ କାରଖାନା ଥିଲେ ମଧ ସେମାନଙ୍କୁ ସ୍କୁଟି ନ ମିଳିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦିବ୍ୟାଙ୍ଗଙ୍କୁ ଅର୍ନ୍ତଭୁକ୍ତ କରିବା, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ୩ବର୍ଷ ଓ ତା'ଠାରୁ ଅଧିକ ସମୟରେ ଜିଲାରେ ରହିଥିବା ସରକାରୀ କର୍ମଚାରୀଙ୍କୁ



ଅନଶନରେ ବସିଥିବା ଦିବ୍ୟାଙ୍ଗମାନେ ।

ବଦଳି କରିବା, ଜିଲାରେ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ଜିଲାସ୍ତରରେ ପାଳନ କରା ନ ଯିବା, ଭିନ୍ନକ୍ଷମ ଅଧିକାର ୨୦୧୬ ଆଇନ ଅନୁଯାୟୀ ବିଭିନ୍ନ କମିଟିରେ ଭିନ୍ନକ୍ଷମଙ୍କୁ ସାମିଲ କରା ନ ଯିବା, ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର କେବଳ କାଗଜକଲମରେ ସୀମିତ ରହିବା, ଦିବ୍ୟାଙ୍ଗମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେବା, ଜିଲାରେ ଖାଲିଥିବା ସରକାରୀ ଓ ବେସରକାରୀ ପଦବୀରେ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଭିନ୍ନକ୍ଷମଙ୍କୁ ନିଯୁକ୍ତି ପ୍ରଦାନ କରିବା, ଜିଲାପାଳଙ୍କ କାର୍ଯ୍ୟାଳୟରେ ସେମାନଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥା କରିବା ଏବଂ ଭିନ୍ନକ୍ଷମଙ୍କୁ ବସୁନ୍ଧରା ଯୋଜନାରେ ସାମିଲକରି ଭୂମିହୀନଙ୍କୁ ଜମି ପ୍ରଦାନ ପାଇଁ ଉଲ୍ଲେଖ ରହିଛି। ଯଦି ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନିଏ ତେବେ ଆଗାମୀ ଦିନରେ ରାୟଗଡ଼ା ବିକଳାଙ୍ଗ ମଞ୍ଚ ପୁଣି ଥରେ ଶାନ୍ତିପୂର୍ଣ୍ଣ ଅନଶନରେ ବସିବ ବୋଲି କର୍ମକର୍ତ୍ତା କହିଛନ୍ତି ।

# ଚାଷୀଙ୍କୁ ବିହନ, ରିହାତି ଦରରେ କୃଷି ଯନ୍ତ୍ରପାତି

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ


ଜିଲାପାଳ ଜଣେ ମହିଳା ଚାଷୀଙ୍କୁ ବିହନ ବଣ୍ଟନ କରୁଛନ୍ତି।

ନବରଙ୍ଗପୁର,୧୧।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୋଲିସ ପଡ଼ିଆରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହା ୫ ଦିନ ଧରି ଚାଲିବ। ଉଦ୍‌ଘାଟନୀ ଦିବସରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି, ଜିଲା ମୁଖ୍ୟ କୃଷି ଅଧିକାରୀ ପି.ଭି. ରମଣ, ଏଡିଏଓ(ପାପଡାହାଣ୍ଡି) ବିଶ୍ୱଜିତ ସାହୁ, ଏଡିଏଓ (ନବରଙ୍ଗପୁର) ଅନିଲ ପ୍ରହରାଜ, ସହକାରୀ ଯନ୍ତ୍ରୀ(କୃଷି ବିଭାଗ) ଗୌରହରି ସାହୁ, ଯୋଜନା ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ ପ୍ରମୁଖ ଅନ୍ୟତମ ଅତିଥିଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଚାଷୀଙ୍କୁ ସାର୍ଟିଫାଏଡ୍ ମୁଗ ଓ ବୁଟ ବିହନ ବଣ୍ଟନ କରିଥିଲେ। ୩ ଜଣ ଚାଷୀଙ୍କୁ ରିହାତି ଦରରେ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା। କୃଷି ବିଭାଗର ୩୦ ଜଣ ଛାତ୍ରୀଛାତ୍ର ୩ ମାସ ଧରି ନବରଙ୍ଗପୁର ଜିଲାର ବିଭିନ୍ନ ଗାଁ ବୁଲି ଚାଷୀଙ୍କୁ ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ବୁଝାଇଥିଲେ। ସେମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ମେଳାରେ ୫୪ ଷ୍ଟଲ ଥିଲା। ସେଥିମଧ୍ୟରୁ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ଓ ଜଳ ବିଭାଜିକା, ମିଶନ ଶକ୍ତିର ୧୯ ଓ ୩୫ଟି ବ୍ୟବସାୟିକ ଓ କୃଷି ଯନ୍ତ୍ରପାତି ଷ୍ଟଲ ରହିଥିଲା। ଚାଷୀମାନଙ୍କୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯିବ। ଏଥିପାଇଁ ଉକ୍ତ ମେଳାରେ କୃଷି ଯନ୍ତ୍ରପାତି ଉତ୍ପାଦନକାରୀ, ବିତରକ, ଋଣ ପ୍ରଦାନ କରିସଂସ୍ଥା ଓ ବିଭାଗୀୟ କର୍ମଚାରୀଙ୍କ ସମନ୍ୱୟରେ ଚାଷୀଙ୍କୁ ଯନ୍ତ୍ରପାତି ଆବଶ୍ୟକତା ଓ ବ୍ୟବହାର, ରକ୍ଷଣାବେକ୍ଷଣ, ସରକାରୀ ରିହାତି ସମ୍ପର୍କରେ ତାଲିମ ଦେଇ ସଚେତନ କରାଯିବ। ଏହି ଅବସରରେ ସ୍ଥାନୀୟ ଚମ୍ପୁଡ଼ିଆଗୁଡ଼ାରୁ ପୋଲିସ ପଡ଼ିଆ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷି ଯନ୍ତ୍ରପାତି ସମେତ କୃଷକମାନେ ସାମିଲ ଥିଲେ।

# ମଣ୍ଡେଇ ମଞ୍ଚରେ ବିଶିଷ୍ଟ ବ୍ୟକ୍ତି, ସଙ୍ଗଠନ ସମ୍ମାନିତ

ନବରଙ୍ଗପୁର,୧୧।୧୨(ସଦାଶିବ ପ୍ରହରାଜ)

ମଣ୍ଡେଇ ମହୋତ୍ସବ ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିଲାର ବିଶିଷ୍ଟ ବ୍ୟକ୍ତି, ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି। ଶେଷ ଦିନରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲାବାସୀ, ଲୋକ ପ୍ରତିନିଧି, ବିଭାଗୀୟ ଅଧିକାରୀ, ବିଭିନ୍ନ କମିଟିର ସଦସ୍ୟ, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, ଖବରଦାତା, ଉଦ୍‌ଘୋଷକଙ୍କ ସହଯୋଗରେ ମଣ୍ଡେଇ ସଫଳତାର ସହ ଶେଷ ହୋଇ କହି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଡିଆଇପିଆର୍‌ଓ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ନବୀନ ଚନ୍ଦ୍ର ନାୟକ, ସିଡିଓ, ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ଥିଲେ। ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ସଫଳତାର ସହ ବ୍ଲକ୍‌ସ୍ତରୀୟ ମଣ୍ଡେଇ ସମାପନ କରିଥିବାରୁ ସମସ୍ତ ବ୍ଲକ୍ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବିଡିଓଙ୍କୁ ସମ୍ମାନିତ କରାଯାଇଛି। ସେହିଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶଙ୍କର ପଟ୍ଟନାୟକ, ସରିତା ଗରଡ଼ା, ପ୍ରାର୍ଥନା ମିଶ୍ର, ବାସନ୍ତୀ, ସାହିଲ ବାଗ, କାମାକ୍ଷା ତ୍ରିପାଠୀ, ସାବିତ୍ରୀ ପାଲକାଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଛି। ଲୋକଗୀତ, ରିଲ୍ସ, ୱାଲ୍ ପେଣ୍ଟିଂ, ଚିତ୍ରାଙ୍କନ,ମେହେନ୍ଦି, ପାରମ୍ପରିକ ବେଶଭୂଷା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ରନର୍ସ ଅପ୍ ହୋଇଥିବା ନବରଙ୍ଗପୁର ବାଳିକା ଟିମ୍, ୧୪ ବର୍ଷରୁ କମ୍ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାର ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରାଯାଇଛି। ଜାତୀୟସ୍ତରୀୟ ସ୍କୁଲ ଆଥେଲେଟିକ୍ସ ଚାମ୍ପିୟନସିପ ୧୭ ବର୍ଷରୁ କମ୍ ପ୍ରତିଯୋଗିତାର ପୋଲ୍‌ଭୋଲଟ ଇଭେଣ୍ଟରେ ବ୍ରୋଞ୍ଜ ହାସଲ କରିଥିବା ତେନ୍ତୁଲିଖୁଣ୍ଟି ବ୍ଲକ ଚରାମୁଳା ଗ୍ରାମର ଏଲ୍ ସ୍ନିଗ୍ଧାଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରୀୟ ଟାଏକୋଣ୍ଡୋରେ ତେଜସ୍ୱିନୀ ପୂଜାରୀ, ୬୦୦ ମିଟର ରନିଂରେ ବୈକୁଣ୍ଠ ଭତ୍ରା, ରୀତା ମାଝୀ, ଡିସ୍କସ୍ ଥ୍ରୋରେ ଜିନା ମୁଦୁଲି, କାର୍ତ୍ତିକ ଭତ୍ରା ଓ ୧୮ ଜଣ ଆଦିବାସୀ କଳାକାର ନୃତ୍ୟ ଗୁରୁ, ସଂଗୀତ ଗୁରୁ, ନାଟ୍ୟ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଗ୍ନିଶମ, ପୋଲିସ, ସ୍ୱାସ୍ଥ୍ୟ, ଆଇଟିଡିଏ,ମ୍ୟୁନିସିପାଲିଟି ନବରଙ୍ଗପୁର ଓ ଉମରକୋଟକୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଦର୍ଶନୀ ଷ୍ଟଲ୍‌ରେ ଉଦ୍ୟାନ ଓ ବନ ବିଭାଗ ଯୁଗ୍ମ ଭାବେ ପ୍ରଥମ, ଜଳ ବିଭାଜିକା ଦ୍ୱିତୀୟ ଏବଂ ଆଇଟିଡିଏ ତୃତୀୟଭାବେ ପୁରସ୍କୃତ କରାଯାଇଛି। ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ଧନ୍ୟବାଦ ଦେଇଥିଲେ।

# ବସନ୍ତ ଚଣ୍ଡାଳ ପ୍ରଥମ

କୋଷାଗୁମୁଡ଼ା, ୧୧।୧୨(ପ୍ରସାଦ ବିଷୋୟୀ)

ଜିଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ କୋଷାଗୁମୁଡ଼ା ବ୍ଲକ ମାଝିଧମୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବସନ୍ତ ଚଣ୍ଡାଳ ପ୍ରଥମ ହୋଇଛନ୍ତି। ସେ କୃଷି ଉପକରଣ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶାଳ ତାଙ୍କୁ ସହଯୋଗ କରିଥିଲେ। ବସନ୍ତଙ୍କ ଏହି ସଫଳତା ପରେ କୋଷାଗୁମୁଡ଼ା ବିଇଓ ପ୍ରିୟା ନାୟକ, ମାଝିଧମୁଆ ସରପଞ୍ଚ ଦୟାରାମ ପୂଜାରୀ, ମୋ ବିଦ୍ୟାଳୟର ସଭାପତି ଦିନେଶ ପନକା, ଏସ୍‌ଏମ୍‌ସି ସଭାପତି ଲକମୁ ହଲବା, ମିତାଲି ମଧୁସ୍ମିତ ସାହୁ, ପ୍ରସନ୍ନଜିତ୍ ମାଝୀ, ରବୀନ୍ଦ୍ର କୁମାର ପଟ୍ଟନାୟକ, ବିଶ୍ୱନାଥ ସ୍ୱାଇଁ, ଜୟରାମ କର, ସୁଦାମ ସେଠୀ, ରତ୍ନଜୟ କୁମାର ରାମ, ଅନ୍ନପୂର୍ଣ୍ଣା ମିର୍ଗାନ, ତ୍ରିଲୋଚନ ପ୍ରଧାନ, ସନ୍ତୋଷ କୁମାର କାଣ୍ଡି , ତାରିଣୀ ଚରଣ ମାଝୀ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।


ଅତିଥିମାନେ ବସନ୍ତଙ୍କୁ ପୁରସ୍କୃତ କରୁଛନ୍ତି।

# ରାଜ୍ୟସ୍ତରରେ ପ୍ରକଳ୍ପ ପ୍ରଦର୍ଶନ କରିବେ ୭ ଶିଶୁ ବୈଜ୍ଞାନିକ

## ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

ନବରଙ୍ଗପୁର,୧୧।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମ୍ୟୁନିସିପାଲ ହାଇସ୍କୁଲରେ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଠାରେ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡିଇଓ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ସମାରୋହରେ ଏଡିଇଓ ଡକ୍ଟର ରେଶମ ଲାଲ ନାୟକ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ନବରଙ୍ଗପୁର ବିଇଓ ରମେଶ ରାୟ, ଜିଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ମୀନା ବାଘ ପ୍ରମୁଖ ମଞ୍ଚାସୀନ ଥିଲେ। ବର୍ତ୍ତମାନ ସମୟରେ ବିଜ୍ଞାନର ଉପକାରିତା ଓ କାର୍ଯ୍ୟକାରିତା ସମ୍ପର୍କରେ ଅତିଥିମାନେ ଶିଶୁ ବୈଜ୍ଞାନିକମାନଙ୍କୁ ପରାମର୍ଶ ଦେଇଥିଲେ। ନିଜର ବୈଜ୍ଞାନିକ ଚିନ୍ତାଧାରାକୁ ଉନ୍ନତ କରିବା, ଅନ୍ୟଠୁ ସବୁବେଳେ ଶିକ୍ଷା ଗ୍ରହଣ କରିବାରେ ସଙ୍କୋଚ ନ କରିବା,ଗୁରୁଜନଙ୍କୁ ସମ୍ମାନ କରିବାକୁ କୁହାଯାଇଛି। ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ ସହ ଯୁଗ ସହ ତାଳ ମିଶାଇ ଚାଲିବାକୁ ଡିଇଓ ପରାମର୍ଶ ଦେଇଥିଲେ।

ଉଦ୍‌ଯାପନୀ ଦିବସରେ ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ମୁଖ୍ୟ ଅତିଥି, ବରେଣ୍ୟ ଅତିଥିଭାବେ ଏଡିଇଓ ଡକ୍ଟର ରେଶମ ଲାଲ ନାୟକ, ନବରଙ୍ଗପୁର ବିଇଓ ରମେଶ ଚନ୍ଦ୍ର ରାୟ, ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାର, ରାଇଘର ବିଇଓ ପୁରସ୍ତମ ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ ମୀନା ବାଘ, ଜିଲା ଶାରୀରିକ କ୍ରୀଡ଼ା ଅଧିକାରୀ ପ୍ରଭାତ ପଟ୍ଟନାୟକ, ଜିଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ବସନ୍ତ ଚଣ୍ଡଲ, ନରସିଂହ ନାଥ ମାଳି, ମମତା ଭତରା, ତୁଳସୀ ହରିଜନ, ସସ୍ମିତା ଜାନି, ସ୍ୱୟଂପ୍ରଭା ପଣ୍ଡା ଓ ବାସନ୍ତୀ ହରିଜନଙ୍କ ପ୍ରକଳ୍ପ ମନୋନୀତ ହୋଇଛି।


ଅତିଥିମାନେ ପିଲାମାନଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ବିନା କଟନିଛଟନିରେ ଧାନ ବିକିପାରିବେ ଚାଷୀ

## କଂଗ୍ରା, ପୂଜାରିଗୁଡାରେ ଧାନ ମଣ୍ଡି ଶୁଭାରମ୍ଭ

ତେନ୍ତୁଲିଖୁଣ୍ଟି, ୧୧।୧୨ (ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକର ଅଞ୍ଚଳଗୁମ୍ମା ଲ୍ୟାମ୍ପ୍ସ ପକ୍ଷରୁ ଏମ୍‌ଡି ସୁଶୀଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ କଂଗ୍ରାଠାରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଞ୍ଚଳଗୁମ୍ମା ଲ୍ୟାମ୍ପ୍ସ ସଭାପତି ଦିଲୀପ ପ୍ରଧାନୀ, ବ୍ଲକ ଚେୟାରମ୍ୟାନ ନିଲେନ୍ଦ୍ରୀ ନାୟକ, ଜିଲା ପରିଷଦ ସଦସ୍ୟା କୃଷ୍ଣାମଞ୍ଜରୀ ବିଷୋୟୀ, କୃଷି ଓଭରସିୟର ଧୀରେନ ବେନ୍ୟା, ରାଜସ୍ୱ ନିରୀକ୍ଷକ ମାନସୀ ରଶ୍ମିରାଣୀ ଅଦୁ ଉପସ୍ଥିତ ଥିଲେ। ଏହି ଲ୍ୟାମ୍ପ୍ସ ଅଧୀନରେ ୧୩୬୫ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ସମସ୍ତ ଚାଷୀ ଏଫ୍‌ଏକ୍ୟୁ ମାନର ଧାନ ଆଣିବାକୁ ଲ୍ୟାମ୍ପ୍ସ ସଭାପତି କହିଥିଲେ। ଏଥର କଟ୍‌ନିଛଟନି କିମ୍ବା ଚାଷୀଙ୍କୁ ହଇରାଣ କରାଯିବ ନାହିଁ ବୋଲି ଅଞ୍ଚଳଗୁମ୍ମା ଭାଜପା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ କହିଥିଲେ। ଏହି ସମୟରେ ଚାଷୀ ରମାପତି ବିଷୋୟୀ, ଧର୍ମେନ୍ଦ୍ର ବିଷୋୟୀ, ଗୋଲକ ନାୟକ, ବସନ୍ତ ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

ତେନ୍ତୁଲିଖୁଣ୍ଟି ଲ୍ୟାମ୍ପ ଅଧୀନ ପୂଜାରିଗୁଡ଼ାରେ ଏମ୍‌ଡି ନରେଶ ଦାସଙ୍କ ସଭାପତିତ୍ୱରେ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯାଇଛି। ତେନ୍ତୁଲିଖୁଣ୍ଟି ତହସିଲଦାର ରାଜକିଶୋର ପଟ୍ଟନାୟକ, ଭାଇସ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ, ଲ୍ୟାମ୍ପ୍ସ ସଭାପତି ଅଖିଳ ଭତରା, ବିଧାୟକଙ୍କ ମଣ୍ଡି ପ୍ରତିନିଧି ଧରଣୀଧର ସିଂ, ବରିଷ୍ଠ ଚାଷୀ କିଶୋର ସିଂହ, ବସନ୍ତ ପାଣିଗ୍ରାହୀ, ସରପଞ୍ଚ ଅନାଦି ନାୟକ, ସମିତି ସଭ୍ୟା ବିନୋଦିନୀ ସିଂ ଉପସ୍ଥିତ ଥିଲେ। ଧାନର ଏମ୍‌ଏସ୍‌ପି ବୃଦ୍ଧି କରାଯାଇଥିବାରୁ ଚାଷୀ ଭୀମସେନ ପାଣିଗ୍ରାହୀ ଓ ଅନ୍ୟମାନେ ଖୁସିବ୍ୟକ୍ତ କରିଥିଲେ।



# ଭାଲୁ ଆକ୍ରମଣରେ ଜଣେ ମୃତ

ଡାବୁଗାଁ, ୧୧।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ଗ୍ରାମରେ ଭାଲୁ ଆକ୍ରମଣରେ ବୁଧବାର ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଡାବୁଗାଁ ବ୍ଲକ ଅଧୀନ ମେଦନା ଗ୍ରାମର ବନମାଳୀ ମାଝି (୫୪)। ସୂଚନାନୁଯାୟୀ ବନମାଳୀ ଭୋର ୫ଟାରେ ଗାଁ ପାଖ ଜମିକୁ ଶୌଚ ହେବାକୁ ଯାଇଥିଲେ। ସେହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଗ୍ରାମର ମନସିଂ ମାଝି, ଯୁଧିଷ୍ଠିର ମାଝି ଓ ଲକି ମାଝି ଉକ୍ତ ସ୍ଥାନକୁ ଯାଉଥିବାବେଳେ ଏହା ଦେଖି ସେମାନେ ଅନ୍ୟମାନଙ୍କୁ ଡାକିଥିଲେ। ଗ୍ରାମବାସୀ ଭାଲୁଟିକୁ ଗୋଡ଼ାଇଥିଲେ। ଭାଲୁଟି ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା। ସମସ୍ତେ ବନମାଳୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସାନ ଭାଇ ହିରଣ୍ୟ ମାଝି ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଥାନା ଏଏସ୍‌ଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଡାବୁଗାଁ ଥାନା କେସ ନଂ ୩୬/୨୪ରେ ପୋଲିସ ଏକ ମାମଲା ରୁଜୁ କରିଛି।

# ପଲ୍ଲିଶ୍ରୀ ମେଳାରେ ୬ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ

ନବରଙ୍ଗପୁର,୧୧।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଅବସରରେ ଅନୁଷ୍ଠିତ ୫ ଦିନିଆ ପଲ୍ଲିଶ୍ରୀ ମେଳା ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ୫ ଦିନରେ ୬ କୋଟି ୧୯ ଲକ୍ଷ ୫୬ ହଜାର ଟଙ୍କାର ବ୍ୟବସାୟ ହୋଇଛି। ହସ୍ତଶିଳ୍ପ ୧ କୋଟି ୮ଲକ୍ଷ ୨୮ ହଜାର ୫ ଶହ ଟଙ୍କାର ବ୍ୟବସାୟ ହୋଇଛି। ସେହିଭଳି ହସ୍ତତନ୍ତ ୧ କୋଟି ୪୬ ଲକ୍ଷ ୩୫ ହଜାର ଟଙ୍କା, ମସଲା ୫୩ ଲକ୍ଷ ୨୪ ହଜାର ଟଙ୍କା, ଅନ୍ୟାନ୍ୟ ୧ କୋଟି ୨୭ ଲକ୍ଷ ୩୧ ହଜାର ଟଙ୍କା, ଖାଦ୍ୟ ୧ କୋଟି ୮୪ ଲକ୍ଷ ୩୮ ହଜାର ଟଙ୍କାର ବ୍ୟବସାୟ ହୋଇଛି। ତେବେ ପଡ଼ିଆରେ ମୋଟ ୩୬୨ଷ୍ଟଲ ରହିଥିଲା। ସେଥି ମଧ୍ୟରୁ ସରକାରୀ ୯୨, ପଲ୍ଲିଶ୍ରୀ ମେଳା ୧୧୬, ବ୍ୟବସାୟିକ ୧୩୪, ଅନ୍ୟାନ୍ୟ ସେବା ଷ୍ଟଲ୍ ୨୦ଟି ରହିଥିଲା ବୋଲି ଓର୍‌ମାସର ଉପ କାର୍ଯ୍ୟନିର୍ବାହୀ ଏ. ଉମାମହେଶ ସୂଚନା ଦେଇଛନ୍ତି।

# ମାନବିକ ଅଧିକାର ସୁରକ୍ଷା ଆଲୋଚନା ଚକ୍ର

ଜୟପୁର,୧୧।୧୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମାନବିକ ଅଧିକାର ସୁରକ୍ଷା ନେଇ ଏକଦିବସୀୟ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ସୀମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ କାହ୍ନୁଚରଣ ବରାଡ,ରାଜେନ୍ଦ୍ର ରଣା,ଅଧ୍ୟାପିକା ଗାୟତ୍ରୀ ମହାପାତ୍ର,ରିଙ୍କି ନାୟକ ଓ ରୂପାଲି ନାଗ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ଇତିହାସରେ ମାନବିକ ଅଧିକାରର ଉତ୍ପତ୍ତି, ଏହାର ପୃଷ୍ଠଭୂମି ଓ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ପାଶ୍ଚାତ୍ତ ଓ ପୂର୍ବ ରାଜନୈତିକ ପରମ୍ପରାରେ ମାନବିକ ଅଧିକାରର ମୂଲ୍ୟବୋଧ,ଭାରତୀୟ ସମ୍ବିଧାନରେ ଏହାର ପ୍ରାସଙ୍ଗିକତା ସହ ନାରୀ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମାନବିକ ଅଧିକାର ସୁରକ୍ଷା,ବିକାଶର ପ୍ରତିଶ୍ରୁତି, ବିସ୍ଥାପନ ଉପରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ସ୍ୱରଚିତ କବିତା ପାଠ ସହ ୧୧ ସନ୍ଦର୍ଭ ଉପରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ରାଜନୀତି ବିଭାଗ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ସୁପି ଖେମୁଣ୍ଡୁ ପରିଚାଳନା କରିଥିଲେ। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ।

# କାଲିମେଳା ସତ୍‌ସଙ୍ଗ କେନ୍ଦ୍ରକୁ ଅବିନେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କ ଶୁଭାଗମନ

କାଲିମେଳା,୧୧।୧୨(ଜୀବନକୃଷ୍ଣ ଦାସ)

କାଲିମେଳା ବ୍ଲକ୍ ସଦର ହାଟପଦା ସତ୍‌ସଙ୍ଗ କେନ୍ଦ୍ରକୁ ଝାଡ଼ଖଣ୍ଡ ଦେଓଘରସ୍ଥିତ ସତ୍‌ସଙ୍ଗ ଆଶ୍ରମରୁ ଆଚାର୍ଯ୍ୟ ଦେବଙ୍କ ଜ୍ୟେଷ୍ଠପୁତ୍ର ଅବିନେନ୍ଦ୍ରନାଥ ଚକ୍ରବର୍ତ୍ତୀ (ଅବୀନ ଦା) ବୁଧବାର ଶୁଭାଗମନ କରି ଉଦ୍‌ବୋଧନ ଦେଇଥିଲେ। ସକାଳ ୯ ଟାରେ ସତ୍‌ସଙ୍ଗ କେନ୍ଦ୍ର ନିକଟରେ ପହଞ୍ଚିବା ପରେ ତାଙ୍କୁ କେନ୍ଦ୍ର ତରଫରୁ ସହସ୍ରାଧିକ ଭକ୍ତଙ୍କ ଉପସ୍ଥିତିରେ ଶଙ୍ଖ ହୁଳହୁଳି ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ କେନ୍ଦ୍ରକୁ ପାଛୋଟି ଆଣିଥିଲେ। ତାଙ୍କ ସହ ଓଡ଼ିଶା ଓ ଦେଓଘର ପ୍ରାନ୍ତରୁ ତାଙ୍କର ବହୁ ବରିଷ୍ଠ କର୍ମୀ ଯୋଗଦାନ କରିଥିଲେ। ପରେ ସତ୍‌ସଙ୍ଗ କେନ୍ଦ୍ରରେ ଉପସ୍ଥିତ ହୋଇଥିବା ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ ।

# ଜିଏସ୍‌ଟି ସର୍ବକ୍ଷମା ଯୋଜନା ସମ୍ପର୍କିତ କର୍ମଶାଳା

ଜୟପୁର,୧୧।୧୨(ପବନ ପାଣିଗ୍ରାହୀ)

ଜୟପୁର ଏକ ହୋଟେଲ ପରିସରରେ ଜିଏସ୍‌ଟି ସର୍ବକ୍ଷମା ଯୋଜନା ସମ୍ପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଡିସିସିଟି ଦେବାଶିଷ ମଲ୍ଲିକ, ଏସିସିଟି ସ୍ୱାଗତିକା ପଣ୍ଡା, ଅସୀମା ପାଢି ଓ ବିଜୟ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ଟିକସଦାତାମାନଙ୍କୁ ଟିକସ ନିୟମ ଅନୁସରଣ କରିବାକୁ ଉତ୍ସାହିତ କରିବା ସହ ସାମଗ୍ରିକ ଟିକସ ଅନୁପାଳନ ବୃଦ୍ଧି କରିବାରେ ସାହାର୍ଯ୍ୟ କରିବ। ଏହା ସରକାରଙ୍କ ପାଇଁ ଏକ ସ୍ଥିର ଏବଂ ପୂର୍ବାନୁମାନଯୋଗ୍ୟ ରାଜସ୍ୱ ପ୍ରବାହରେ ସହାୟକ ହୋଇଥାଏ। ବିଳମ୍ବ ଶୁଳ୍କ ସହିତ ସଂଘର୍ଷ କରୁଥିବା ଟିକସଦାତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରେ ବୋଲି ଆଲୋଚନା ହୋଇଥିଲା। ବ୍ୟବସାୟରେ ସଞ୍ଚୟ ହୋଇଥିବା ଅର୍ଥକୁ ସେମାନେ ପୁନଃ ନିବେଶ କରିପାରିବେ। ଯାହା ବିସ୍ତାର ଓ କାର୍ଯ୍ୟକ୍ଷମ ବୃଦ୍ଧିରେ ସାହାର୍ଯ୍ୟ କରିବ। ପଞ୍ଜୀକରଣ ବାତିଲ ହୋଇଥିବା ବ୍ୟବସାୟୀ ଯୋଜନା ଅଧିନରେ ପୁନଃ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। ଟିକସଦାତାଙ୍କୁ ଧାରା ୭୩ ଅଧିନରେ ଜାରି ହୋଇଥିବା ନୋଟିସ, କେବଳ ତୃଟିପୂର୍ଣ୍ଣ ଅର୍ଥ ଫେରସ୍ତ ମାମଲାଗୁଡିକୁ ଛାଡିଦେଲେ, ଉକ୍ତ ଧାରା ଅନ୍ତର୍ଗତ ଜାରି ହୋଇଥିବା ସମସ୍ତ ନୋଟିସ ଓ ଆଦେଶନାମାଗୁଡିକୁ ଛାଡ କରାଯାଇପାରିବ ବୋଲି କୁହାଯାଇଥିଲା। କର୍ମଶାଳାରେ ଜୟପୁର ସହରର ଟ୍ୟାକ୍ସ ପ୍ରାକ୍ଟିସନର, ଓକିଲ ଓ ବ୍ୟବସାୟୀମାନେ ଉପସ୍ଥିତ ଥିଲେ।

# ୧୪ ଦୋକାନୀଙ୍କୁ ନୂତନ ବସ୍‌ଷ୍ଟାଣ୍ଡରେ ଷ୍ଟଲ ଦେବାକୁ ଦାବି

ଜୟପୁର, ୧୧।୧୨(ପବନ ପାଣିଗ୍ରାହୀ)

ଜୟପୁର ପୁରୁଣା ସରକାରୀ ବସଷ୍ଟାଣ୍ଡରେ ଥିବା ୧୪ଟି ଦୋକାନୀଙ୍କୁ ନୂତନ ବସଷ୍ଟାଣ୍ଡରେ ଷ୍ଟଲ ଦେବକୁ ଦାବି କରାଯାଇଛି। ଦୋକାନୀମାନେ ଜୟପୁର ଉପଜିଲାପାଳ ଆକାବରମ ସସ୍ୟା ରେଡ୍ଡୀଙ୍କୁ ଭେଟି ନିଜ ଦାବି ଜଣାଇଥିଲେ। ସେମାନେ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟରେ ଧରି ପୁରୁଣା ସରକାରୀ ବସଷ୍ଟାଣ୍ଡରେ ପେପର ଏଜେନ୍ସି, ହୋଟେଲ, ଚା, ପାନ, ମିଠା ଦୋକାନ କରିଥିଲେ। ବର୍ତ୍ତମାନ ନୂତନ ବସଷ୍ଟାଣ୍ଡ କରାଯାଇ ସବୁ ସରକାରୀ ବସ୍‌ଚଳା କରୁଛି। ସେଠାରେ ୧୪ ଜଣ ଦୋକାନୀଙ୍କୁ ଷ୍ଟଲ ଦେବା ପାଇ ଦାବି ହୋଇଛି। ଦୋକାନୀଙ୍କ କଥା ପ୍ରଶାସନ ଗୁରୁତର ସହ ନେଇଛି। ଯେତେବେଳେ ଟେଣ୍ଡର ଆହ୍ୱାନ କରାଯିବ ସେହି ସମୟରେ ୧୪ ଜଣ ଦୋକାନୀଙ୍କୁ ସୁଯୋଗ ଦିଆଯିବ ବୋଲି ଉପଜିଲାପାଳ କହିଛନ୍ତି। ବୃନ୍ଦାବନ ମହାନ୍ତି, ମନୋଜ କୁମାର ମିଶ୍ର, ବିଘ୍ନରାଜ ପାଣିଗ୍ରାହୀ, ଏମ୍. ରାମା ରାଓ, ହୃଷିକେଶ ବେହେରା, ଶ୍ରୀମନ୍ତିନି ଦୋରା, ଶଙ୍କର ବେହେରା, ବିନୋଦ ପାଢି, ଏମ୍. ମାଲେଶ୍ୱର ରାଓ, ସୁଚିତ୍ରା ଦୋରା ପ୍ରମୁଖ ଉପସ୍ଥିତ ଥିଲେ।


ଦାବି ଜଣାଇବାକୁ ଆସିଥିବା ଦୋକାନୀ।

# ବାଲିମେଳା-କୋରୁକୋଣ୍ଡା ଅଞ୍ଚଳରେ ବେଧଡ଼କ ପଲିଥିନ ବ୍ୟବହାର

## ଅଙ୍କୁଶ ଲଗାଇବାକୁ ଅଞ୍ଚଳବାସୀଙ୍କ ଦାବି

କୋରୁକୋଣ୍ଡା,୧୧।୧୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ଥିବା ହୋଲ୍‌ସେଲର, ଖୁଚୁରା ଦୋକାନ,ହୋଟେଲ, ପରିବା ବ୍ୟବସାୟୀ, ଫାଷ୍ଟଫୁଡ୍, କିରାନା ଓ ଉଠା ଦୋକାନୀମାନେ ପଲିଥିନ ଖୁଲମ୍ ଖୁଲା ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀ ମଧ୍ୟ ୫୦ମାଇକ୍ରୋନ୍‌ରୁ ଅଧିକ ମୋଟା ପଲିଥିନ ନ ମାଗି ଦୋକାନୀ ଯେଉଁ ପଲିଥିନ ଦେଲେ ସେଥିରେ ଖାଦ୍ୟ ପଦାର୍ଥ ସହ ବିଭିନ୍ନ ସାମଗ୍ରୀ ଧରି ଘରକୁ ଆସୁଛନ୍ତି। ବିଭିନ୍ନ ସମୟରେ ସ୍ଥାନୀୟ ଓ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ସେମାନଙ୍କ ନିକଟରେ ଥିବା ପଲିଥିନ ଜବତକରି ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଥିଲା। ଏହି ଚଢ଼ାଉ ଦୀର୍ଘଦିନ ହେଲା ହେଉ ନ ଥିବାରୁ ବର୍ତ୍ତମାନ ଅଞ୍ଚଳରେ ପଲିଥିନ କାରବାର ବଢ଼ିବାରେ ଲାଗିଛି। ଫଳରେ ଦିନକୁ ଦିନ ବିଭିନ୍ନ ଗ୍ରାମାଞ୍ଚଳ ଓ ବାଲିମେଳା ସହରରେ ପଲିଥିନଜନିତ ଆବର୍ଜନା ବଢ଼ିଚାଲିଛି। ଏ ସମସ୍ତ ଅଞ୍ଚଳରେ ପଲିଥିନ ବ୍ୟବହାର ଓ ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପଲିଥିନ ମାଟିର ଉର୍ବରତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟକରି ଦେଇଥାଏ। ବିଭିନ୍ନ ସ୍ଥାନରେ ପଡ଼ିଥିବା ପଲିଥିନକୁ ଗୋରୁ ଖାଇବା ଦ୍ୱାରା ସେମାନେ ରୋଗାକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଥିବା ଦେଖିବାକୁ ମିଳୁଛି। ମୁଖ୍ୟତଃ ମାଟିରେ ପଡ଼ିଥିବା ପଲିଥିନରୁ ବାହାରୁଥିବା ରାସାୟନିକ ଦ୍ରବ୍ୟ ଉଦ୍ଭିଦ କୂଳ,ପ୍ରାଣୀ ସମୂହ ଓ ଜଳଜାତ ପ୍ରାଣୀଙ୍କ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ ହୋଇଥାଏ ବୋଲି ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ବେଆଇନ ଭାବେ ଏଭଳି ନିମ୍ନମାନର ପଲିଥିନ ବିକ୍ରି ଓ ବ୍ୟବହାର କରୁଥିବା ବ୍ୟବସାୟୀ ଏବଂ ତିଆରିକରି ବଜାରକୁ ଛାଡୁଥିବା କମ୍ପାନୀଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ସହ ସେମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପଲିଥିନରେ ନିଆଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୯୨ ମେଗାୱାଟ୍ ଅକ୍ଷୟଶକ୍ତି ପ୍ରକଳ୍ପକୁ ଅନୁମୋଦନ


ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଷ୍ଟମ ସିଙ୍ଗଲ ୱିଣ୍ଡୋ କମିଟି (ଏସ୍‌ଡବ୍ଲ୍ୟୁସି) ବୈଠକରେ ୧୯୨.୪୧ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଆସିଥିବା ୧୩୮୬.୦୯ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ମିଳିଛି। ଏଥିମଧ୍ୟରେ ରହିଛି ୯୯ ମେଗାୱାଟ୍ କ୍ଷମତା ବିଶିଷ୍ଟ ପବନ ଶକ୍ତି ପ୍ରକଳ୍ପ, ୯୧.୭୭ ମେଗାୱାଟ କ୍ଷମତା ବିଶିଷ୍ଟ ୫ଟି ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ



ଏବଂ ୧.୬୪ ମେଗାୱାଟ କ୍ଷମତାର ଗୋଟିଏ ରୁଫ୍ ଟପ୍ ସୌରଶକ୍ତି ପ୍ରକଳ୍ପ। ସୂଚନାଯୋଗ୍ୟ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ ୱିଣ୍ଡୋ କମିଟ ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪୪୧.୭୯ ମେଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୯୭୮୧.୪୭ କୋଟି ଟଙ୍କା ନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରଦାନ କରିଛି। ଏହି ପୁଞ୍ଜି ନିବେଶ ପ୍ରସ୍ତାବଗୁଡ଼ିକ ରାଜ୍ୟର ଶକ୍ତି କ୍ଷେତ୍ରରେ ରୂପାନ୍ତରଣ ଆଣିବା ସହ ସବୁଜ ଶକ୍ତି ପ୍ରକଳ୍ପର ବିକାଶକୁ ସୁଦୃଢ଼ କରିବ। ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସ ଫଳରେ ସବୁଜ ଶକ୍ତି ବୃଦ୍ଧି, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ପରିବେଶ ସୁରକ୍ଷା ଦିଗରେ ସ୍ଥିର ହୋଇଥିବା ଦୀର୍ଘସ୍ଥାୟୀ ଲକ୍ଷ୍ୟ ପୂରଣ ସହିତ ରାଜ୍ୟର ବିକାଶ ସମ୍ଭବ ହୋଇପାରିବ ବୋଲି ଆଶା କରାଯାଉଛି।

# ଏଆଇଏସ୍ ଉଇଣ୍ଡୋଜର ଏକ୍ସକ୍ଲୁସିଭ ଆଉଟ୍‌ଲେଟ



ଭୁବନେଶ୍ୱର,୧୧।୧୨ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଗ୍ଲାସ ନିର୍ମାତା 'ଏଆଇଏସ୍ ଉଇଣ୍ଡୋଜ'ର ଏକ୍ସକ୍ଲୁସିଭ ଆଉଟଲେଟ ବୁଧବାର ଭୁବନେଶ୍ୱରର ପୁରୀ ବାଇପାସ ରୋଡର ଏସଆର ଭ୍ୟାଲିରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର (ଫ୍ରାଞ୍ଚାଇଜର) ଭାରତ ପ୍ଲାଏଉଡ୍‌ସ (ଭାରତ ସେଲ୍‌ସ)ଆନୁକୂଲ୍ୟରେ ଏହି ନୂତନ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଏସ ଉଇଣ୍ଡୋଜର ଆର୍‌ଏମ୍ ଓଡିଶା ଅଟଳ ବିହାରୀ ସାହୁ, ଏସଜେଡିଏମ ବିନୟ କୁମାର, ସିଡିଏମ ସଞ୍ଜୁ ଗୁପ୍ତାଙ୍କ ସମେତ ଭାରତ ପ୍ଲାଏଉଡ୍‌ସ (ଭାରତ ସେଲସ)ର ଏମଡି ବ୍ରଜେନ୍ଦ୍ର ରାୟ, ବିଏ ପୀୟୂଷ ରାୟ ଏବଂ ରଶ୍ମି ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଓଡିଶା ବଜାରରେ 'ଏଆଇଏସ ଉଇଣ୍ଡୋଜ'ର ଏହା ପ୍ରଥମ ଓ ନୂତନ ଷ୍ଟୋରର ଶୁଭାରମ୍ଭ ହୋଇଥିଲାବେଳେ ଆଗାମୀ ଦିନରେ ରାଜ୍ୟର ପ୍ରମୁଖ ବଜାରଗୁଡିକରେ କମ୍ପାନୀର ଏକ୍ସକ୍ଲୁସିଭ ଆଉଟଲେଟ ଖୋଲିବା ସହିତ ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ସାମଗ୍ରୀ ଯୋଗାଇ ଦେବାକୁ ବ୍ରାଣ୍ଡ୍ ଲକ୍ଷ୍ୟ ରଖିଛି। ଏପରିକି ଗ୍ଲାସର ବିଭିନ୍ନ ଉତ୍ପାଦଠାରୁ ଆରମ୍ଭ କରି ୟୁପିଭିସି ଏବଂ ସିଷ୍ଟମର ସମସ୍ତ ସାମଗ୍ରୀ ଏଠାରୁ ସୁଲଭ ମୂଲ୍ୟରେ ଗ୍ରାହକ ପାଇପାରିବେ। ସେହିଭଳି ୧୪୦୦ ବର୍ଗ ଫୁଟ ପରିମିତ ଅଞ୍ଚଳରେ ଗଢି ଉଠିଥିବା ଏହି ନବନିର୍ମିତ ଷ୍ଟୋରରେ ବ୍ରାଣ୍ଡର ଉଭୟ ୟୁପିଭିସି ଡୋର ଆଣ୍ଡ ଉଇଣ୍ଡୋ ସଲ୍ୟୁଶନ ସହିତ ବିଭିନ୍ନ ବର୍ଗର ଆଲୁମିନିୟମ ଉତ୍ପାଦ ମଧ୍ୟ ଉପଲବ୍ଧ।

ଏହି ପରିପ୍ରେକ୍ଷୀରେ ପୀୟୂଷ ରାୟ କହିଥିଲେ, ଆମେ ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେବା ସହିତ ଗୁଣାତ୍ମକ ସେବା ଯୋଗାଇ ଦେବାକୁ ଆଶା ରଖିଛୁ। ସେବାକୁ ସର୍ବାଧିକ ପ୍ରାଥମିକତା ଦେବା ସହିତ କାରବାର ବୃଦ୍ଧି ପାଇଁ ଆବଶ୍ୟକ ପ୍ରଚାର ଓ ପ୍ରସାରକୁ ମଧ୍ୟ ପ୍ରାଧାନ୍ୟ ଦେବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ମୁଥୁଟ ଫାଇନାନ୍ସର ଅତ୍ୟାଧୁନିକ ଅଙ୍ଗନୱାଡି କେନ୍ଦ୍ର

ନୂଆଦିଲ୍ଲୀ,୧୧।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମୁଥୁଟ ଗ୍ରୁପର ପ୍ରମୁଖ କମ୍ପାନୀ 'ମୁଥୁଟ ଫାଇନାନ୍ସ'ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ମୁଥୁଟ ସ୍ମାର୍ଟ ଅଙ୍ଗନୱାଡି ସେଣ୍ଟର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ହରିୟାଣାର ରେୱାରୀସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘଟାଲ ମହାନିବାସଠାରେ ଏହି ଅତ୍ୟାଧୁନିକ ଅଙ୍ଗନୱାଡି କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଥୁଟ ଗ୍ରୁପର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର ଜର୍ଜ ମୁଥୁଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଓ (ଆଇସିଡିସି) ଶାଲୁ ଯାଦବଙ୍କ ସମେତ ମୁଥୁଟ, ଆଇସିଡିସି, ସ୍କୁଲ ଏବଂ ଅଙ୍ଗନୱାଡି କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମୁଥୁଟ ଗ୍ରୁପର କର୍ପୋରେଟ ସୋସିଆଲ




ରେସପନ୍ସିବିଲିଟି ବା ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଏହି ଅତ୍ୟାଧୁନିକ ଅଙ୍ଗନୱାଡି କେନ୍ଦ୍ରର ନବୀକରଣ ସହିତ ଅତ୍ୟାବଶ୍ୟକ ପାଠ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦ ମଧ୍ୟ ମୁଥୁଟ ପକ୍ଷରୁ ଯୋଗାଇ ଦିଆଯାଇଥିଲା।

ଏ ସମ୍ପର୍କରେ ମୁଥୁଟ ଗ୍ରୁପର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର ଜର୍ଜ ମୁଥୁଟ କହିଥିଲେ, ଆମେ ଆମର କାର୍ଯ୍ୟ ପରିସର ଅଞ୍ଚଳ ମଧ୍ୟରେ ସାମଗ୍ରିକ ବିକାଶ ସହିତ ସଶକ୍ତୀକରଣକୁ ମଧ୍ୟ ଗୁରୁତ୍ୱ ଦେଉଛି। ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ସାଙ୍ଗକୁ ସଚେତନତା ଶିବିରର ଆୟୋଜନ କରି ସମାଜର ହିତ ସାଧନ ପାଇଁ ଆବଶ୍ୟକ ପ୍ରୟାସ କରିଆସୁଛୁ।

# ଆର୍ଥିକ ବର୍ଷ ୨୦୨୫-୨୬ରେ ୭% ଅଭିବୃଦ୍ଧି ଆକଳନ

ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୫-୨୬ରେ ଅଭିବୃଦ୍ଧି ହାର ୭% ରହିବା ଆଶା ରହିଥିବା ନେଇ ଆକ୍ସିସ୍ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ନୀଳକଣ୍ଠ ମିଶ୍ର କହିଛନ୍ତି। ପୁଞ୍ଜି ବ୍ୟୟ ଦ୍ୱାରା ଘରୋଇ ଅର୍ଥନୀତିରେ ପୁଞ୍ଜି ଗଠନ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା ବ୍ୟୟ, ସିଆରଆରରେ ହ୍ରାସ ଆଦି ଦ୍ୱାରା ଅର୍ଥନୀତି ତ୍ୱରାନ୍ୱିତ ହେବା ଦ୍ୱାରା ଋଣ ଅଭିବୃଦ୍ଧିରେ ସୁଧାର ଆଶା କରାଯାଉଛି। ଆକ୍ସିସ ବ୍ୟାଙ୍କର ଇଣ୍ଡିଆ ଇକୋନୋମିକ୍ ଆଣ୍ଡ ମାର୍କେଟ ଆଉଟଲୁକ୍ ୨୦୨୫ ରିପୋର୍ଟରେ ମିଶ୍ର ଏବଂ ସହ-ଲେଖକ ପ୍ରତୀକ ଆଞ୍ଚା, ତନୟ ଦଲାଲ, ପୁଲକିତ କପୁର ଏବଂ ସ୍ମୃତି ମେହେରା ଉଲ୍ଲେଖ କରିଛନ୍ତି। ବାଣିଜ୍ୟ କ୍ଷେତ୍ରରେ ବଢୁଥିବା ଅନିଶ୍ଚିତତା, ସୁଧ ହାର ବୃଦ୍ଧି, ଚୀନରେ ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ବିପଦ ଏବଂ ମୁଦ୍ରାର ଅସ୍ଥିରତା ଉପରେ ରିପୋର୍ଟରେ ଆଲୋକପାତ କରାଯାଇଛି। ତେବେ ସ୍ଥାନୀୟ କାରକ ଦ୍ୱାରା ଭାରତର ଅର୍ଥନୀତିର ୭% ଅଭିବୃଦ୍ଧି ହାରକୁ ଫେରିବାରେ ସହାୟକ ହୋଇପାରେ ବୋଲି ଏଥିରେ ଦର୍ଶାଯାଇଛି। ରିପୋର୍ଟ ଅନୁସାରେ, ସାମ୍ପ୍ରତିକ ବିଶ୍ୱ ଅଭିବୃଦ୍ଧି ପୂର୍ବାନୁମାନ ସ୍ଥିରତା ଦର୍ଶାଉଛି ମାତ୍ର ଜାନୁଆରୀ ୨୦ ପରେ ଆମେରିକୀୟ ନୀତିକୁ ନେଇ ଅନିଶ୍ଚିତତା ରହିଛି। ବିଶ୍ୱ ବାଣିଜ୍ୟ ଓ ଆର୍ଥିକ ବଜାରରେ ଅନିଶ୍ଚିତତା ବଢ଼ିବାର ସମ୍ଭାବନା ରହିଛି। ଉଚ୍ଚ ବୈଶ୍ୱିକ ହାର ଏବଂ ୟୁଏସଡିଆଇଏନଆର ଅସ୍ଥିରତା ସମ୍ଭାବନା ରହିଛି। ଅନ୍ୟପଟେ ବାଣିଜ୍ୟ ଶୁଳ୍କ ଅଲଗା ଅଲଗା ଭାବରେ ପ୍ରଭାବହୀନ ହୋଇପାରେ ମାତ୍ର ବିଶ୍ୱ ବାଣିଜ୍ୟ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିପାରେ। ୨୦୧୬ ପରଠାରୁ ବିଶ୍ୱ ବାଣିଜ୍ୟ ଅଭିବୃଦ୍ଧି ମୁଖ୍ୟତଃ ଆମେରିକା (ଆମଦାନୀ) ଏବଂ ଚୀନ୍ (ରପ୍ତାନି) ଦ୍ୱାରା ପରିଚାଳିତ ହୋଇଛି। ସେହିପରି ରିପୋର୍ଟରେ ଦର୍ଶାଯାଇଛି ଯେ, ବିକଶିତ ଅର୍ଥନୀତିରେ ନିରପେକ୍ଷ ହାର ୧ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି ଏବଂ ଗତ ଦଶନ୍ଧି ତୁଳନାରେ ଏହା ବହୁତ ଅଧିକ ରହିପାରେ। ଭାରତରେ ମୁଦ୍ରାସ୍ଫୀତି ଦ୍ରୁତ ଗତିରେ ହ୍ରାସ ପାଉନାହିଁ।


# Classified Everyday

0674-2580101, 9692975378




### SALE

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214


**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173

ସ୍ୱଚ୍ଛ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75585

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-2232




Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whatsapp only). D-2079




**Full body massage experience, good looking therapist @999 (Bhubaneswar). 9078484455.** D-2144

Newly open full body massage relax with new lady therapist. 7750040475. D-76176

Newly open health benefits spa special offer @799, Bapujinagar. 8018429809. D-76178

See Career Appointment on every Wednesday & Saturday

### BUSINESS

ଓଡ଼ିଶା ପରିବହନର ସ୍ୱୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166

### AFFIDAVIT

I, Deepak Kumar Patra, S/o Biranchi Narayan Patra, Village/P.O.- Kashiadihi, P.S.- Sadar, Dist.- Dhenkanal, Odisha solemnly declared that I am serving in Indo Tibetian Border Police, 46BN & my service number is 950080407. In my service document my name has wrongly mentioned as Deepak Kumar. Deepak Kumar Patra and Deepak Kumar is same and one person. By this affidavit No. 10019, dtd. 09.12.2024 sworn before the Executive Magistrate, Dhenkanal, I have changed my name from Deepak Kumar to Deepak Kumar Patra for all purposes. D-75472

By virtue of an affidavit sworn before Executive Magistrate, Patanagarh, dated 09.12.2024, I, Subhasis Kumar Dash, R/o- Phuljhar, Malpada, Bolangir, Odisha (767038) declare that I changed my name from Subhasis Kumar Dishri to Subhasis Kumar Dash. Henceforth, I shall be known as Subhasis Kumar Dash for all future purposes. D-2235

I, Truptimayee Pradhan, aged about 44 years, W/o Mandaradhar Sahoo, At/P.O.- Danara, P.S.- Colliery, Dist.- Angul, At present Qtr. No. A/106, Bharatpur, P.O.- N.S.Nagar, P.S.- Bharatpur, Vikrampur, Dist.- Angul do hereby declare that I executed an Affidavit before the Executive Magistrate, Talcher to declare my statement that the Marksheet-cum-Certificate, issued by Central Board of Education in the year 2024 in favour of my daughter Madhusmita Sahoo, bearing Roll No. 12137942, where my name has been mentioned as 'Truptimayee Pradhan' (there is a litter gap in between my first name Trupti Mayee). But my first name Truptimayee has no gap between (Trupti & Mayee). So my first name consists of one word i.e. Truptimayee. D-2233

By virtue of an affidavit sworn before Executive Magistrate, Patanagarh, dated 09.12.2024, I, Debashish Dash, R/o- Phuljhar, Malpada, Bolangir, Odisha (767038) declare that I changed my name from Debashish Dishri to Debashish Dash. Henceforth, I shall be known as Debashish Dash for all future purposes. D-2234

By virtue of an affidavit sworn before Executive Magistrate, Patanagarh, dated 09.12.2024, I, Santosh Kumar Dash, R/o- Phuljhar, Malpada, Bolangir, Odisha(767038) declare that I changed my name from Santosh Kumar Dishri to Santosh Kumar Dash for all future purposes. D-2236

I, Pratap Rout, S/o Late Prahallad Rout, aged about 48 years, resident of Janla, P.O.- Janla, P.S.- Infovalley, District- Khordha, declare by this Affidavit No.:68AA745921 Date: 10.12.2024, I have changed my name from Maga Rout to Pratap Rout and henceforth, I shall be known as Pratap Rout for all purposes. D-2237

I, Sujit Kumar Pradhan S/o Rajendra Pradhan, Resident of Sumandi, P.O.- Solabhagapentho, Dist.- Ganjam, Odisha declare by this Affidavit No.-A/5541 dated 10.12.24 that now onwards I shall be known as SUJIT PRADHAN for all future purposes. D-2238

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LOST

ମୁଁ ପ୍ରତାପ ଚନ୍ଦ୍ର ସାହୁ, ପି- ୰ ବଳରାମ ସାହୁ, ବଣିଆଁସାହି, ବକ୍ସିବଜାର, କଟକ। ମୁଁ ଘରୁ ବାହାରି ମଙ୍ଗଳାବାଗ ବଜାର ଗଲାବେଳେ ମୋର ପଟ୍ଟା, ଖାତା ନଂ.- ୭୧/୧୧୬ ଏବଂ କବଲା ନଂ. ୨୨୬୦, ତା୧୯।୦୫।୧୯୪୮, ମୌଜା- ବକ୍ସିବଜାର, କଟକ ସହର ନଂ.-୧୮ ଏଥିସହିତ କିଛି କାଗଜପତ୍ର କେଉଁଠାରେ ପଡିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି, ମୋର ମୋବାଇଲ ନଂ.- ୭୦୦୮୪୦୬୫୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୭୫୮୩୧

### LEGAL NOTICE

**ମହକମେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ (ଦେୱାନୀ), ବଲାଙ୍ଗୀର**
**Order 5 Rule 20 C.P.C.**
**ଅପିଲ ନଂ. ୧୫/୨୦୧୩**

ପ୍ରମୋଦ କୁମାର ସାହୁ ... ... ଅପିଲେଣ୍ଟ (ବାଦୀ)
ବନାମ
ରୁପା ସାହୁ ଏବଂ ଅନ୍ୟମାନେ ... ... ପ୍ରତିବାଦୀ

ପ୍ରାପ୍ତେଷୁ:-
ରୁପା ସାହୁ, ସ୍ୱା. ୰ପୂର୍ଣ୍ଣଚନ୍ଦ୍ର ସାହୁ,
ସରୋଜ ସାହୁ, ପି. ୰ପୂର୍ଣ୍ଣ ସାହୁ,
ଗୋବିନ୍ଦ ସାହୁ, ପି. ୰ପୂର୍ଣ୍ଣ ସାହୁ
ସୀତା ସାହୁ, ପି. ୰ପୂର୍ଣ୍ଣ ସାହୁ,
ସଙ୍ଗୀତା ସାହୁ, ପି. ୰ପୂର୍ଣ୍ଣ ସାହୁ
ନି: କୁଡ଼ାସିଙ୍ଗା, ଥା. ତୁଷୁରା, ଜିଲ୍ଲା- ବଲାଙ୍ଗୀର, ବର୍ତ୍ତମାନ ନି: ଟିକ୍ରାପଡ଼ା, ବଲାଙ୍ଗୀର, ପୋ./ଥା./ଜିଲ୍ଲା- ବଲାଙ୍ଗୀର

ଯେହେତୁ ବାଦୀ ପ୍ରମୋଦ କୁମାର ସାହୁ ଆପଣଙ୍କ ନାମରେ ବଲାଙ୍ଗୀର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଦାଲତରେ ମୋକଦ୍ଦମା ଦାଏର କରିଛନ୍ତି, ବାରମ୍ବାର ନୋଟିସ କରିବା ସତ୍ତ୍ୱେ ଆପଣମାନେ ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାନ୍ତି ବୋଲି ପ୍ରତୀତ ହେଉଅଛି। ଅତଏବ ଉକ୍ତ ମୋକଦ୍ଦମା ଆସନ୍ତା ତା06.01.2025 ଦିନ ଘ. ୧୦.୩୦ ସମୟରେ ଧାର୍ଯ୍ୟ କରାଯାଇଅଛି।

ଏଣୁ ଉକ୍ତ ଦିନ ଆପଣ ସ୍ୱୟଂ ବା ଆପଣଙ୍କ ଓକିଲଙ୍କ ଜରିଆରେ ଆମ୍ଭ ଇଜିଲାସରେ ଉପସ୍ଥିତ ହେବେ ବୋଲି ଉକ୍ତ ମୋକଦ୍ଦମାରେ ଉତ୍ତର ଦେବା ସକାଶେ ଏହି ନୋଟିସ ଦିଆଯାଇଅଛି। ଆପଣ ଉପରୋକ୍ତ ତାରିଖରେ ହାଜର ନ ହେଲେ ଉକ୍ତ ମୋକଦ୍ଦମା ଏକତରଫା ବିଚାର କରାଯିବ।

**Sd./- ଦ୍ୱିତୀୟ ଶ୍ରେଣୀ ଅତିରିକ୍ତ ଜିଲ୍ଲା ଦୌରା ଜଜ୍, ବଲାଙ୍ଗୀର**

ଧ-୨୨୪୦


# ଶେୟାର ବଜାର କାରବାରରେ ବୃଦ୍ଧି

ମୁମ୍ବାଇ,୧୧।୧୨

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୬ (୧୬.୦୯) ପଏଣ୍ଟ ବଢି ୮୧,୫୨୬ (୮୧,୫୨୬.୧୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୩୨(୩୧.୭୫) ପଏଣ୍ଟ ବୃଦ୍ଧି ଘଟି ୨୪,୬୪୨ (୨୪,୬୪୧.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ ବାଇଧର ସେଠୀ
ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର
ଆବିର୍ଭାବ - ୨୦.୧୦.୧୯୫୫
ତିରୋଧାନ - ୦୨.୧୨.୨୦୨୪
ତୁମର ଆଦର୍ଶ, କର୍ତ୍ତବ୍ୟବୋଧ, ସ୍ନେହ, ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପତ୍ନୀ-କାଞ୍ଚନାବାଳା ସେଠୀ, ପୁତ୍ର-ପୁତ୍ରବଧୂ : ସୁଧାଂଶୁ-ବିନି, ଅନନ୍ତ-ପିଙ୍କି, ଝିଅ-ଜ୍ୱାଇଁ : ସଂଘମିତ୍ରା-ନକୁଳ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
D-2219

# ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ନୌକାଚାଳନା ପ୍ରତିଯୋଗିତା

ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)–ମାଲକାନଗିରି ଜିଲାରେ ମାଲ୍ୟବନ୍ତ ମହୋତ୍ସବ ପାଇଁ ବୁଧବାର ସତୀଗୁଡ଼ା ଜଳ ଭଣ୍ଡାରରେ ଆୟୋଜିତ ହୋଇଥିଲା ନୌକାଚାଳନା ପ୍ରତିଯୋଗିତା। ଏଥିରେ ୧୦ ଗାଁର ୪୦ ଆଦିବାସୀ ଧୀବର ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଏସ୍‌ପି ରୋହିତ ବର୍ମା, ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲି, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ସୋମନାଥ ପ୍ରଧାନ, ଏସିଏଫ୍ ଡ. ଏଲା ଭର୍ସନଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ପାଟିଲ ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏଥିରେ ଆବାହକ ଦୁର୍ଯ୍ୟୋଧନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସତୀଗୁଡା ଜଳଭଣ୍ଡାରରେ ହେଉଥିବା ନୌକା ଚାଳନା ପ୍ରତିଯୋଗିତା।

ଗଭୀର ଜଳରାଶିରେ ଏପରି ନିଆରା ନୌକା ପ୍ରତିଯୋଗିତାକୁ ଦେଖିବା ଲାଗି ବହୁ ଲୋକଙ୍କ ସମାଗମ ହୋଇଥିଲା। ପ୍ରତିଯୋଗିତା ଶେଷ ହେବା ପରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଜିଲା ପ୍ରଶାସନ ତରଫରୁ ମାଲ୍ୟବନ୍ତ ମହୋତ୍ସବରେ ପୁରସ୍କୃତ କରାଯିବାକୁ ସ୍ଥିର ହୋଇଛି। ପ୍ରତିଯୋଗିତାରେ ଦଶଟି ଦଳ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିଲା ସିନ୍ଧ୍ରିମାଳ ଦଳ, ସେହିପରି ଦ୍ୱିତୀୟ ସ୍ଥାନ ସୋରିଷମାଳ ଗ୍ରାମ ଦଳ ଓ ତୃତୀୟ ସ୍ଥାନରେ ଏମ୍‌ଭି ୧୧ଗ୍ରାମ ଦଳ ରହିଥିଲା। ପ୍ରତିଯୋଗିତା ସମୟରେ ଦମକଳ ବାହିନୀ, ଲାଇଫ ଜ୍ୟାକେଟ, ଉଦ୍ଧାରକାରୀ ଦଳ, ବୋଟ୍ ଓ ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବ ବର୍ଷଗୁଡ଼ିକରେ ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ପ୍ରଥମ ପୁରସ୍କାର ଭାବେ ୫ ହଜାର, ଦ୍ୱିତୀୟ ୩ ହଜାର ଏବଂ ତୃତୀୟ ୨ ହଜାର ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ପ୍ରତିଯୋଗୀମାନଙ୍କ ଅନୁରୋଧ କ୍ରମେ ଜିଲାପାଳ ଏହି ପୁରସ୍କାର ରାଶିକୁ ବଢାଇ ପ୍ରଥମ ପୁରସ୍କାର ୧୦ହଜାର, ଦ୍ୱିତୀୟ ୮ହଜାର ଓ ତୃତୀୟ ପୁରସ୍କାର ୬ହଜାର ଟଙ୍କା ଘୋଷଣା କରିଛନ୍ତି, ଯାହାକୁ ନେଇ ପ୍ରତିଯୋଗୀମାନେ ଖୁସି ପ୍ରକଟ କରିଛନ୍ତି। ତେବେ ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ମନସୁନ ଖେମୁଣ୍ଡୁ, ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗଉଡ, ଜିଲା କ୍ରୀଡା ଅଧିକାରୀ ମାଧବ ପାଙ୍ଗି, ମାଲକାନଗିରି ରେଞ୍ଜର ରମେଶ ରାଉତ ଓ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମାଲ୍ୟବନ୍ତ ମହୋତ୍ସବ ପାଇଁ ପଥ ଉତ୍ସବ


ପଥ ଉତ୍ସବ ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ।

ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ଲୋକ ପର୍ବ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ବୁଧବାର ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ସଦରମହକୁମାର ବାଲିମେଳା ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ସୋମନାଥ ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କୋଣଅନୁକୋଣରୁ ଅନେକ ଛାତ୍ରୀଛାତ୍ର, ଯୁବ ପିଢି ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ। ରାଜ ରାସ୍ତାରେ ମାଲ୍ୟବନ୍ତ ମହୋତ୍ସବ ନିମନ୍ତେ ବିଭିନ୍ନ ରଙ୍ଗୋଲିର ଆୟୋଜନ କରାଯାଇଥିବା ବେଳେ କୁସ୍ତି, ମାଲଖମ୍ଭ, ସ୍କେଟିଂ, ନାଚ ଓ ଗୀତ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏଠାରେ ସ୍ୱତନ୍ତ୍ର ଆକର୍ଷଣ ଥିଲା ବିଏସ୍‌ଏଫର ଡଗ୍ ଶୋ ପ୍ରଦର୍ଶନୀ। ମାଲ୍ୟବନ୍ତ ମହୋତ୍ସବ ପାଇଁ ଜିଲା ଚଳଚଞ୍ଚଳ ହୋଇଥିବା ବେଳେ ଏହି ପଥ ଉତ୍ସବରେ ଜିଲାବାସୀ ଓ ପ୍ରଶାସନିକ ଅଧିକାରୀମାନେ ଖୁସିର ସହ ମଜା ଉଠାଇଥିଲେ।

# ଆଶ୍ରମ ବିଦ୍ୟାଳୟର ତୃତୀୟ ବାର୍ଷିକ କ୍ରୀଡା

କାଲିମେଳା, ୧୧।୧୨(ଜୀବନ କୃଷ୍ଣ ଦାସ )

କାଲିମେଳା ବ୍ଲକ ଅନ୍ତର୍ଗତ ମହାରାଜପଲ୍ଲୀ ପଞ୍ଚାୟତ କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟର ପକ୍ଷରୁ ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମହାରାଜପଲ୍ଲୀ ସରପଞ୍ଚ ମୁତା ସୋଡ଼ୀ ଯୋଗ ଦେଇଥିବା ବେଳେ ସାମାଜିକକର୍ମୀ ବିଶ୍ୱନାଥ ରେଡ୍ଡୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏରା କାରାମ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସବ୍ ଜୁନିଅର, ଚତୁର୍ଥରୁ ପଞ୍ଚମ ଜୁନିଅର ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସିନିୟର ବିଭାଗରେ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଗ୍ରାମଦେବୀଙ୍କ ପାଖରୁ ମଶାଲ ଶୋଭାଯାତ୍ରା କରାଯାଇ ସବ୍‌ଜୁନିଅର ଓ ଜୁନିଅର ବିଭାଗରେ ୮ କ୍ରୀଡା ଓ ସିନିଅର ବିଭାଗରେ ୧୬ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । କ୍ରୀଡା ମଧ୍ୟରେ କ୍ରିକେଟ, କବାଡ଼ି, ଖୋକୋ, ଫୁଟବଲ, ଦୌଡ଼, ଉଚ୍ଚ ଡିଆଁ, ଲମ୍ବଡିଆଁ, ଅଖା ଦୌଡ଼, ଫୁଚି ଓ ଭଲିବଲ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରପ୍ରାପ୍ତ ଶିକ୍ଷକ କିଶୋର ମଣ୍ଡଳ, ସହଯୋଗୀ ଶିକ୍ଷକ ମଦନ ମୋହନ ବେହେରା ଓ ଶିକ୍ଷୟିତ୍ରୀ ଗୌରୀ ମଣ୍ଡଳ ସହଯୋଗ କରିଥିଲେ ।


ବାର୍ଷିକ କ୍ରୀଡାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଦାବିପୂରଣ ହେଉନଥିବାରୁ ଜିପିଏସ୍ ବନ୍ଦକରି ସେବା ଯୋଗାଉଛନ୍ତି ୧୦୮ କର୍ମଚାରୀ



ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)

ଦାବି ପୂରଣ ହେଉନଥିବାରୁ ଆମ୍ବୁଲାନ୍ସରେ ଜିପିଏସ୍ ସୁଇଚ ବନ୍ଦକରି ସେବା ଯୋଗାଉଛନ୍ତି ୧୦୮ କର୍ମଚାରୀ। ରାଜ୍ୟରେ ଆମ୍ବୁଲାନ୍ସ କର୍ମଚାରୀମାନେ ଦୀର୍ଘ ଦିନଧରି ବିଭିନ୍ନ ଦାବି ପୂରଣ ପାଇଁ ସ୍ୱର ଉତ୍ତୋଳନ କରୁଥିବା ବେଳେ ତାହା ପୂରଣ ହୋଇନାହିଁ। ନିଯୁକ୍ତିପତ୍ର ପ୍ରଦାନ ନ କରିବା, ୧୨ ଘଣ୍ଟା କାର୍ଯ୍ୟ କରି ୮ ଘଣ୍ଟାର ଦରମା ପାଇବା ଭଳି ବିଭିନ୍ନ ଦାବି ନେଇ ୧୦୮ କର୍ମଚାରୀମାନେ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହାପୂରଣ ହେଉନଥିବାରୁ ବୁଧବାର ମାଲକାନଗିରି ଜିଲାର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଜିପିଏସ୍ ସୁଇଚ ବନ୍ଦକରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ତେବେ ଜିପିଏସ୍ ସୁଇଚ ବନ୍ଦ ରହିବା ଯୋଗୁ ୧୦୮ କଲ ସେଣ୍ଟରରୁ କୌଣସି ରୋଗୀଙ୍କୁ ଆଣିବା ପାଇଁ ଅନୁମତି ଦିଆଯାଉ ନ ଥିବା ବେଳେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସରକାର ଏହି କର୍ମଚାରୀମାନଙ୍କ ଦାବି ପୂରଣ ଦିଗରେ ଯଦି ଯଥା ଶୀଘ୍ର ପଦକ୍ଷେପ ନ ନିଅନ୍ତି ତେବେ ଆଗକୁ ରୋଗୀଙ୍କୁ ନେବା ଆଣିବାରେ ଅସୁବିଧା ହେବା ସମ୍ଭାବନା ରହିଛି।

# ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ମୃତ

ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ଜିଲାରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି ।
ମୁନଗା ଜଙ୍ଗଲରେ ଡିଭିସିଏମ୍ ଦିନେଶ ମୋଡିୟମ୍, ଆକାଶ ହେମଲା, କମ୍ପାନୀ ନଂ ୨ କମାଣ୍ଡର ବେଲ୍ଲା, ମିଲିସିଆ ପ୍ଲାଟୁନ କମାଣ୍ଡର କମଲୁ ଓ ଅନ୍ୟ ୩୦ରୁ ୪୦ ମାଓବାଦୀଙ୍କ ଉପସ୍ଥିତି ସୂଚନା ପାଇ ଡିଆର୍‌ଜି ଯବାନମାନେ ଉକ୍ତ ଜଙ୍ଗଲକୁ କୋମ୍ବିଂ ଲାଗି ଯାଇଥିଲେ। ତେବେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଉକ୍ତ ଜଙ୍ଗଲରେ ଆଇଇଡି ଖଞ୍ଜା ଯାଇଥିବା ବେଳେ ଯବାନମାନଙ୍କ କୋମ୍ବିଂ ସମୟରେ ଏହା ବିସ୍ଫୋରଣ ହୋଇଥିଲା। ଫଳରେ ଜଣେ ଯବାନ ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟମାନେ ଆଗକୁ ଯାଇଥିଲେ। ତେବେ ମାଓବାଦୀମାନେ ଯବାନମାନେ ଆସୁଥିବା ଦେଖି ପ୍ରଥମେ ଗୁଳି ଚାଳନା କରିଥିଲେ । ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚାଳନା କରିଥିବା ବେଳେ ତାଙ୍କ ଆକ୍ରମଣକୁ ସାମନା କରି ନ ପାରି ଜଙ୍ଗଲରେ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରୁ ଜବାନମାନେ ଜଣେ ମାଓବାଦୀଙ୍କ ମୃତଦେହ ସହ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ଗୋଟିଏ ଆଇଇଡି ୬ ରିମୋଟ ସ୍ୱିଚ୍ ଜବତ କରିଛନ୍ତି ।

## ଓଏସ୍ଆରଟିସି ଟିକେଟ ବୁକିଂ ଲିଙ୍କ ଫେଲ

ଜୟପୁର,୧୧।୧୨(ପବନ ପାଣିଗ୍ରାହୀ)–ଲିଙ୍କ ଫେଲ ହେବା ଯୋଗୁ ଜୟପୁର ଓଏସଆରଟିସିର ଅଗ୍ରୀମ ଟିକେଟ୍ ବୁକିଂ ଦିନ ତମାମ ବନ୍ଦ ରହିଛି। ଓଏସ୍ଆରଟିସି ପକ୍ଷରୁ ନୂତନ ସଫ୍ଟୱେର ଲଞ୍ଚ କରାଯାଉଥିବାରୁ ରାଜ୍ୟରେ ଏହି ଅସୁବିଧା ଦେଖା ଦେଇଥିଲା। ଅଗ୍ରୀମ ଟିକେଟ ନ କରିବା ଦ୍ୱାରା ଯାତ୍ରୀମାନେ ହଇରାଣ ହେବା ସହ କାଉଣ୍ଟରରେ ଟିକେଟ କାଟିଥିବା ଦେଖିବାକୁ ମିଳିଥିଲା। ଗୁରୁବାର ପୁନର୍ବାର ସମସ୍ତ ଲିଙ୍କ୍ ଖୋଲିବା ସହ ଯାତ୍ରୀମାନେ ଅନ୍‌ଲାଇନ ଟିକେଟ ବୁକିଂ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୧୧।୧୨(ପବନ ପାଣିଗ୍ରାହୀ)–ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ା ଜଙ୍ଗଲରେ ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ, ଅବକାରୀ ଥାନା, ସଦର ଥାନା ଓ ସାଟେଲାଇଟ ୟୁନିଟ୍ ପକ୍ଷରୁ ମିଳିତ ଚଢ଼ାଉ ହୋଇଛି। ମଦ ବ୍ୟବସାୟୀମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ସେଠାରୁ ଫେରାର ହୋଇଯାଇଥିଲେ। ବହୁ ମଦ ଭାଟି ଭାଙ୍ଗି ୯୦ ଲିଟର ଦେଶୀ ମଦ ଓ ୯ ଶହ ଲିଟର ପୋଚ ଜବତକରି ନଷ୍ଟ କରାଯାଇଛି। ମଦରନ୍ଧା ସରଞ୍ଜାମ ଓ ଡ୍ରମ୍ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ମହୁମାଛି ଆକ୍ରମଣରେ ୪ ଗୁରୁତର

ଦଶମନ୍ତପୁର,୧୧।୧୨(ଅରବିନ୍ଦ ନାୟକ)–କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ପଞ୍ଚାୟତ ଅଧୀନ ଲଦିବେଡ଼ା ଗ୍ରାମରେ ଡଙ୍ଗର ଜମିରେ ଶସ୍ୟ ଅମଳ କରୁଥିବା ସମୟରେ ମହୁମାଛି ଆକ୍ରମଣରେ ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ହର୍ଷି ପୂଜାରୀ(୪୫), ସ୍ତ୍ରୀ ଅର୍ଚ୍ଚିତା(୪୦), ପୁଅ ଅନୀଲ ପୂଜାରୀ(୬) ଓ ଝିଅ ଲିଜା ପୂଜାରୀ(୩)। ଗାଁଠାରୁ ଅଧ କି.ମି. ଦୂର ଡଙ୍ଗରକୁ ମାଣ୍ଡିଆ ଅମଳକରି ଏକତ୍ରିତ କରୁଥିବା ସମୟରେ ଗଛରୁ ହଠାତ୍ ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ଅନ୍ୟ ଜଣେ ବ୍ୟକ୍ତି ଏନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାପରେ ଉକ୍ତ ୪ ଜଣଙ୍କୁ ସ୍ଥାନୀୟ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି।

# ଜାତୀୟସ୍ତରରେ କୋରାପୁଟ ଜିଲା ପଞ୍ଚାୟତ ଦ୍ୱିତୀୟ


କୋରାପୁଟ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ଓ ଜିଲାପାଳ ଭି. କୀର୍ତ୍ତି ଭାସନ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।


କୋରାପୁଟ,୧୧।୧୨(ଅମିତାଭ ବେହେରା)

ଜାତୀୟସ୍ତରରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ବର୍ଗରେ କୋରାପୁଟ ଜିଲା ପଞ୍ଚାୟତ ଦ୍ୱିତୀୟ ହୋଇଛି। ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୋରାପୁଟ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ଓ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। କୋରାପୁଟ ଜିଲାକୁ ୩ କୋଟି ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ। ଜାତୀୟସ୍ତରରେ ଦ୍ୱିତୀୟ ଜିଲା ପଞ୍ଚାୟତ ଭାବେ କୋରାପୁଟ ପୁରସ୍କୃତ ହୋଇଥିବାରୁ ଏହା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଜିଲା ପରିଷଦ ଅଧକ୍ଷା ମେଲେକା କହିଛନ୍ତି। ଏହି ପୁରସ୍କାର ଜିଲାର ସମସ୍ତ ପଞ୍ଚାୟତ ପାଇଁ ଉତ୍ସର୍ଗୀକୃତ ଏବଂ ସଫଳତାରେ ଜିଲାର ସମସ୍ତ ପଞ୍ଚାୟତିରାଜ ଜନପ୍ରତିନିଧିଙ୍କ ଭୂମିକା ପ୍ରଶଂସନୀୟ ବୋଲି ଜିଲାପାଳ ଭାସନ କହିଛନ୍ତି।

# ନ୍ୟାଶନାଲ କରାଟେ ଚାମ୍ପିୟନଶିପ୍ ପାଇଁ ୪ ମନୋନୀତ

ସୁନାବେଡ଼ା/ସେମିଳିଗୁଡ଼ା,୧୧।୧୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ନୂଆଦିଲ୍ଲୀ ତାଲକୋଟ୍ରା ଷ୍ଟାଡିୟମରେ ଇଣ୍ଟର ଜୋନାଲ ସବ୍ ଜୁନିୟର ଜାତୀୟ କରାଟେ ପ୍ରତିଯୋଗିତାରେ ସେମିଳିଗୁଡ଼ାର ଉତ୍କଳ କରାଟେ ସ୍କୁଲର ୪ କରାଟେକା ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ଡିସେମ୍ବର ୧୪ ଓ ୧୫ରେ ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟ କରାଟେ ଡୋ ଆସୋସିସନ(ଓସ୍କା) ୪ ପ୍ରତିଯୋଗୀଙ୍କୁ ଚୟନ କରିଛନ୍ତି। ଆକାଂକ୍ଷା ମହାନ୍ତି, ହର୍ଷଦ କୁମାର, ଏଞ୍ଜେଲ ଅଭିଷିକ୍ତା ମିନିଆକା ଓ ଦୀପ୍ତି ନାମଦେବ ଓଡ଼ିଶା ପାଇଁ ପ୍ରତିନିଧି କରିବେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ରାଜ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ସମସ୍ତ ୪ କରାଟେକା ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ କରାଟେ ସ୍କୁଲର କୋଚ୍ ସେନ୍‌ସେଇ ରାଜେନ୍ଦ୍ର ସାମଲ,କୋରାପୁଟ ଜିଲା ସେକ୍ରେଟାରି ଦୁର୍ଗାପ୍ରସାଦ ରଥ ଓ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।



କୋଚ୍‌ଙ୍କ ସହ ମନୋନୀତ ହୋଇଥିବା ୪ ପ୍ରତିଯୋଗୀ।

# ୭ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

**ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ**

କୋରାପୁଟ,୧୧।୧୨(ଅମିତାଭ ବେହେରା)

କୋରାପୁଟ ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଥିବା ବେଳେ ୭ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। କୋରାପୁଟ ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଉତ୍ସବରେ ଏକ କୁନି ବୈଜ୍ଞାନିକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ବରିଷ୍ଠ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀ, ଚମେଲି ମଜୁମଦାର, ବ୍ଲକ୍ ଶିକ୍ଷାଧିକାରୀ ଭବାନୀ ପଟ୍ଟନାୟକ, ଦୟାସିନ୍ଧୁ ବାଘ, ସ୍ୱପ୍ନେଶ୍ୱର ନାୟକ, ହିମାଂଶୁ ଦାସ, ଚନ୍ଦ୍ରକଳା ବଗର୍ତ୍ତି ଏବଂ ଜିଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି ପ୍ରମୁଖ ଯୋଗଦେଇଥିଲେ। ପ୍ରତି ବ୍ଲକ୍‌ରୁ ୭ ପ୍ରକଳ୍ପ ହିସାବରେ ସର୍ବମୋଟ ୯୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୭ ଭିନ୍ନ ଭିନ୍ନ ବିଷୟବସ୍ତୁରୁ କୃତିତ୍ୱ ହାସଲ କରିଥିବା ୭ ସର୍ବଶ୍ରେଷ୍ଠ ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଲଗ୍ନଜିତ୍ ରାଉତ, ସମ୍ମାନିତ ଅତିଥି ଉପଜିଲାପାଳ ବେଣୁଧର ଶବର, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଅଧାପକ ହିମାଂଶୁ ଭୂଷଣ ନନ୍ଦ ଏବଂ ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସେଠୀ, ନଗେନ୍ଦ୍ର ଜେନା, ରତିକାନ୍ତ ଦାସ, ପ୍ରଦୀପ ତ୍ରିପାଠୀ, ହରେକୃଷ୍ଣ ମହାରଣା, ଭବେଶ ପତି, ସୁଜିତ୍ ଜେନା, ପ୍ରଦୀପ ପାତ୍ର, ପୂର୍ଣ୍ଣିମା ପତି ଏବଂ ଅରୁଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଓଡ଼ିଶା ଡ୍ରାଇଭର ମହାସଂଘର ଉପଜିଲାପାଳଙ୍କୁ ଦାବିପତ୍ର

ଜୟପୁର,୧୧।୧୨(ପବନ ପାଣିଗ୍ରାହୀ)

ଜୟପୁର ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଅଭିଯୋଗ ନେଇ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ପାଇଁ ଏକ ସରକାରୀ ଜମିର ଆବଶ୍ୟକତା ରହିଥିବା ବେଳେ ସାମାଜିକ ଓ କାର୍ଯ୍ୟାଳୟ କାମରେ ବାଧା ସୃଷ୍ଟି ହେଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ମହାସଂଘ ପକ୍ଷରୁ ରକ୍ତଦାନ ଶିବିର, ଚାରାରୋପଣ ଆଦି ସାମାଜିକ କାର୍ଯ୍ୟ କରାଯାଉଛି। ପ୍ରଶାସନ ସରକାରୀ ଜାଗା ଦେଲେ ଜୟପୁରରେ କାର୍ଯ୍ୟାଳୟ କରିବା ସହ ସାମାଜିକ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ମହାସଂଘ ଦାବି କରିଛି। ଏଥିରେ ମହାସଂଘର ସଭାପତି ଧନୁ ବେହେରାଙ୍କ ନେତୃତ୍ୱରେ ଅନ୍ୟ ଡ୍ରାଇଭରମାନେ ଉପସ୍ଥିତ ଥିଲେ।

# ଷ୍ଟାଣ୍ଡରେ ପଡ଼ିରହିଛି ୨୦ରୁ ଊର୍ଦ୍ଧ୍ୱ ଲକ୍ଷ୍ମୀ ବସ୍

ସୁନାବେଡା,ସେମିଳିଗୁଡା,୧୧।୧୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ସେମିଳିଗୁଡା ୨୬ ନଂ ଜାତୀୟ ରାଜପଥ କଡ଼ରେ ଥିବା ସରକାରୀ ବସ୍‌ଷ୍ଟାଣ୍ଡରେ ଦୀର୍ଘଦିନରୁ ପ୍ରାୟ ୨୦ ଊର୍ଦ୍ଧ୍ୱ ବସ ପଡ଼ିରହିଛି। ପ୍ରକାଶ ଥାଉକି ଗତ କିଛି ମାସ ପୂର୍ବରୁ ପୂର୍ବ ସରକାର ଗ୍ରମାଞ୍ଚଳରେ ଲୋକ ଜିଲା ସଦର ମହକୁମାକୁ ସ୍ୱଳ୍ପ ମୂଲ୍ୟରେ ଯାତାୟତ କରିବା ପାଇଁ ଜିଲାର ସମସ୍ତ ପଞ୍ଚାୟତରୁ ଲକ୍ଷ୍ମୀ ବସ ସେବା ଆରମ୍ଭ କରିଥିଲେ। ଏହି ଶୀତତାପ ନିୟନ୍ତ୍ରିତ ବସ୍‌ଗୁଡିକୁ ବ୍ଲକରୁ ସଦର ମହକୁମାକୁ ଚଳାଚଳ କରିବାର ଲକ୍ଷ୍ୟ ଥିଲା। କୋଟି କୋଟି ଟଙ୍କା ବ୍ୟୟରେ ସରକାର ବସ ବ୍ୟବସ୍ଥା କରିଥିବା ବେଳେ ତାହା ଲୋକଙ୍କ ବ୍ୟବହାରରେ ନ ଲାଗି ପଡ଼ିରହିଛି, ଏହା ଲୋକଙ୍କ ଟିକସ ଟଙ୍କା ତଥା ସରକାରୀ ଅର୍ଥର ଅପଚୟ ବୋଲି ଅଭିଯୋଗ ହୋଇଛି। ଶୀତତାପ ନିୟନ୍ତ୍ରିତ ବସ୍‌ଗୁଡିକ ସମ୍ପୂର୍ଣ୍ଣ ନୂଆ ଥିବା ବେଳେ କେତେକ ବସ୍‌ର କାଚ ଭାଙ୍ଗି ଗଲାଣି। ସମସ୍ତ ଗାଡ଼ିଗୁଡିକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ସହ ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଖବର ନେବାରୁ ବସ୍‌ଗୁଡିକ ଜୟପୁର ବସ୍‌ଷ୍ଟାଣ୍ଡରେ ଦୀର୍ଘମାସ ହେବ ରଖାଯାଇଥିଲା। ସେଠାକାର ବସଷ୍ଟାଣ୍ଡର ରୂପାନ୍ତରିକରଣ ହେଉଥିବାରୁ ସେଗୁଡିକୁ ସେମିଳିଗୁଡା ସରକାରୀ ବସଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଏନେଇ ଲକ୍ଷ୍ମୀ ବସ ବିଭାଗ ଜିଲା ପରିଚାଳକ(ଡିଏମ) ଈଶ୍ୱରଙ୍କୁ ପଚାରିବାରୁ ସେ କହିଛନ୍ତି, ବସ୍‌ଗୁଡ଼ିକ ଆସିବା ଦିନରୁ ଚଳାଚଳ ପାଇଁ ପରମିଟ କିମ୍ବା ଅର୍ଡର ନାହିଁ। ତେଣୁ ଏହା ଲୋକଙ୍କ କାମ ଆସିପାରୁନାହିଁ। ବସ୍‌ଗୁଡ଼ିକ ଜୟପୁର ବସଷ୍ଟାଣ୍ଡରେ ଥିବା ଓ ବର୍ତ୍ତମାନ ବସଷ୍ଟାଣ୍ଡ କାମ ଚାଲିଥିବା ହେତୁ ସେ ସବୁକୁ ଏଠାରେ ରଖାଯାଇଥିବା ସେ ସ୍ୱୀକାର କରିଥିଲେ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୨/୨୦୨୪ Bhubaneswar, Thursday, December 12/ 2024

**ମନ୍ଧାନାଙ୍କ ଶତକ ସତ୍ତ୍ୱେ ହାରିଲା ଭାରତ**

# ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

**ବ୍ରିସବେନ୍, ୧୧।୧୨ (ପି.ଟି.):** ଭାରତ ବିପକ୍ଷ ତୃତୀୟ ମହିଳା ଦିନିକିଆ ମ୍ୟାଚ୍‌କୁ ୮୩ ରନ୍‌ରେ ଜିତିବା ସହ ସିରିଜ୍ କ୍ଲିନ୍ ସୁଇପ୍ କରିଛି। ଭାରତ ପକ୍ଷରୁ ସ୍ମୃତି ମାନ୍ଧନା ଶତକ ହାସଲ କରିଥିଲେ ମଧ୍ୟ ଜିତାଇବାରେ ସକ୍ଷମ ହୋଇ ନ ଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଆନାବେଲ ସଦରଲାଣ୍ଡଙ୍କ ୧୧୦ ରନ ବଳରେ ୬ ଉଇକେଟରେ ୨୯୮ ରନ୍ କରିଥିଲା। ଜବାବରେ ଭାରତ ୪୫.୧ ଓଭରରେ ୨୧୫ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ଜର୍ଜିଆ ଭଲ୍(୨୬) ଓ ଫିବି ଲିଚଫିଲ୍ଡ(୨୫) ପ୍ରଥମ ଉଇକେଟରେ ୫୮ ରନ୍ ଯୋଡିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଏଲିସ୍ ପେରୀ(୪) ଓ ବେଥ୍ ମୁନି (୧୦) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଆନାବେଲ ସଦରଲାଣ୍ଡ ଚମତ୍କାର ବ୍ୟାଟିଂ ୯୫ ବଲ୍ ଖେଳି ୯ ଚୌକା ଓ ୪ ଛକା ସହ ୧୧୦ ରନ୍ ସ୍କୋର କରିଥିଲେ। ପଞ୍ଚମ ଉଇକେଟରେ ଆସ୍‌ଲେ ଗାର୍ଡନର(୫୦)ଙ୍କ ସହ ୯୬ ଓ ଅଧିନାୟିକା ଟାଲିଆ ମ୍ୟାକ୍‌ଗ୍ରା(୫୬*)ଙ୍କ ସହ ଷଷ୍ଠ ଉଇକେଟରେ ୧୨୨ ରନ୍ ଯୋଡିଥିଲେ ଆନାବେଲ ସଦରଲାଣ୍ଡ। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ୪ ଓ ଦୀପ୍ତି ଶର୍ମା ଗୋଟିଏ ଉଇକେଟ ନେଇଥିଲେ। ୨୯୯ ରନ୍ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ଭାରତ ୧୬ ରନ୍‌ରେ ରିଚା ଘୋଷ(୨)ଙ୍କ ଉଇକେଟ ହରାଇଥିଲା। ତେବେ ହରଲିନ୍ ଦେଓଲ(୩୯) ଓ ସ୍ମୃତି ମାନ୍ଧନା (୧୦୫) ଦ୍ୱିତୀୟ ଉଇକେଟରେ ୧୧୮ ରନ୍ ଯୋଡିଥିଲେ। ଦିନିକିଆରେ ମାନ୍ଧନା ନିଜର ନବମ ଶତକ ହାସଲ କରିଥିଲେ। ୧୦୯ ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହିତ ସେ ୧୦୫ ରନ୍ କରିଥିଲେ। ୭ ଜଣ ଭାରତୀୟ ବ୍ୟାଟର ଦୁଇ ଅଙ୍କ ଛୁଇଁବାରେ ବିଫଳ ହୋଇଥିଲେ। ଆସ୍‌ଲେ ଗାର୍ଡନର ୫ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ ୫୦ ଓଭରରେ ୨୯୮/୬(ଆନାବେଲ ସଦରଲାଣ୍ଡ-୧୧୦, ଟାଲିଆ ମ୍ୟାକ୍‌ଗ୍ରା-୫୬*, ଆସ୍‌ଲେ ଗାର୍ଡନର-୫୦, ଅରୁନ୍ଧତୀ ରେଡ୍ଡୀ-୪/୨୬, ଦୀପ୍ତି ଶର୍ମା-୧/୭୭)। ଭାରତ ୪୫.୧ ଓଭରରେ ୨୧୫/୧୦(ସ୍ମୃତି ମାନ୍ଧନା-୧୦୫, ହରଲିନ୍ ଦେଓଲ-୩୯, ଜେମିମା ରୋଡ୍ରିଗୁଏଜ-୧୬, ଆସ୍‌ଲେ ଗାର୍ଡନର-୫/୩୦, ମେଗାନ୍ ଶୁଟ୍-୨/୨୬, ଆଲାନା କିଙ୍ଗ-୨/୨୭)।

# ରାଉଣ୍ଡ ଅଫ୍ ୧୬ରେ ପଣ୍ଡା ଭଗିନୀ

**ଓଡ଼ିଶା ମାଷ୍ଟର୍ସ ସୁପର-୧୦୦**

ଭୁବନେଶ୍ୱର,୧୧।୧୨(ସରୋଜ ଜେନା)

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବୁଧବାର ଓଡ଼ିଶା ଖେଳାଳିଙ୍କୁ ମିଶ୍ରିତ ଫଳ ମିଳିଛି। ମହିଳା ଡବଲ୍ସରେ ରାଜ୍ୟର ୧ ନମ୍ବର ଯୋଡି ରତପର୍ଣ୍ଣା ପଣ୍ଡା-ଶ୍ୱେତପର୍ଣ୍ଣା ପଣ୍ଡା ବିଜୟୀ ହୋଇ ରାଉଣ୍ଡ ଅଫ-୧୬ରେ ପ୍ରବେଶ କରିଛନ୍ତି। ପଣ୍ଡା ଭଗିନୀ ସିଧାସଳଖ ୨୧-୧୪, ୨୧-୧୪ ସେଟରେ ଆରାଧନା ବାଲଚନ୍ଦ୍ର ଓ ମୁସ୍‌କାନ ଖାନଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ପକ୍ଷରେ ଅନ୍ୟତମ ବିଶାଖା ଟୋପ୍ପୋ ଓ ପ୍ରଗତି ପରିଡାଙ୍କ ଓଡ଼ିଶା ଯୋଡି ସଂଘର୍ଷ କରି ୧୧-୨୧, ୨୧-୬ ଓ ୨୧-୧୬ ସେଟରେ କନିକା କନୱଲ ଓ ଭାରତୀ ପାଲଙ୍କ ଠାରୁ ପରାଜିତ ହୋଇଛନ୍ତି। ବିଶାଖା-ପ୍ରଗତି ପ୍ରଥମ ସେଟ୍ ବିଜୟୀ ହେଇଥିଲେ ହେଁ ପରବର୍ତ୍ତୀ ଦୁଇ ସେଟ୍‌କୁ ହାରି ଯାଇଥିଲେ। ପଣ୍ଡା ଭଗିନୀ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ କନିକା କନୱଲ ଓ ଭାରତୀ ପାଲଙ୍କୁ ଭେଟିବେ।

# ନାଲ୍‌କୋ ଓପନ ଟେନିସ୍ ୧୩ରୁ

ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୨୩ତମ ଅଲ୍ ଓଡ଼ିଶା ନାଲ୍‌କୋ ଓପନ ଟେନିସ ଟୁର୍ନାମେଣ୍ଟ ଚଳିତ ମାସ ୧୩ରୁ ୧୫ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୧୪ ବର୍ଷରୁ କମ୍ ବାଳିକା ଓ ବାଳକ, ୧୮ ବର୍ଷରୁ କମ୍ ବାଳକ, ମହିଳା ଓ ପୁରୁଷ ସିଙ୍ଗଲ୍ସ, ଡବଲ୍ସ, ୪୦+, ୫୦+, ୬୦+ ଭେଟେରାନ୍ସ ଡବଲ୍ସ ବର୍ଗରେ ପ୍ରତିଯୋଗିତା ହେବ। ଟୁର୍ନାମେଣ୍ଟ ପାଇଁ ମୋଟ ୪.୩୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମଥରପାଇଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନ ବର୍ଗକୁ ସାମିଲ କରାଯାଇଛି। ପେସାଦାର କୋଚ୍‌ମାନେ କେବଳ ପୁରୁଷ ଓପନ ଡବଲ୍ସ ବର୍ଗରେ ଅଂଶଗ୍ରହଣ କରିପାରିବେ। ଜଣେ ଖେଳାଳି ସର୍ବାଧିକ ୨ଟି ଇଭେଣ୍ଟରେ ଅଂଶଗ୍ରହଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଶାଶ୍ୱତ ମିଶ୍ର ସୂଚନା ଦେଇଛନ୍ତି।



କଟକରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ମହିଳା ଡବଲ୍ସ ମ୍ୟାଚ ଅବସରରେ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା। (ଫଟୋ: ରାଜକିଶୋର ମହାନ୍ତି)

# ଓଡ଼ିଶାକୁ ୬ ସ୍ୱର୍ଣ୍ଣ ସହ ୧୧ ପଦକ

**ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଉଦ୍‌ଯାପିତ**

**ଅନ୍ତିମ ଦିବସରେ ଓଁକାର, ଲକ୍ଷ୍ମୀ, ପ୍ରତୀକ, ଜୟରାମଙ୍କୁ ସ୍ୱର୍ଣ୍ଣ, ଅର୍ଚ୍ଚନାଙ୍କୁ ବ୍ରୋଞ୍ଜ**


ଓଁକାର ନନ୍ଦ



ଲକ୍ଷ୍ମୀପ୍ରିୟା କିଷାନ


ପି. ଅର୍ପିତା ଅର୍ଚ୍ଚନା

ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ୩୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶା ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ ବ୍ରୋଞ୍ଜ ସମେତ ମୋଟ ୧୧ଟି ପଦକ ହାସଲ କରିଛି। ହରିୟାଣା ଓଭରଅଲ୍ ଚାମ୍ପିୟନ ଓ ତାମିଲନାଡୁ ରନରଅପ୍ ହୋଇଛି। ପ୍ରତିଯୋଗିତାର ୫ମ ତଥା ଅନ୍ତିମ ଦିବସରେ ଓଡ଼ିଶାକୁ ଆଉ ୪ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ମିଳିଛି। ଓଁକାର ନନ୍ଦ, ଲକ୍ଷ୍ମୀପ୍ରିୟା କିଷାନ, ପ୍ରତୀକ ମହାରଣା ଓ ଦଣ୍ଡପତି ମୃତ୍ୟମ ଜୟରାମ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ପି. ଅର୍ପିତା ଅର୍ଚ୍ଚନା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୧୮ ବର୍ଷରୁ କମ୍ ବାଳକ ଶଟ୍‌ପୁଟ୍‌ରେ ୧୯.୯୬ ମିଟର ଥ୍ରୋ କରି ଓଁକାର ସ୍ୱର୍ଣ୍ଣ ପଦକ ପାଇଛନ୍ତି। ହରିୟାଣାର ନିଶ୍ଚୟ (୧୮.୭୮) ରୌପ୍ୟ ଓ ଉତ୍ତର ପ୍ରଦେଶର ଅଖଣ୍ଡ ପ୍ରତାପ ସିଂ (୧୮.୭୪) ବ୍ରୋଞ୍ଜ ଜିତିଛନ୍ତି। ସେହିପରି ୨୦ ବର୍ଷରୁ କମ୍ ମହିଳା ୮୦୦ ମିଟରରେ ଲକ୍ଷ୍ମୀପ୍ରିୟା ୨:୧୪.୪୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଛନ୍ତି। କର୍ନାଟକର ବୈଷ୍ଣବୀ ରାୱଲ (୨:୧୫.୧୦) ଓ ଉତ୍ତର ପ୍ରଦେଶର ଭିନିତା ଗୁର୍ଜାର (୨:୧୫.୧୩) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ୧୮ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସ୍‌ରେ ପ୍ରତୀକ ୨୧.୨୮ ସେକେଣ୍ଡ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ରାଜସ୍ଥାନର ଗଜେନ୍ଦ୍ର ସିଂ ୨୧.୭୮ ଓ କର୍ନାଟକର ସଇଦ ସବିର ୨୧.୯୩ ସେକେଣ୍ଡ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସ୍‌ରେ ଜୟରାମ ୨୧.୨୭ ସେକେଣ୍ଡ ନେଇ ସ୍ୱର୍ଣ୍ଣ ଜିତିଛନ୍ତି। ରାଜସ୍ଥାନର ଅଙ୍କିତ କୁମାର କାସ୍ୱାନ (୨୧.୩୪) ରୌପ୍ୟ ଓ ତାମିଲନାଡୁର ଜେ. ଗୋକୁଳ ପାଣ୍ଡିଆନ (୨୧.୪୦) ବ୍ରୋଞ୍ଜ ହାସଲ କରିଛନ୍ତି। ୨୦ ବର୍ଷରୁ କମ୍ ମହିଳା ଜାଭେଲିନ୍ ଥ୍ରୋରେ ଅର୍ପିତା ଅର୍ଚ୍ଚନା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୪୫.୧୪ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ହରିୟାଣାର ଦୀପିକା (୫୨.୪୫ ମିଟର) ଓ ଜ୍ୟୋତି (୪୮.୬୮) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି।

ଓଡ଼ିଶା ପଦକ ହାସଲକାରୀଙ୍କ ମଧ୍ୟରେ ଏକାକୀ ଜୟରାମ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଜୟରାମ, ଆସ୍ତିକ ପ୍ରଧାନ, ମହେନ୍ତ ସାନ୍ତା ଓ ରାଜେନ୍ଦ୍ର ସାହୁଙ୍କୁ ନେଇ ଗଠିତ ୨୦ ବର୍ଷରୁ କମ୍ ଓଡ଼ିଶା ପୁରୁଷ ୪x୧୦୦ ମିଟର ରିଲେ ଦଳ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲା। ସବିତା ଟପ୍ପୋ (ମହିଳା ୧୦୦ ମିଟର ହର୍ଡଲ୍ସ) ଓ ଆସ୍ତିକ ପ୍ରଧାନ(ପୁରୁଷ ୪୦୦ ମିଟର ରେସ୍) ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ଅନି ସାଲବାମ୍ ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର ଓ ସମୀକ୍ଷା ସ୍ମରଣିକା ବେହେରା ୧୪ ବର୍ଷରୁ କମ୍ ଟ୍ରାଇଥଲନ 'ବି' ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ।

# ଦିଲ୍ଲୀ ବିପକ୍ଷରୁ ଓଡ଼ିଶାର ଅଭିଯାନ

**ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ**

ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)

ଜାତୀୟ ସିନିୟର ପୁରୁଷ ଫୁଟବଲ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଆସନ୍ତା ୧୪ରୁ ୩୧ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶା ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ର ଅନ୍ୟ ଦଳ ଗୁଡ଼ିକ ହେଲେ ଗୋଆ, ଦିଲ୍ଲୀ, କେରଳ, ତାମିଲନାଡୁ ଓ ମେଘାଳୟ। ଆସନ୍ତା ୧୫ ତାରିଖରେ ଦିଲ୍ଲୀ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୧୭ରେ ଗୋଆ, ୧୯ରେ କେରଳ, ୨୨ରେ ତାମିଲନାଡୁ ଓ ୨୪ରେ ମେଘାଳୟକୁ ଭେଟିବ। ଫାଇନାଲ ରାଉଣ୍ଡ ମୁକାବିଲା ପାଇଁ ବୁଧବାର ୨୨ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ଅର୍ପଣ ଲାକ୍ରା ଅଧିନାୟକ ମନୋନୀତ ହୋଇଛନ୍ତି। ଗ୍ରୁପ୍ 'ଏ'ରେ ସର୍ଭିସେସ, ପଶ୍ଚିମବଙ୍ଗ, ମଣିପୁର, ତେଲେଙ୍ଗାନା, ଜମ୍ମୁ-କଶ୍ମୀର ଓ ରାଜସ୍ଥାନ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୨୬ ଓ ୨୭ରେ କ୍ୱାର୍ଟର ଫାଇନାଲ ଏବଂ ୨୯ରେ ସେମିଫାଇନାଲ ଅନୁଷ୍ଠିତ ହେବ।

**ଓଡ଼ିଶା ଦଳ:** ସଞ୍ଜୟ ହେମ୍ବ୍ରମ, ସିଦ୍ଧାନ୍ତ ପ୍ରଧାନ, ରାହୁଲ ଓରାମ, ଅବିନାଶ ମୁଦୁଲି, ଅଶୋକ ବାଗ୍, ବିସାଲ ଟିଗା, ମହେଶ ହାଁସଦା, ଶ୍ରୀକାନ୍ତ ଭୋଇ, ରାକେଶ ଓରାମ, ୱାଙ୍ଗଦାନ ଲାମା, ବିକାଶ କୁମାର ସାହୁ, ଅର୍ପଣ ଲାକ୍ରା (ଅଧିନାୟକ), ଚନ୍ଦ୍ର ମୋହନ ମୁର୍ମୁ, ରାକେଶ କୁମାର ସାହୁ, ଜନସନ ବାନ୍ଦ୍ରା, ପ୍ରକାଶ ନାଏକ, ରୋଶନ ପାନ୍ନା, ଅରବିନ ଲାକ୍ରା, କାର୍ତ୍ତିକ ହାନ୍ତାଳ, ଦୀନବନ୍ଧୁ ଦାସ, ଜିତୁ ମୁଦୁଲି, ରାହୁଲ ମୁଖି। ମୁଖ୍ୟ କୋଚ୍: ଅକ୍ଷୟ ଦାସ, ସହକାରୀ କୋଚ୍: ମହାବୀର ନାଥ ଓ ଅବନି ମୋହନ ମହାନ୍ତି, ମ୍ୟାନେଜର: ବିଶ୍ୱରଞ୍ଜନ ଘଡ଼େଇ, ଫିଜିଓ: ପ୍ରଭୁପାଦ ପ୍ରସାଦ।

# ବିଶ୍ୱକପ୍ ଆୟୋଜକ ଘୋଷଣା କଲା ଫିଫା

ଜୁରିଚ୍ ,୧୧।୧୨ (ପି.ଟି.)

୨୦୨୭ ମସିହାର ମହିଳା ଫୁଟବଲ ବିଶ୍ୱକପ ବ୍ରାଜିଲରେ ଓ ୨୦୩୪ର ପୁରୁଷ ବିଶ୍ୱକପ ସାଉଦି ଆରବରେ ଖେଳାଯିବ ବୋଲି ବୁଧବାର ଫିଫା ପକ୍ଷରୁ ଘୋଷଣା କରାଯାଇଛି। ଏହା ସହିତ ସ୍ପେନ୍,ମରକ୍କୋ, ପର୍ତ୍ତୁଗାଲ, ଉରୁଗୁଏ, ପାରାଗୁଏ ଓ ଆର୍ଜେଣ୍ଟିନା ମିଳିତ ଭାବରେ ୨୦୩୦ ସଂସ୍କରଣ ବିଶ୍ୱକପ ଆୟୋଜନ କରିବେ। ସମୁଦାୟ ୧୦୪ ମ୍ୟାଚ୍ ମଧ୍ୟରୁ ଉରୁଗୁଏ, ପାରାଗୁଏ ଓ ଆର୍ଜେଣ୍ଟିନାକୁ ଗୋଟିଏ ଲେଖାଏ ମ୍ୟାଚ୍ ମିଳିବ। ଫିଫାର ନୂତନ ନିୟମ ଅନୁସାରେ ଏହି ସମସ୍ତ ସଂସ୍କରଣରେ ୨୪ ପରିବର୍ତ୍ତେ ଦଳ ସଂଖ୍ୟା ୩୨କୁ ବୃଦ୍ଧି କରାଯାଇଛି। ସେହିପରି ଦକ୍ଷିଣ ଆମେରିକାରେ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। କନ୍‌ମେବଲର ୩ ସ୍ଥାନ ମଧ୍ୟରୁ ଗୋଟିଏ ସ୍ଥାନ ଆୟୋଜକ ବ୍ରାଜିଲ ନିକଟରେ ରହିଛି। ସେହିପରି ୟୁଫା ନିକଟରେ ସର୍ବାଧିକ ୧୧ ସ୍ଥାନ ରହିଛି। ଏଏଫ୍‌ସି ନିକଟରେ ୬ଟି ସ୍ଲଟ ଥିବା ବେଳେ ସିଏଏଫ୍ ଓ କନ୍‌କାକାଫ୍ ନିକଟରେ ୪ଟି ଲେଖାଏ ଓ ଓଏଫ୍‌ସି ନିକଟରେ ଗୋଟିଏ ସ୍ଲଟ୍ ବାକି ରହିଛି। ୨୦୨୩ ମହିଳା ବିଶ୍ୱକପ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବରେ ଆୟୋଜନ କରିଥିବା ବେଳେ ସ୍ପେନ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା।

**ଗତିକୃଷ୍ଣ ପଣ୍ଡା ସ୍ମାରକୀ ଫୁଟବଲ୍**

# ସିଲିକନ ଏଫ୍‌ସି ୨-୦ରେ ବିଜୟୀ

**ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ):** ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ବୁଧବାର ସିଲିକନ୍ ଏଫ୍‌ସି ବିଜୟୀ ହୋଇଛି। ଏହି ଦଳ ୨-୦ ଗୋଲରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଚକ୍ଷୁ କୀରଟ ଶ' ୨ ଓ ୩୦ ମିନିଟରେ ୨ଟି ଗୋଲ ଦେଇଥିଲେ। ବିଜୟୀ ଦଳର ସୋନମ ଜାଙ୍ଗପୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରଜତ ବଲ୍ଲଭ ଦାସ ଅତିଥିଭାବେ ଯୋଗଦେଇ


ସୋନମ ଜାଙ୍ଗପୋ ପୁରସ୍କୃତ ହେଉଛନ୍ତି।

ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ଦେହୁରି, ଚନ୍ଦ୍ରକାନ୍ତ ବାରିକ, ଶିବ ପ୍ରସାଦ ସାମନ୍ତରାୟ ଓ ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ। ଗୁରୁବାର ଏଓଜିଓ ନୟାପଲ୍ଲୀ ଓ ଲିଟା-ଆକରା ୟୁୱାନ ଜୁମିଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଆର୍ଥିକ କ୍ଷତି ସହିବ ପିସିବି

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

କରାଚୀ,୧୧।୧୨(ପି.ଟି.)

ଆଇସିସି ଚାମ୍ପିୟନ୍ସ ଟ୍ରଫି ଆୟୋଜନକୁ ନେଇ ହରଡଘଣାରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)। ଆସନ୍ତା ଫେବୃଆରୀ-ମାର୍ଚ୍ଚରେ ଏହି ଇଭେଣ୍ଟ ଆୟୋଜନ ହେବ। ଭାରତୀୟ କ୍ରିକେଟ ଦଳ ପାକିସ୍ତାନ ନ ଯିବା ପାଇଁ ଜିଦ୍‌ରେ ଅଟଳ ରହିଥିବା ବେଳେ ଏହା ପିସିବିକୁ ହରଡଘଣାରେ ପକାଇଛି। ଭାରତୀୟ ଦଳ ହାଇବ୍ରିଡ ମଡେଲରେ ପାକିସ୍ତାନ ବାହାରେ ଖେଳିବା ପାଇଁ ଦାବି କରିଥିବା ବେଳେ ପିସିବି ନିରାଶା ବ୍ୟକ୍ତ କରିଛି। ଏପରିକି ଟୁର୍ନାମେଣ୍ଟ ଆୟୋଜନରୁ ଓହରିବା ପାଇଁ ମଧ୍ୟ ଧମକ ଦେଇଛି। ତେବେ ଏହା ପରୋକ୍ଷରେ ପିସିବିକୁ ହିଁ କ୍ଷତି ପହଞ୍ଚାଇପାରେ। ଆଇସିସି ସହିତ ପିସିବି ଏକ ମେମ୍ବର୍ସ ପାର୍ଟିସିପେଶନ୍ ଏଗ୍ରିମେଣ୍ଟ(ଏମ୍‌ପିଏ) ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁସାରେ ଟୁର୍ନାମେଣ୍ଟ ଅଂଶଗ୍ରହଣର ଦେୟ ସହିତ ଆଇସିସି ଇଭେଣ୍ଟ ଆୟୋଜନ ଲାଭର ଅଂଶ ମଧ୍ୟ କ୍ରିକେଟ ବୋର୍ଡକୁ ମିଳିଥାଏ।

ସେହିପରି ପିସିବି ପାଇଁ ଅନ୍ୟ ଏକ ବଡ ସମସ୍ୟା ଭାବରେ ଉଭା ହୋଇଛି ପ୍ରସାରଣ ରାଇଟ୍ସ। ଆଇସିସି ଇଭେଣ୍ଟ ପାଇଁ ହୋଇଥିବା ଚୁକ୍ତି ଅନୁସାରେ ସମସ୍ତ ୮ ଦେଶ ଏହି ଟୁର୍ନାମେଣ୍ଟ ଖେଳିବାକୁ ସହମତି ପ୍ରକାଶ କରିବା ଆବଶ୍ୟକ। ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବାକୁ ଥିବାବେଳେ ଏହା ବ୍ରଡକାଷ୍ଟିଂ ଚୁକ୍ତିକୁ ନେଇ ମଧ୍ୟ ବିବାଦ ଦେଖାଦେଇଛି। ଉଭୟ ବିସିସିଆଇ, ପିସିବି ଓ ଆଇସିସି ମଧ୍ୟରେ ଅନୁଷ୍ଠିତ ବୈଠକରେ ହାଇବ୍ରିଡ ମଡେଲକୁ ଅନୁମତି ମିଳିଥିଲା। ପାକିସ୍ତାନ ସର୍ତ୍ତମୂଳକ ଭାବରେ ହାଇବ୍ରିଡ୍ ମଡେଲ ପାଇଁ ସହମତି ପ୍ରଦାନ କରିଥିଲା। ୨୦୨୭ ଯାଏ ଭାରତରେ ଆୟୋଜିତ ହେବାକୁ ଥିବା ସମସ୍ତ ଟୁର୍ନାମେଣ୍ଟରେ ପାକିସ୍ତାନ ହାଇବ୍ରିଡ ମଡେଲରେ ଖେଳିବ ବୋଲି କହିଥିଲା ପିସିବି। ଆଇସିସି ଏଥିରେ ସହମତି ପ୍ରକାଶ କରିଥିଲେ ମଧ୍ୟ କୌଣସି ଆଧିକାରିକ ଘୋଷଣା ହୋଇନାହିଁ।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୩ ରୌପ୍ୟ

**କାନୋଇ ସ୍ପ୍ରିଣ୍ଟ ଜାତୀୟ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡର ତେହରି ଡ୍ୟାମରେ ଚାଲିଥିବା ୩୫ତମ ଜାତୀୟ ସିନିୟର କାନୋଇ ସ୍ପ୍ରିଣ୍ଟ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ)ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଓଡ଼ିଶାକୁ ୨ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ମିଳିଛି। କେ୨ଡବ୍ଲ୍ୟୁ-୫୦୦ ମିଟରରେ ଓଇନମ ବିଦ୍ୟା ଦେବୀ ଓ ଓଇନମ ବିନିତା ଚାନୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି କେ୪ ଡବ୍ଲ୍ୟୁ-୧୦୦୦ ମିଟରରେ ଓଇନମ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଲେଇଚୋଙ୍ଗବାମ ସୋନିଆ ଓ ଖ୍ୱାଇରାକପାମ୍ ଧନମଞ୍ଜୁରୀ ଦେବୀଙ୍କୁ ନେଇ ଗଠିତ ଓଡ଼ିଶା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେ୧ଡବ୍ଲ୍ୟୁ -୧୦୦୦ ମିଟରରେ ଖ୍ୱାଇରାକପାମ୍ ଧନମଞ୍ଜୁରୀ ଦେବୀ, ସି୨ଡବ୍ଲ୍ୟୁ-୧୦୦୦ ମିଟରରେ ସଚିମା କେର୍କେଟା ଓ ମୋଇରାଙ୍ଗଥେମ୍ ସୋଫିଆ ଦେବୀ ଏବଂ କେ୨ଏମ୍-୧୦୦୦ ମିଟରରେ ସାଗର କୁମାର ଓ ଦେବ୍ ଚୌଧାରୀ ରୌପ୍ୟ ପଦକ ଅର୍ଜନ କରିଛନ୍ତି।



ଜାତୀୟ ଚାମ୍ପିୟନଶିପ୍ ଅବସରରେ ଦୁଇ ପ୍ରତିଯୋଗୀ।

# ବିଜୟ ହଜାରେ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ ସିଜନ ଅନ୍ତର୍ଗତ ଜୟପୁରରେ ହେବାକୁଥିବା ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। ସନ୍ଦିପ ପଟ୍ଟନାୟକଙ୍କୁ ଦଳର ଅଧିନାୟକ କରାଯାଇଥିବାବେଳେ ଆଶୀର୍ବାଦ ସ୍ୱାଇଁ, ତାପସ ଦାସ, ସୁମିତ ଶର୍ମା, ଜାମଳା ଭଞ୍ଜନ ମହାପାତ୍ର ଓ ଅନିଲ ପରିଡ଼ା ପ୍ରଥମଥରପାଇଁ ସୁଯୋଗ ପାଇଛନ୍ତି। ୨୧ ତାରିଖରେ ଗୋଆ ବିପକ୍ଷରୁ ଓଡ଼ିଶା ଅଭିଯାନ ଆରମ୍ଭ କରିବ।

**ଓଡ଼ିଶା ଦଳ:** ସନ୍ଦିପ ପଟ୍ଟନାୟକ (ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ତରନି ସା, ତାପସ ଦାସ, ସୁମିତ ଶର୍ମା, ଜାମଳା ଭଞ୍ଜନ ମହାପାତ୍ର, ଅଭିଷେକ ରାଉତ, ଅନିଲ ପରିଡ଼ା, ସର୍ବେଶ୍ୱର ମହାନ୍ତି, ରାକେଶ ପଟ୍ଟନାୟକ, ପ୍ରୟାଂଶ କୁମାର ସିଂ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ